ପ୍ରାଚୀ ଗ୍ରନ୍ଥମାଳା

ଏକବିଂଶ

ନଳଚରିତ

ମଧୁସୂଦନ

Prescribed by the Utkal University for the Matriculation Classes.

ନଳ ଚରିତ

ମଧୁସୂଦନ ଦାସ

ମୂଲ୍ୟ ଛଅ ଅଣା ମାତ୍ର
ଅତିରିକ୍ତ ଛଅ ପଇସା

୧୯୪୭ ମସିହା
ଅଷ୍ଟମ ମୁଦ୍ରଣ—୩୦୦୦

ଟୀକା ଓ ମୁଖବନ୍ଧ ସହ
ପ୍ରାଚୀ ସମିତି ପକ୍ଷରୁ

ଷ୍ଟୁଡେଣ୍ଟସ୍ ଷ୍ଟୋର
ଦ୍ୱାରା ପ୍ରକାଶିତ

ସର୍ବସ୍ୱତ୍ୱ ସଂରକ୍ଷିତ

ମୁଖବନ୍ଧ

ଅନେକ ମନେ କରୁଥାଆନ୍ତି ଯେ, ଏହି ବିଂଶ ଶତାବ୍ଦୀର ଆନ୍ତର୍ଜାତିକ ସମ୍ପର୍କ ଆମ୍ଭମାନଙ୍କର ଜାତୀୟ ସାହିତ୍ୟର ଅଗ୍ରଗତିକୁ ବହୁତୋମୁଖୀ କରିପାରିଛି । ତାହାର ଫଳରେ ନାନା ଶ୍ରେଣୀର ଓ ନାନା ରୁଚିର ଅନୁକୂଳ ସାହିତ୍ୟ ଗଠିତ ହେଉଅଛି । କୌଣସେ କୌଣସି ପ୍ରାଦେଶିକ ସାହିତ୍ୟ ପକ୍ଷରେ ଏ ଯୁକ୍ତି ଖଟିପାରେ, କିନ୍ତୁ ଓଡ଼ିଆ ସାହିତ୍ୟ ପକ୍ଷରେ ଏହା ପ୍ରଯୁଜ୍ୟ ନୁହେଁ । ପ୍ରାଚୀନ କାଳରେ ଓଡ଼ିଶାର କବିସମ୍ପ୍ରଦାୟ ସକଳ ଶ୍ରେଣୀର ସାହିତ୍ୟ ସୃଷ୍ଟି କରି ଯାଇଅଛନ୍ତି । ଶିଶୁ ମନର ଉପଯୋଗୀ ସରଳ ତରଳ ଶିଶୁ-ସାହିତ୍ୟ, ଯୁବକ ପ୍ରାଣର ଉଲ୍ଲାସପ୍ରଦ ଲଳିତ ମଧୁର କାବ୍ୟ ଏବଂ ବିଷୟ-ବିରାଗୀ ତଥା ଶ୍ରେୟଃକାମୀ ବୃଦ୍ଧ ଜୀବନର ପ୍ରଶମାନୁକୂଳ ଆଧ୍ୟାତ୍ମିକ ଗ୍ରନ୍ଥ ଆଦି ସକଳ ପ୍ରକାର ସାହିତ୍ୟବିଭବ ଉତ୍କଳବାଣୀଙ୍କ ମନ୍ଦିରରେ ପୁଞ୍ଜୀଭୂତ । ଆମ୍ଭମାନଙ୍କର ବର୍ତ୍ତମାନ ଆଲୋଚ୍ୟ କବି ମଧୁସୂଦନଙ୍କ ପ୍ରଣୀତ 'ନଳଚରିତ' କାବ୍ୟଟି ଶିଶୁମନର ସରଳକଳ୍ପନାକୁ ଉଦ୍‌ବୋଧିତ କରିବା ଉଦ୍ଦେଶ୍ୟରେ ଗଢ଼ା ଏବଂ ଅର୍ଦ୍ଧଶିକ୍ଷିତ ଜନସାଧାରଣଙ୍କର ରୁଚିକୁ ପରିମାର୍ଜିତ କରି କ୍ରମେ ଉନ୍ନତ ଧରଣର ସାହିତ୍ୟ ବା କଳାକୌଶଳ ପ୍ରତି ଆକୃଷ୍ଟ କରିବାପାଇଁ ଉନ୍ମୁଖ । ବର୍ତ୍ତମାନ ଯୁଗ ପରି ପ୍ରାଚୀନ ଯୁଗରେ ଗଦ୍ୟ ଲେଖାର ବହୁଳ ପ୍ରଚଳନ ଦେଶରେ ନ ଥିବାରୁ କବି ମଧୁସୂଦନ ଜନସାଧାରଣଙ୍କ ସରଳ ମାନସିକତା ପ୍ରତି ଲକ୍ଷ୍ୟ ରଖି ଏ କାବ୍ୟଟି ପଦ୍ୟରେ ଲେଖି ଅଛନ୍ତି । ତେଣୁ କାବ୍ୟକଳାର ଉନ୍ନତ

ପରାକାଷ୍ଠା ବା କବିକଳ୍ପନାର ଚମତ୍କାରିତା ନଳଚରିତରେ ଲକ୍ଷିତ ହୁଏ ନାହିଁ।

ମହାଭାରତର ବନପର୍ବ ଅନ୍ତର୍ଗତ ନଳ-ଦମୟନ୍ତୀ ଉପାଖ୍ୟାନ ଯେପରି ଚିତ୍ତାକର୍ଷକ ସେହିପରି ମଧ୍ୟ ଶିକ୍ଷାପ୍ରଦ। ପ୍ରାଚୀନ ଯୁଗରେ ଏକାଧିକ କବି ସେହି ଉପାଖ୍ୟାନର ଅବଲମ୍ବନରେ ଗ୍ରନ୍ଥମାନ ରଚନା କରିଥିବାର ଦେଖାଯାଏ। ଶୂଦ୍ରମୁନି ସାରଳା ଦାସଙ୍କ ପ୍ରଣୀତ ଓଡ଼ିଆ 'ମହାଭାରତରେ' ସେ ବର୍ଣ୍ଣନାର ଉଲ୍ଲେଖ ଦେଖାଯାଏ; କିନ୍ତୁ ସେଥିରେ ସ୍ଥାନେ ସ୍ଥାନେ ମୂଳ ମହାଭାରତ ତୁଳନାରେ ଘଟଣା ପରମ୍ପରାର ସାମାନ୍ୟ ଇତର ବିଶେଷ ହୋଇଥିବାର ପରିଚୟ ମିଳେ। ତା' ଛଡ଼ା ଶିଶୁ ଈଶ୍ୱର ଦାସ ନାମକ ଅନ୍ୟ ଏକ ଉତ୍କଳୀୟ କବି ଏହି କଥାଭାଗର ଅବଲମ୍ବନରେ 'ନଳରାମଚରିତ' ନାମକ ଅନ୍ୟ ଏକ ଗ୍ରନ୍ଥ ଲେଖିଥିବାର ଜଣାଯାଇଅଛି। ଆମ୍ଭମାନଙ୍କର କବି ମଧୁସୂଦନ ରାଓଙ୍କ 'ନଳ-ଚରିତ'ରେ ମୂଳ ମହାଭାରତର ଉପାଖ୍ୟାନ ଅଂଶକୁ ପୂର୍ଣ୍ଣଭାବରେ ଗ୍ରହଣ କରି ନ ଥିଲେହେଁ ଶୂଦ୍ରମୁନିଙ୍କ ପରି ନାନା ଅବାନ୍ତର କାଳ୍ପନିକ ବର୍ଣ୍ଣନାକୁ ଅବଶ୍ୟ କାବ୍ୟ ମଧ୍ୟରେ ସ୍ଥାନ ଦେଇ ନାହାନ୍ତି। ସେ ସାରଳା ମହାଭାରତ ପାଠ କରିଥିବେ; କିନ୍ତୁ ମୂଳ ମହାଭାରତ ନିଜେ ପାଠ କରି ନାହାନ୍ତି ବୋଲି ଅନୁମିତ ହୁଏ। ଏପରି ହେଲେ ସୁଦ୍ଧା ପୁରାଣକାରମାନଙ୍କ ମୁଖରୁ ତାହାର ବ୍ୟାଖ୍ୟା ଶୁଣିବାର ସୁଯୋଗ ନିଶ୍ଚୟ ତାଙ୍କ ଭାଗ୍ୟରେ ଘଟିଥିବ। ତେଣୁ 'ନଳ-ଚରିତ'ର କଥାବସ୍ତୁରେ ମୂଳ ମହାଭାରତଠାରୁ ପାର୍ଥକ୍ୟ ଲକ୍ଷିତ ହେବାର କିଛି ବିଚିତ୍ରତା ନାହିଁ। ପୁରାଣମାନଙ୍କରେ ଯେପରି ଶ୍ରୋତା ଓ ବକ୍ତାର ଅବତାରଣା କରାଯାଇ ବର୍ଣ୍ଣନୀୟ ବିଷୟଟିର

ସୂଚପାତ କରାଯାଏ, ଏ ସ୍ଥଳରେ ଠିକ୍ ତାହାହିଁ ହୋଇଅଛି । ସୀତା ହରଣରେ ଅଧୀର ହୋଇ ରାମ ଯେତେବେଳେ ବିଷାଦ-ମଳିନ ମୁଖରେ ବସି ନାନା କଳ୍ପନା ଜଳ୍ପନାରେ ବ୍ୟସ୍ତ, ସେତେବେଳେ ମହର୍ଷି ମାର୍କଣ୍ଡେୟ ସେଠାରେ ଉପସ୍ଥିତ ହୋଇଅଛନ୍ତି ଏବଂ ରାମଙ୍କର ଦୁଃଖ ଦୁର୍ଦ୍ଦଶାରେ ସମବ୍ୟଥା ଅନୁଭବ କରି ଆଶ୍ୱାସନା ପ୍ରଦାନରେ ତାଙ୍କ ହୃଦୟ ଭାରକୁ ଲଘୁ କରିବାପାଇଁ ତାଙ୍କ ଅପେକ୍ଷା ଅଧିକତର ଦୁଃଖୀ ନଳରାଜାଙ୍କ ଚରିତ ଶୁଣାଇ ଅଛନ୍ତି । ଏଥିରେ ରାମ ଶ୍ରୋତା ଓ ମାର୍କଣ୍ଡେୟ ମୁନି ବକ୍ତା । ମୂଳ ମହାଭାରତ ଅନୁସାରେ ମହର୍ଷି ବୃହଦଶ୍ୱ ବକ୍ତା ଓ ଧର୍ମାତ୍ମା ଯୁଧିଷ୍ଠିର ଶ୍ରୋତା; କିନ୍ତୁ ସାରଳା ମହାଭାରତରେ ବ୍ୟାସଦେବ ବକ୍ତା ଓ ଯୁଧିଷ୍ଠିର ଶ୍ରୋତା ।

ପ୍ରଥମ ଛାନ୍ଦ—ମୂଳ ମହାଭାରତରେ ପ୍ରଥମ ଛାନ୍ଦ ବର୍ଣ୍ଣିତ କଥା ଟିକିଏ ଇତର ବିଶେଷ ଭାବରେ ଅଛି । ସେଥିରୁ ଜଣାଯାଏ ଯେ, ଅଶ୍ୱବିଦ୍ୟାରେ ନଳଙ୍କର ଭଲ ଜ୍ଞାନ ଥିଲା ଏବଂ ପଶା ଖେଳିବାକୁ ସେ ଖୁବ୍ ଭଲ ପାଉଥିଲେ । ଦମୟନ୍ତୀଙ୍କ ପ୍ରସଙ୍ଗରେ ଲେଖାଅଛି ଯେ, ସେ ଆଗରୁ ନଳଙ୍କର ରୂପଗୁଣର ପ୍ରଶଂସା ଲୋକମୁଖରୁ ଶୁଣି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ନଳଙ୍କ ପ୍ରାଣରେ ସେତେବେଳେ ଦମୟନ୍ତୀଙ୍କ ସହ ମିଳିତ ହେବାର ବାସନା ପ୍ରବଳ ଭାବରେ ବଢ଼ି ଉଠିଲା, ସେତେବେଳେ ସେ ଅନ୍ତଃପୁର ନିକଟରେ ଥିବା କାନନରେ ନିର୍ଜନବାସ କଲେ । ଥରେ କେତେ ସୁବର୍ଣ୍ଣପକ୍ଷଭୂଷିତ ହଂସ ସେଠାରେ ବିଚରଣ କରୁଥିବାର ଦେଖି ସେ ସେମାନଙ୍କ ମଧ୍ୟରୁ ଗୋଟିଏ ହଂସକୁ ଧରିଲେ । ହଂସଟି ପ୍ରାଣଭୟରେ ବହୁତ ଅନୁନୟ ବିନୟ

କରି କହିଲା, "ମୋତେ ମାରନ୍ତୁ ନାହିଁ, ମୁଁ ଆପଣଙ୍କର ଅଶେଷ ଉପକାର କରିବି"—ଇତ୍ୟାଦି ଇତ୍ୟାଦି । ସ୍ୱୟମ୍ବର ପ୍ରସଙ୍ଗରୁ ମିଳେ ଯେ, ମହର୍ଷି ନାରଦଙ୍କଠାରୁ ଇନ୍ଦ୍ରାଦି ଦିଗପାଳଗଣ ଦମୟନ୍ତୀଙ୍କ ବିବାହ ସମ୍ବାଦ ଶୁଣି ବିଦର୍ଭ ଦେଶକୁ ଯାଇଥିଲେ ଏବଂ ପଥରେ ନଳଙ୍କୁ ଦେଖି ଦୂତରୂପେ ମଧ୍ୟ ପଠାଇଲେ । ଦମୟନ୍ତୀଙ୍କ ବରମାଲ୍ୟ ପ୍ରଦାନ ସମ୍ପର୍କରେ ଲେଖାଅଛି ଯେ, ଯେତେବେଳେ ନଳଙ୍କ ଗଳାରେ ବରଣମାଳା ଅର୍ପିତ ହେଲା, ସେତେବେଳେ ସଭାସ୍ଥିତ ସକଳ ରାଜା ତାଙ୍କର ପ୍ରଶଂସା କରିଥିଲେ । ପରେ ପତିପତ୍ନୀ ଉଭୟେ ଇନ୍ଦ୍ରାଦି ଦିଗପାଳମାନଙ୍କୁ ଦର୍ଶନ କରି ମନେ ମନେ ସେମାନଙ୍କର ଶରଣାପନ୍ନ ହେବାରୁ ସେମାନେ ପ୍ରୀତ ହୋଇ ଆଠଗୋଟି ବର ପ୍ରଦାନ କରିଥିଲେ ।

ଶୂଦ୍ରମୁନି ସାରଳାଦାସଙ୍କ ମହାଭାରତ ଅନୁସାରେ କୁଞ୍ଜିକୁଟ ନଦୀତୀରରେ ଥିବା ନିଷଧ ଦେଶର ରାଜାଙ୍କ ନାମ ନିଷଧ ଏବଂ ରାଣୀଙ୍କ ନାମ ରତ୍ନମତୀ । ନଳକୁମର ଏହି ନିଷଧଙ୍କର ପୁତ୍ର । ସ୍ୱର୍ଣ୍ଣହଂସ ପ୍ରସଙ୍ଗରେ ଲେଖାଅଛି ଯେ, ସେ ଯେତେବେଳେ ନଳଙ୍କର ପ୍ରିୟକାର୍ଯ୍ୟ କରିବାକୁ ପ୍ରତିଜ୍ଞା କଲା, ସେ ସେତେବେଳେ ତାହାକୁ ଅନେକ ବସ୍ତ୍ରଭୂଷଣରେ ଭୂଷିତ କରି ବିଦର୍ଭ ଦେଶକୁ ପଠାଇଥିଲେ । ହଂସଟି ଦମୟନ୍ତୀଙ୍କୁ ନଳଙ୍କ ରୂପଗୁଣର ପ୍ରଶଂସା ଶୁଣାଇବା ସଙ୍ଗେ ସଙ୍ଗେ ତାଙ୍କର ଗୋଟିଏ ଚିତ୍ରପଟ ମଧ୍ୟ ଦେଖାଇଥିଲା—ଇତ୍ୟାଦି ଇତ୍ୟାଦି । ଏହାଛଡ଼ା ଅନ୍ୟାନ୍ୟ ବର୍ଣ୍ଣନାମାନ ନଳଚରିତ ଓ ମୂଳ ମହାଭାରତର ଅନୁରୂପ; କିନ୍ତୁ ମୂଳ ମହାଭାରତର ଦିଗପାଳମାନଙ୍କର ବରଦାନ ପ୍ରସଙ୍ଗ ଏଥିରେ ଆଦୌ ସ୍ଥାନ ପାଇ ନାହିଁ ।

ଦ୍ୱିତୀୟ ସ୍କନ୍ଧ—ମୂଳ ମହାଭାରତରୁ ମିଳେ ଯେ, କଳି ଓ ଦ୍ୱାପର ନଳ ରାଜାଙ୍କର କୌଣସି ଛିଦ୍ର ନ ପାଇ ବାରବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ । ବାରବର୍ଷ ପରେ ଥରେ ସେ ପ୍ରସ୍ରାବ କରି ଶୁଚି ନ ହୋଇ ସନ୍ଧ୍ୟା କଲେ । ଏହି ଅନ୍ୟାୟ ଦେଖି କଳି ତାଙ୍କ ଦେହରେ ପ୍ରବେଶ କଲା ଏବଂ ଅନ୍ୟ ଏକ ରୂପ ଧରି ତାଙ୍କ ଭାଇ ପୁଷ୍କରକୁ ତାଙ୍କ ସଙ୍ଗେ ପଶା ଖେଳିବାକୁ ପ୍ରବର୍ତ୍ତାଇଲା । ତହୁଁ ପୁଷ୍କର ତାଙ୍କୁ ପଶା ଖେଳିବାକୁ ଡାକିଲା । ଏହି ସମୟରେ କଳି ଗୋଟିଏ ବୃଷରୂପ ଧରି ସେଠାରେ ବୁଲୁଥାଏ । ସେହି ବୃଷକୁ ପଣ ରଖି ଖେଳିବାକୁ ପୁଷ୍କର ପ୍ରସ୍ତାବ କଲା । ନଳ ଆଉ ସହି ନ ପାରି ତାହା ସଙ୍ଗେ ପଶା ଖେଳି କ୍ରମେ କ୍ରମେ ସବୁ ହାରିଲେ । ରାଜାଙ୍କ ମତିଗତି ବଦଳାଇ ଭଲ ବାଟକୁ ଆଣିବାପାଇଁ ଦମୟନ୍ତୀ ଅନେକ ଚେଷ୍ଟା କଲେ; କିନ୍ତୁ କାହିଁରେ କିଛି ଫଳ ହେଲା ନାହିଁ । ତହୁଁ ସେ ପୁଅଝିଅ ଦୁହିଁଙ୍କୁ ରଥରେ ବସାଇ ସାରଥି ବାର୍ଷ୍ଣେୟ ସଙ୍ଗରେ ନିଜର ବାପ ଘରକୁ ପଠାଇଦେଲେ । ସାରଥି ସେମାନଙ୍କୁ ବାପଘରେ ଛାଡ଼ିଦେଇ ଭୀମରାଜଙ୍କୁ ସବୁ କଥା ଜଣାଇଲା ଏବଂ ଶେଷରେ ଅଯୋଧ୍ୟାର ଋତୁପର୍ଣ୍ଣ ରାଜାଙ୍କ ପାଖକୁ ଯାଇ ତାଙ୍କର ସାରଥି ହୋଇ ରହିଲା ।

ସାରଳା ମହାଭାରତରୁ ଜଣାଯାଏ ଯେ କଳି ପୀଡ଼ାରେ ନଳ ବୁଦ୍ଧି ହରାଇ ସବୁବେଳେ ନିଜର ସ୍ତ୍ରୀ ସଙ୍ଗରେ ପଶା ଖେଳିବାକୁ ଲାଗିଲେ । ଏ ଖେଳରେ ଦ୍ୱାପର ସାରି ଏବଂ କଳି କାଠି ହୋଇଥାଏ । ପଶା ଖେଳରେ ରାଜାଙ୍କର ପ୍ରତିପତ୍ତି ଓ ପ୍ରଶଂସା ଶୁଣି ପୁଷ୍କର ତାଙ୍କର ପ୍ରତିଦ୍ୱନ୍ଦୀ ହୋଇ ଖେଳିଲା । ବାଜି ରଖି ଖେଳୁ ଖେଳୁ ନଳ ଶେଷରେ ରାଜ୍ୟ ଧନସମ୍ପଦ ସବୁ

ହାରିଲେ । ଏହା ଦେଖି ଦମୟନ୍ତୀ ଇନ୍ଦ୍ର, ମର୍ଦ୍ଦନ ଓ ବ୍ରହ୍ମ ନାମରେ ତିନି ପୁଅଙ୍କୁ ଓ ଜେମା ନାମରେ ଗୋଟିଏ ଝିଅଙ୍କୁ ମାମୁ ଘରକୁ ପଠାଇଦେଲେ ।

ତୃତୀୟ ସ୍ଥାନ—ମୂଳ ମହାଭାରତର ବର୍ଣ୍ଣନା ଅବିକଳ ଏହାର ଅନୁରୂପ । ନଳଙ୍କୁ ସାହାଯ୍ୟ ସହାନୁଭୂତି ନ ଦେଖାଇବା ପାଇଁ ପୁଷ୍କରଙ୍କର ଯେଉଁ ଘୋଷଣା ପ୍ରଚାର ନଳଚରିତରୁ ମିଳେ, ସାରଳା ମହାଭାରତରେ ତାହାର ଉଲ୍ଲେଖ ଦେଖାଯାଏ ନାହିଁ ।

ଚତୁର୍ଥ ସ୍ଥାନ—ମୂଳ ମହାଭାରତକାର ନଳ-ଉପାଖ୍ୟାନର ଏହି ଅଂଶଟି ଯେପରି ଭାବରେ ରଚିତ କରିଅଛନ୍ତି, ତହିଁରେ ଅନେକ ଐତିହାସିକ ଓ ଭୌଗୋଳିକ ବିବରଣ ସ୍ଥାନ ପାଇ-ଅଛି । ତେବେ ଏ ସ୍ଥଳରେ ଜନସାଧାରଣଙ୍କ ସରଳ ମନର ଉପଯୋଗୀ କରି କବି ମଧୁସୂଦନ ନଳଚରିତର ମହତ୍ତ୍ୱ ଫୁଟାଇବାକୁ ଚେଷ୍ଟା କରିଥିବାରୁ ସେ ସମସ୍ତ ପରିହାର କରିବା ତାଙ୍କ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହୋଇଅଛି ବୋଲି ଆମ୍ଭ-ମାନଙ୍କର ଧାରଣା । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବର୍ଣ୍ଣନାମାନ ନଳଚରିତର ଅନୁରୂପ ବୋଲି କୁହାଯାଇପାରେ । ତେବେ ପାର୍ଥକ୍ୟ ଭିତରେ ଏତିକି ଯେ, ସୁବାହୁ-କଟକରେ ଦୁଷ୍ଟଅ-ମାନେ ଦମୟନ୍ତୀଙ୍କୁ ମାଡ଼ଦେବା କଥା ଯାହା କବି ବର୍ଣ୍ଣନା କରିଅଛନ୍ତି, ତାହା ମୂଳ ମହାଭାରତରେ ନାହିଁ । ତାହା ଛଡ଼ା ସୁବାହୁଙ୍କ ଭଗିନୀ ମୂଳ ମହାଭାରତର ସୁପ୍ରତିଷ୍ଠା ନାମରେ ନାମିତ ନ ହୋଇ ସୁନନ୍ଦା ନାମରେ ଅଭିହିତ ହୋଇଅଛନ୍ତି ।

ସାରଳା ମହାଭାରତର ବର୍ଣ୍ଣନା ଅନୁସାରେ ଦମୟନ୍ତୀ ପ୍ରଥମେ ଅଜଗର ମୁହଁରୁ ଓ ପରେ ଶବରର ହାତରୁ ଆତ୍ମରକ୍ଷା

କରି ଶେଷରେ କାବେରୀ ନଈ କୂଳରେ ଦିନେ ବଣିକଙ୍କୁ ନଳଙ୍କ ସମ୍ବାଦ ପଚାରିଥିଲେ । ବଣିକ ଦଳର ନେତା ତାଙ୍କ ରୂପର ମୋହରେ ମୁଗ୍ଧ ହୋଇ ବିବାହ କରିବାକୁ ଇଚ୍ଛାପ୍ରକାଶ କରିବାରୁ ସେ ତାଙ୍କୁ ଅଭିଶାପ ଦେଇ ସେଠାରୁ ବୈଶ୍ୟ ନାମକ ଏକ ଦେଶକୁ ଚାଲିଗଲେ । ଏଣେ ରାତିରେ ଦଳେ ମତୁଆଲା ହାତୀ କାବେରୀ କୂଳର ସେହି ବଣିକ ମଣ୍ଡଳରେ ପଶି ସେମାନଙ୍କୁ ଛିନ୍ନଭିନ୍ନ କରିଦେଲେ । ତା ପରେ ଦମୟନ୍ତୀ କ୍ରମେ ବସୁ ନାମକ ଦେଶରେ ପହଞ୍ଚିଲେ । ସେଠାରେ ଋତୁଲ ନାମକ ନାଗମାତା ତାହାଙ୍କୁ ଦେଖି ଆଶ୍ରୟ ଦେଲେ । ଏଣେ ଦମୟନ୍ତୀଙ୍କ ପିତା ଭୀମରାଜା କନ୍ୟାର ସନ୍ଧାନପାଇଁ ଚାରିଆଡ଼େ ଯେଉଁ ଚାରମାନଙ୍କୁ ପଠାଇଥିଲେ ସେମାନଙ୍କ ମଧ୍ୟରୁ ସୁଦେବ ନାମରେ ଗୋଟିଏ ଚାର ଋଜସ୍ୱା ନଗରରେ ପହଞ୍ଚି ସେଠାରେ ପାଞ୍ଚଦିନ ରହିଲା ପରେ ଦିନେ ଦମୟନ୍ତୀ ଗଙ୍ଗାକୁ ଗାଧୋଇ-ବାକୁ ଯାଉଥିବାର ଦେଖିଲା । ଉଭୟେ ପରସ୍ପରକୁ ଚିହ୍ନି ପାରିଲେ । କ୍ରମେ ଏ ସମ୍ବାଦ ଋତୁଲଙ୍କ କାନରେ ବାଜିଲା । ସେ ସୁଦେବଙ୍କୁ ଡକାଇ ସବୁକଥା ପଚାରି ବୁଝିଲେ ଏବଂ ପରେ ନିଜେ ଦମୟନ୍ତୀଙ୍କୁ ନେଇ ବିଦର୍ଭ ଦେଶରେ ଛାଡ଼ି ଆସିଲେ ।

ପଞ୍ଚମ ସ୍ଥାନ—ମୂଳ ମହାଭାରତରୁ ଜଣାଯାଏ ଯେ, କର୍କୋଟକ ନାଗ ନାରଦଙ୍କ ଅଭିଶାପରେ ଅଚଳ ହୋଇ ବଣରେ ପଡ଼ିଥିଲା । ନଳ ତାହାକୁ ହାତରେ ଧରି ଦଶପହଣ୍ଡ ଦୂରକୁ ନଅନ୍ତେ ସେ ତାହାଙ୍କୁ ଦଂଶନ କଲା ଏବଂ ନିଜ ରୂପ ଧରି କହିଲା—"କେହି କାଳେ ଆପଣଙ୍କୁ ନଳ ବୋଲି ଚିହ୍ନି ପାରିବେ, ସେହି ଆଶଙ୍କାରେ ମୁଁ ଦଂଶନ କରି ଆପଣଙ୍କୁ ବିରୂପ କଲି । ଆପଣ ମୋ ବିଷଜ୍ୱାଳାରେ କିଛି କଷ୍ଟ ପାଇବେ

ନାହିଁ; କିନ୍ତୁ ଯେ ଆପଣଙ୍କୁ ଏତେ ବିପତ୍ତି ଦେଉଛି, ସେ ଆପଣଙ୍କ ଦେହରେ ଥିବା ପର୍ଯ୍ୟନ୍ତ କଷ୍ଟ ପାଉଥିବ । ମୋ ଅନୁଗ୍ରହରୁ ଆଉ ଏଣିକି କେହି ଆପଣଙ୍କର କିଛି ଅନିଷ୍ଟ କରି ପାରିବେ ନାହିଁ । ଆଉ ବିଳମ୍ବ ନ କରି ଆପଣ ଅଯୋଧ୍ୟାର ରାଜା ଋତୁପର୍ଣ୍ଣଙ୍କ ପାଖକୁ ଯାଆନ୍ତୁ ଏବଂ ବାହୁକ ସାରଥି ବୋଲି ଆପଣାର ପରିଚୟ ଦିଅନ୍ତୁ । ପଶାଖେଳରେ ସେ ରାଜାଙ୍କର ଖୁବ୍ ଦକ୍ଷତା ଅଛି । ସେ ଆପଣଙ୍କ ଠାରୁ ଅଶ୍ୱବିଦ୍ୟା ଶିଖି ପଶାଖେଳର କୌଶଳ କହିଦେବେ ଏବଂ ତାହାରି ବଳରେ ପୁନର୍ବାର ଆପଣଙ୍କ ଭାଗ୍ୟ ଫେରି ଆସିବ ଓ ରାଜ୍ୟ, ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କ ସଙ୍ଗେ ମିଳନ ଘଟିବ ।" ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବର୍ଣ୍ଣନାମାନ ନଳଚରିତର ଅନୁରୂପ ।

ସାରଳା ମହାଭାରତରୁ ଜଣାଯାଏ ଯେ, ଦମୟନ୍ତୀ ବାପଘରେ ପାଞ୍ଚବର୍ଷ ରହିଲା ପରେ ନଳଙ୍କୁ ନ ପାଇ ଚିତାରେ ପଶି ପ୍ରାଣ ହରାଇବା ଠିକ୍ କଲେ । ତହୁଁ ତାଙ୍କର ମା ଏ କଥା ଶୁଣି ନଳଙ୍କୁ ଖୋଜିବା ପାଇଁ ଚାରିଆଡ଼କୁ ଚାର ପଠାଇଲେ । ଏପରି ସମୟରେ କଳିକାଳ କପଟରେ ଗୋଟିଏ ଶବର ବେଶ ଧରି ବିଦର୍ଭ ଦେଶବାଟେ ଯାଉଥିଲା । ଦମୟନ୍ତୀ ତାକୁ ନଳଙ୍କ ସନ୍ଦେଶ ପଚାରିଲାକ୍ଷଣି ସେ କାନ୍ଦି କାନ୍ଦି କହିଲା—"କର୍କୋଟକ ନାଗ ତାଙ୍କୁ ଗିଳି ଦେଉଥିବା ବେଳେ ମୁଁ ସେଠାରେ ପହଞ୍ଚି-ଗଲି । ମୋତେ ଦେଖି ସେ ହାତରୁ ମୋହ-ବିଦମାଳି ଫିଟାଇ ତୁମକୁ ଦେବାପାଇଁ ମୋତେ ଦେଲେ । ଆଜିକି ପ୍ରାୟ ନଅ ମାସ ହେଲା ମୁଁ ତୁମକୁ ଖୋଜି ଖୋଜିକା ବୁଲୁଛି ।" ଏହା କହି ସେ ମୋହ-ବିଦମାଳିକି ତାଙ୍କ ଆଗକୁ ଫିଙ୍ଗି ଦେଲା । ତାହାକୁ ଦେଖି ଦମୟନ୍ତୀ ଅତି ବିକଳରେ ନଳଙ୍କୁ ଝୁରି ଝୁରିକା

କେତେକ ସମୟ ପରେ ମରିଗଲେ । ତାଙ୍କର ପୁଅଝିଅ ଦିନୋଟି ମାଆଙ୍କୁ ହରାଇ ଅତି କାତରରେ ଅନାଥଙ୍କ ପରି ବୋବାଳି ଛାଡୁଥାଆନ୍ତି ଏବଂ ବିଦର୍ଭ ନଗରର ସମସ୍ତେ ମଧ୍ୟ ଏ ଘଟଣାରେ ଆଖିରେ ଲୁହ ରଖି ପାରୁ ନ ଥାନ୍ତି । ନାଗମାତା ବିହୁଳା ଏ ଖବର ପାଇ ରାଗରେ ଗରଗର ହେଲା ଏବଂ ନିଜର ବାପ କମଳା ମହାନାଗ ଆଗରେ ଏ କଥା ଜଣାଇଲା । ସେ ସାଙ୍ଗେ ସାଙ୍ଗେ କର୍କୋଟକକୁ ସୁମରଣା କରି ସବୁ ବିଷୟ ପଚାରି ବୁଝିଲା ବେଳକୁ କଥାଟା ଏକଦମ ମିଛ ବୋଲି ଜଣା ପଡ଼ିଲା । କଳିକାଳ କପଟରେ ଏ କାଣ୍ଡ ଘଟୁଛି ବୋଲି ଜାଣିବାକୁ ଆଉ କାହାର ବାକି ନ ଥିଲା । ତହୁଁ କମଳା ମହାନାଗ ମୃତ୍ୟୁସଞ୍ଜୀବନୀ ମନ୍ତ୍ର ପଢ଼ି ଦମୟନ୍ତୀଙ୍କୁ ଜୀଆଇ ଦେଲେ । ବିହୁଳା ତାର ପ୍ରିୟସଖୀଙ୍କ ଫେରି ପାଇ ଭାରି ଖୁସି ହେଲା । ନଳଙ୍କୁ କିପରି ଫେରି ପାଇବେ—ଏଥିପାଇଁ ସଖି ଦୁହିଙ୍କ ଭିତରେ ଭାଳେଣି ପଡ଼ିଲା । ଶେଷରେ ବିହୁଳା ଦମୟନ୍ତୀଙ୍କୁ କହିଲା, "ବାପାଙ୍କୁ କହି ଆଉ ଥରେ ତୁମର ସ୍ୱୟମ୍ବର ହେଉଅଛି ବୋଲି ଋତୁପର୍ଣ୍ଣଙ୍କୁ ଖବର ପଠାଅ । ନଳ ଏ ଖବର ପାଇଲେ ଯେଉଁଠାରେ ଥାଆନ୍ତୁ ପଛକେ ନିଶ୍ଚୟ ଆସିବେ ।" କ୍ରମେ ଏ ବିଚାର ରାଜାଙ୍କ କାନରେ ଯେମିତ ବାଜିଲା, ସେମିତ ସେ ଆଉ ଥରେ ଝିଅର ସ୍ୱୟମ୍ବର କରିବାକୁ ଯୋଗାଡ଼ କଲେ ଏବଂ ଋତୁପର୍ଣ୍ଣଙ୍କୁ ଖବର ଦେଇଗଲେ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବର୍ଣ୍ଣନାମାନ ନଳ-ଚରିତର ଅନୁରୂପ ।

ଷଷ୍ଠ ଛାନ୍ଦ—ସାରଥି (ନଳ) ଓ ଋତୁପର୍ଣ୍ଣ ରଥରେ ଯାଉଁ ଯାଉଁ ବାଟରେ ଯେଉଁ ଉକ୍ତି ଖସି ପଡ଼ିଥିଲା, ତାହା କିଅ ହେଲା କି ନାହିଁ—ମୂଳ ମହାଭାରତ ସେ ବିଷୟରେ ନୀରବ ।

ରାଜାଙ୍କୁ ଅଶ୍ୱବିଦ୍ୟା ଦେଇ ତାଙ୍କଠାରୁ ଅକ୍ଷବିଦ୍ୟା ଓ ଗଣିତବିଦ୍ୟା ଗ୍ରହଣ କରିବାକୁ ନଳ ମନ ବଳାଇଥିବାର ପରିଚୟ ମାନ ମହାଭାରତରେ ସ୍ପଷ୍ଟ ଦେଖାଯାଏ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବର୍ଣ୍ଣନାମାନ ନଳଚରିତର ଅନୁରୂପ । ସାରଳା ମହାଭାରତରେ ମଧ୍ୟ ସେପରି କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ ।

ସପ୍ତମ ସ୍ତମ୍ଭ—ମୂଳ ମହାଭାରତର ବର୍ଣ୍ଣନା ଏହାର ଅନୁରୂପ ବୋଲି କହିଲେ ଚଳେ । ତେବେ ପାର୍ଥକ୍ୟ ଭିତରେ ଏତିକି ଯେ, ଚରଗୁ ବୈଦେହୀର ପରିବର୍ତ୍ତରେ କେଶିନୀ ନାମକ ଏକ ଦାସୀର ନାମ ତହିଁରେ ଦେଖାଯାଏ । ତା ଛଡ଼ା ପିତା-ମାତାଙ୍କ ଅନୁମତି କ୍ରମେ ଦମୟନ୍ତୀ ନଳଙ୍କ ସଙ୍ଗେ କଥାବାର୍ତ୍ତା କରିଥିଲେ ଏବଂ ସେତେବେଳେ କୌଣସି ଠେରବାଡ଼ ଆବଶ୍ୟକ ହୋଇ ନ ଥିଲା । ଏକମାସ ପରେ ନଳ ନିଷଧ ଦେଶକୁ ଫେରି ଯେତେବେଳେ ପୁଷ୍କର ସହିତ ପୁଣି ପଶା ଖେଳି ରାଜ୍ୟ ଜିଣିବାକୁ ମନ ବଳାଇଲେ, ସେତେବେଳେ ଖେଳରେ ଜୟଲାଭ କରିବା ନିଶ୍ଚିତ ମନେ କରି ପୁଷ୍କର ଅନେକ ଅସଙ୍ଗତ କଥା କହିଥିଲା ସତ; କିନ୍ତୁ ଫଳରେ ଯେତେବେଳେ ସେ ହାରିଗଲା, ସେତେ-ବେଳେ ନଳ ତାହାର ଧୃଷ୍ଟତାପାଇଁ ତାକୁ କୌଣସି ପ୍ରକାର ଶାସ୍ତି ନ ଦେଇ କେବଳ ରାଜ୍ୟରୁ ତଡ଼ିଦେଲେ ଏବଂ ତାହାର ଭରଣ ପୋଷଣ ପାଇଁ ପୈତୃକ ସମ୍ପତ୍ତିର ଅଂଶ ତାକୁ ଦେଲେ । ଏହିପରି ଭାବରେ ନଳ ରାଜା ସିଂହାସନାଧି ଫେରି ପାଇଲେ ପରେ ଭୀମରାଜା ଖୁବ୍ ଆଡ଼ମ୍ବରରେ ଦମୟନ୍ତୀକୁ ନିଷେଧ ଦେଶକୁ ପଠାଇଥିଲେ ।

ସାରଳା ମହାଭାରତର ବର୍ଣ୍ଣନା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତାହାର ଆଲୋଚନା କଲେ ଜଣାଯାଏ ଯେ, ଦ୍ୱିଖଣ୍ଡବାର

ଦମୟନ୍ତୀଙ୍କର ସ୍ୱୟମ୍ବର ହେଲା । ଯଥାସମୟରେ ନିମନ୍ତ୍ରିତ ରାଜାମାନେ ଉପସ୍ଥିତ ହେଲେ । ଋତୁପର୍ଣ୍ଣ ରାଜାଙ୍କର ସାରଥି ହୋଇ ନଳ ମଧ୍ୟ ସେଠାକୁ ଆସିଥାନ୍ତି । ଇନ୍ଦ୍ରାଦି ଦିଗପାଳ-ମାନେ ଓ ଦ୍ୱାଦଶ ବିଶ୍ୱଦେବା ପ୍ରଭୃତି ମନରେ କୌତୁକ ପୋଷଣ କରି ଏ ରହସ୍ୟ ଦେଖିବାକୁ ମଧ୍ୟ ଆସିଥାନ୍ତି । ଇନ୍ଦ୍ର ନଳଙ୍କୁ ଗୋଟିଏ ବୁଢ଼ା ବେଶ କରିଦେଲେ—ତାଙ୍କର ମୁଣ୍ଡବାଳ ଧ୍ୱଳ୍‌ଧ୍ୱଳ୍‌ ପାଚିଗଲା । ମଇଳା ଲୁଗା ଖଣ୍ଡେ ପିନ୍ଧି, ହାତରେ ବାଡ଼ି ଖଣ୍ଡିଏ ଧରି ସେ ସଭାରେ ବସିଥାନ୍ତି । ଇନ୍ଦ୍ର ମନେ କରିଥିଲେ ଯେ, ଦମୟନ୍ତୀ ଏ ବୁଢ଼ାକୁ ବରଣ ନ କରି ତାଙ୍କୁ ବରଣ କରିବେ । କିନ୍ତୁ ଫଳ ଠିକ୍ ତାର ବିପରୀତ ହେଲା । ପ୍ରଥମେ ସେ ନଳଙ୍କୁ ଦେଖିବାକୁ ନ ପାଇ ଦୁର୍ଗାଙ୍କୁ ସ୍ତୁତି କଲେ । ତା' ପରେ ସେ ବୁଢ଼ାଟି ପାଖରେ ପହଞ୍ଚି କହିଲେ, ତୁମେ ଯେବେ ପ୍ରକୃତରେ ବୁଢ଼ା, ତେବେ ଏହି ରୂପ ତୁମର ସବୁଦିନେ ରହୁ; ନୋହିଲେ ଯେବେ କପଟରେ ଏପରି ରୂପ ଧରିଥାଅ, ତେବେ ନିଜରୂପ ଧର । ଏହାପରେ ନଳ ନିଜରୂପ ପ୍ରକାଶ କଲେ । ତହୁଁ ଦମୟନ୍ତୀ ତାହାଙ୍କୁ ମାଳା ଦେଇ ବରଣ କଲେ । ଏହା ଦେଖି ଦେବତାମାନେ ତାଙ୍କୁ ବହୁତ ପ୍ରଶଂସା କଲେ । ବ୍ରହ୍ମା ସେ ପତିପତ୍ନୀ ଦୁହିଙ୍କୁ ସ୍ୱର୍ଗରେ ବାସ କରିବାକୁ ବର ଦେଲେ । ପରେ ସେମାନେ ଆକାଶରେ ଦିଓଟି ତାରା ହୋଇ ରହିଲେ । ଏହିଠାରେ ସାରଳା ଦାସଙ୍କ ନଳ ଉପାଖ୍ୟାନ ଶେଷ ହୋଇଅଛି । ନଳଙ୍କର ପୁନର୍ବାର ରାଜ୍ୟଲାଭ କଥା ସେଥିରେ ଆଦୌ ବର୍ଣ୍ଣିତ ହୋଇ ନାହିଁ ।

ନଳ-ଚରିତକାର କବି ମଧୁସୂଦନ କେଉଁ ସମୟର ଲୋକ, ତାହା ଠିକ୍ ଭାବରେ ନିର୍ଣ୍ଣୟ କରିବା ନିମିତ୍ତ କାବ୍ୟ

ମଧ୍ୟରୁ ସେପରି କୌଣସି ନିଦର୍ଶନ ମିଳେ ନାହିଁ । ଶବ୍ଦ ଓ ଅର୍ଥାଳଙ୍କାର ଗତ ବୈଚିତ୍ର୍ୟ ନଳ-ଚରିତରେ ଆଦୌ ନାହିଁ କହିଲେ ଚଳେ । ମଧ୍ୟଯୁଗର ଅପ୍ରାକୃତିକତା ଦୋଷରୁ କାବ୍ୟଟି ପୂର୍ଣ୍ଣଭାବରେ ମୁକ୍ତ । ସପ୍ତଦଶ ଶତାବ୍ଦୀର ଆରମ୍ଭରୁ ଆମ୍ଭେମାନେ ଉତ୍କଳ ସାହିତ୍ୟରେ ଉକ୍ତ ଶବ୍ଦ ଓ ଅର୍ଥାଲଙ୍କାର ବ୍ୟବହାର ବହୁଳତା ଅଳ୍ପାଧିକ ପରିମାଣରେ ଦେଖିବାକୁ ପାଉ । ଏହି ଆଡ଼ମ୍ବର ଓ ବୈଚିତ୍ର୍ୟପ୍ରିୟ ଯୁଗରେ ସରଳ ଶିଶୁ-ସାହିତ୍ୟ ଯେ ସମ୍ଭବପର ହୋଇ ନ ଥିବ; ତାହା ମଧ୍ୟ କୁହାଯାଇ ନ ପାରେ । ବିଭିନ୍ନ ପ୍ରକୃତିଗତ ମାନବର ଦୃଷ୍ଟି ଯେ ଏକଦିଗରେ ପ୍ରଧାବିତ ହେବ, ଏପରି କିଛି କଥା ନୁହେଁ । ତେଣୁ ନଳଚରିତର କବି ମଧୁସୂଦନ ଯେ ସପ୍ତଦଶ ଶତାବ୍ଦୀ ବା ତତ୍ପରବର୍ତ୍ତୀ କାଳର ଲୋକ ନ ଥିଲେ, ଏପରି କହିବାରେ କେବଳ ସାହାସହିଁ ଆମ୍ଭମାନଙ୍କର ଅବଲମ୍ବନ ମାତ୍ର । କେତେକ ସମାଲୋଚକ କେବଳ କାବ୍ୟର ଭାଷାଗତ ସରଳତା ଓ ଆଡ଼ମ୍ବର ଶୂନ୍ୟତା ପ୍ରତି ଲକ୍ଷ୍ୟ ରଖି କବିଙ୍କର ପ୍ରାଚୀନତା ପ୍ରମାଣ କରିଥାଆନ୍ତି । କିନ୍ତୁ ସବୁ ସମୟରେ ସେମାନଙ୍କର ଅବଧାରଣ ଅଭ୍ରାନ୍ତ ହୁଏ ନାହିଁ । ଏଇ ଧରଣ ବିଚାର-ପଦ୍ଧତିର ଅନୁସରଣ କରି ବିଜୟ-ଚନ୍ଦ୍ର ମଜୁମଦାର ଅଷ୍ଟାଦଶ ଶତାବ୍ଦୀର କବି ଭକ୍ତଚରଣଙ୍କୁ ଷୋଡ଼ଶ ଶତାବ୍ଦୀର କବିରୂପେ ଗ୍ରହଣ କରିଅଛନ୍ତି । ଏ ସ୍ଥଳରେ ଯେ ଆମ୍ଭେମାନେ ମଧୁସୂଦନଙ୍କର ଠିକ୍ ସମୟ ନିରୂପଣ କରି ପାରିବୁ, ଏପରି ସାହାସ ଅବଶ୍ୟ ପୋଷଣ କରି ନାହୁଁ । ତେବେ ଭାଷାରେ ବୈଶିଷ୍ଟ୍ୟ ଦର୍ଶାଇ ଯେତେଦୂର ପାରୁ ଆମ୍ଭମାନଙ୍କ ବିଚାର ପଦ୍ଧତିର ଫଳାଫଳ ପାଠକମାନଙ୍କ ସମକ୍ଷରେ ଉପସ୍ଥାପିତ କରିବୁ । ନଳ-ଚରିତରେ ବିଷ୍ଣୁ, କୃଷ୍ଣ ଓ ଜଗନ୍ନାଥଙ୍କ

ବ୍ୟତୀତ ଅନ୍ୟ ଦେବଦେବୀଙ୍କର ନାମ ଗନ୍ଧ ନାହିଁ । ଏଥିରୁ ଜଣାଯାଏ ଯେ, କବି ଜଣେ ବିଷ୍ଣୁ-ଉପାସକ ଥିଲେ । ପ୍ରତ୍ୟେକ ଗ୍ରନ୍ଥର ଶେଷ ପଦମାନଙ୍କ ଉପରେ ଦୃଷ୍ଟି ଦେଲେ ପାଠକମାନେ ଆମ୍ଭମାନଙ୍କ ଏ ଉକ୍ତି ସହିତ ଏକମତ ହେବେ । ଷଷ୍ଠ ଗ୍ରନ୍ଥର ଉପସଂହାରରେ ଲିଖିତ ଅଛି—

"ବୈଷ୍ଣବ ଯେ ବୋଲନ୍ତି । ନାମ କୀର୍ତ୍ତନ କରନ୍ତି ।
ମଧୁସୂଦନ ତାଙ୍କର । ପାଦତଳର ଏ । ୧୦୧ ।"

କବି ଯେ ଜଣେ ପରମ ବୈଷ୍ଣବ ଥିଲେ, ଏହା ତାଙ୍କର ସ୍ପଷ୍ଟ ପରିଚୟସୂଚକ । କବି ମଧୁସୂଦନ ଉତ୍କଳର କେଉଁ ସ୍ଥାନ ଅଲଙ୍କୃତ କରିଥିଲେ, ତାହା ଜାଣିବାର କୌଣସି ଉପାୟ ନାହିଁ । ଭାଷାଗତ ବିଶିଷ୍ଟତାରୁ ଦେଶ ବା ସ୍ଥାନବିଶେଷର ନାମ ନିରୂପଣ କରିବା କେବଳ ଧୃଷ୍ଟତା ମାତ୍ର । ଆମ୍ଭେମାନେ ନଳ ଚରିତରୁ ନିମ୍ନଲିଖିତ ଶବ୍ଦମାନଙ୍କର ବ୍ୟବହାର ଦେଖିବାକୁ ପାଉଁ । ଯଥା—ଉଚ୍ଛୁ, ହାଦେ, ଗୁଣେଣ, ଅମନାତ୍ୟ, ପୀଢ଼, ଧଉସ, ବାଣିଜାର, ଆଉତ, କେହୁଣି, ତଲାଣ, ତଡ଼ାଉ, ପଦୁଣଲେ, ଅପହୁଡ଼ ଓ ବିଥଡ଼ ଇତ୍ୟାଦି । ପୁନଶ୍ଚ ନିମ୍ନଲିଖିତ ପଦବନ୍ଧମାନ ମଧ୍ୟ ଦେଖିବାକୁ ମିଳେ । ଯଥା—ଦେଖିଲି ନାହିଁ, କାହା ବେଳେ, ନଳରାଜନ ତହିଁ, ମୋହିଗଲେ, ମୁହିଁ ଭୁଲିପଣେ, ଆସିଅଛୁ ତୋତେ, ଇତ୍ୟାଦି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, କବି ମଧୁସୂଦନ, ଉପେନ୍ଦ୍ର ଓ ଦୀନକୃଷ୍ଣ ଯୁଗର ପୂର୍ବବର୍ତ୍ତୀ ବୋଲି ବିବେଚିତ ହେବା ଅଯୌକ୍ତିକ ନୁହେଁ । ଆମ୍ଭେମାନେ 'ଅସବାବ' ଏହି ଏକମାତ୍ର ଯାବନିକ ଶବ୍ଦର ପ୍ରୟୋଗ ଏହି ଗ୍ରନ୍ଥରେ ଦେଖିବାକୁ ପାଉଁ । ଦୀନକୃଷ୍ଣ ଅଳ୍ପ ପରିମାଣରେ ଏବଂ ଉପେନ୍ଦ୍ର ତହିଁ ଅଧିକ ପରିମାଣରେ ଯାବନିକ ଶବ୍ଦର ପ୍ରୟୋଗ

କରିଅଛନ୍ତି । ଇତିହାସ ଉପରେ ଦୃଷ୍ଟି ଦେଲେ ଜଣାଯାଏ ଯେ, ୧୪ଶ ଶତାବ୍ଦୀଠାରୁ ୧୭ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଯବନ-ମାନଙ୍କ ସହିତ ଉତ୍କଳୀୟମାନଙ୍କର ସାମରିକ ସଂଘର୍ଷ ସଂଘଟିତ ହୋଇଥିଲା । ତାହାର ଫଳରେ ଯାବନିକ ଭାଷାର ପ୍ରଭାବ ଉତ୍କଳ ଭାଷା ଉପରେ ପତିତ ହୋଇଥିବା ସମ୍ଭବପର । ଭାଷାର ସଂସ୍ଥାନ ଓ ପ୍ରାଚୀନ ଶବ୍ଦର ପ୍ରୟୋଗ—ଯାହାକି ପରବର୍ତ୍ତୀ ଯୁଗର କବିତାରେ ପରିଲକ୍ଷିତ ହୁଏ ନାହିଁ—ତାହାର ବଳରେ ଆମ୍ଭେମାନେ ଅନୁମାନ କରୁ, ମଧୁସୂଦନ ନିଃସନ୍ଦେହ ଭାବରେ ୧୭ଶ ଶତାବ୍ଦୀର ପ୍ରଥମଭାଗର କବି ଥିଲେ । ୧୭ଶ ଶତାବ୍ଦୀ ବୋଲି କହିବାର ଅଭିପ୍ରାୟ ଏହି ଯେ, ସେତେବେଳେ ଯାବନିକ ଭାଷାର ପ୍ରଭାବ ଆମ୍ଭମାନଙ୍କର ଭାଷା ଉପରେ ଅତି ମାତ୍ରାରେ ପତିତ ହୋଇ ନ ଥିଲା । ତାହା ହୋଇଥିଲେ ଆମ୍ଭେମାନେ ଅବଶ୍ୟ ନଳ-ଚରିତରେ ଏକାଧିକ ଯାବନିକ ଶବ୍ଦର ପ୍ରୟୋଗ ଦେଖିବାକୁ ପାଇଥାନ୍ତୁ । ତେଣୁ ଏହା ନିଃସନ୍ଦେହ ଯେ, କବି ସପ୍ତଦଶ ଶତାବ୍ଦୀର ପ୍ରଥମଭାଗର ବ୍ୟକ୍ତି ଅଟନ୍ତି ।

କେହି କେହି ସମାଲୋଚକ ନଳ-ଚରିତର କବି ମଧୁସୂଦନଙ୍କୁ ରସକଲ୍ଲୋଳକାରଙ୍କ ପିତା ମଧୁସୂଦନ ବୋଲି ସନ୍ଦେହ କରି ତାଙ୍କୁ ୧୭ଶ ଶତାବ୍ଦୀର ମଧ୍ୟଯୁଗର ବ୍ୟକ୍ତି ବୋଲି ଅନୁମାନ କରିପାରନ୍ତି ଏବଂ ଆମ୍ଭମାନଙ୍କ ସମୟ ନିରୂପଣ ଉପରେ ସନ୍ଦିହାନ ହୋଇପାରନ୍ତି; କିନ୍ତୁ ସେମାନଙ୍କର ମନେ ରଖିବା ଉଚିତ ଯେ, ରସକଲ୍ଲୋଳର କବି ଦୀନକୃଷ୍ଣ ଆପଣାକୁ ମଧୁସୂଦନ ବେଟା ବୋଲି ପରିଚିତ କରାଇବା ସଙ୍ଗେ ଅନ୍ତରେ ମଧ୍ୟ ଲେଖିଅଛନ୍ତି—

‘‘ନିତ୍ୟ ଗ୍ରାସ ବେନି ଗୋଟା । ଭଣିଲେ ମଧୁଦାସ ବେଟା ।
× × × ×
ମଧୁସୂଦନ ଜ୍ୟେଷ୍ଠ ଶିଷ୍ୟ । ନାମ ମୋହର କୃଷ୍ଣଦାସ ।
ଯେତେକ ଛନ୍ଦ ଆମ୍ଭ ଜାତି । କେହି ତ ନ ରଖିଲେ ଖ୍ୟାତି ।
ଆପଣା ଜାତି ଗୋଷ୍ଠଗଣେ । କେହି ତ ହୋଇ ନାହିଁ ଜଣେ ।
ମୋତେ ସୁଦୟା କଲେ ହରି । ପଦ ଯୋଡ଼ିଲି ଚେଣୁକରି ।”

ରସବିନୋଦ—୬ଷ୍ଠ ଅଧ୍ୟାୟ ।

ଉଲ୍ଲିଖିତ ଉଦ୍ଧୃତାଂଶରୁ ଜଣାପାଏ ଯେ, ଦୀନକୃଷ୍ଣଙ୍କ ବଂଶରେ ତାଙ୍କ ଛଡ଼ା ଆଉ କେହି କବି ନ ଥିଲେ । ତାଙ୍କ ପିତା ମଧୁସୂଦନ ଓ ନଳଚରିତର କବି ମଧୁସୂଦନ ଯଦ୍ୟପି ଏକ ବ୍ୟକ୍ତି ହୋଇଥାନ୍ତେ, ତେବେ ସେ ନିଶ୍ଚୟ ତାହା ଗର୍ବର ସହିତ ଉଲ୍ଲେଖ କରିଥାଆନ୍ତେ କିମ୍ବା ‘କେହି ତ ନ ରଖିଲେ ଖ୍ୟାତି’ ବୋଲି ଲେଖିବାକୁ ଯାଇ ନ ଥାନ୍ତେ ।

କବି ମଧୁସୂଦନ ଜଣେ ପଣ୍ଡିତ ଥିବାର ଆଭାସ କାବ୍ୟ ମଧ୍ୟରୁ ମିଳେ । ‘ଯେବେ ମୂର୍ଖ ହୁଅନ୍ତୁ ବୁଝାନ୍ତୁ ତୋତେ’— ଏହି ପଦ୍ୟାଂଶ ତାହାର ସ୍ପଷ୍ଟ ପରିଚାୟକ । ସେ ଜଣେ ନିଃସ୍ୱ ଗୃହୀ ବୈଷ୍ଣବ ଥିବାର ପରିଚୟ ତାଙ୍କ କାବ୍ୟରୁ ଅନୁମିତ ହୁଏ । ସେ ଦୁଃଖୀ ଥାଇ ଅନ୍ୟ ଦୁଃସ୍ଥ ଧାର୍ମିକର ମନରେ ଆଶ୍ୱାସ ପ୍ରଦାନ କରିବା ଅଭିପ୍ରାୟରେ ବୋଧହୁଏ ନଳ-ଚରିତ କାବ୍ୟଟି ଲେଖିଅଛନ୍ତି । ସେ ଇଚ୍ଛା କରିଥିଲେ, ବିଷ୍ଣୁଙ୍କର ମହିମା କୀର୍ତ୍ତନ କରି କିମ୍ବା ଅନ୍ୟ କୌଣସି ପୌରାଣିକ ସୁଖୀ ଦମ୍ପତିର ଚରିତକୁ ଅବଲମ୍ବନ କରି କାବ୍ୟ ଲେଖି ପାରିଥାନ୍ତେ । କିନ୍ତୁ ନିଜର ବ୍ୟକ୍ତିଗତ ଦରିଦ୍ରତା ହେତୁ ହେଉ ବା ଅନ୍ୟ ଦୁସ୍ଥମାନଙ୍କୁ

ଆସ୍ୱାଦନା ଦେବାପାଇଁ ହେଉ, ସେ ସତେ ଯେପରି ଇଚ୍ଛା କରି ନଳ-ଚରିତ ଲେଖିଅଛନ୍ତି। ତେବେ ସେ ଯେ ଅନ୍ୟ କୌଣସି କାବ୍ୟ ଲେଖି ନ ଥିଲେ, ପ୍ରମାଣ ଅଭାବରେ ବର୍ତ୍ତମାନ କ୍ଷେତ୍ରରେ ତାହା ଆମ୍ଭେମାନେ ଦୃଢ଼ଭାବରେ କହିବାକୁ କୁଣ୍ଠିତ। ଯଦି ଭବିଷ୍ୟତରେ ତାଙ୍କର ଅନ୍ୟ କିଛି କାବ୍ୟର ସନ୍ଧାନ ମିଳେ, ତେବେ ଅମ୍ଭମାନଙ୍କର ଉପଦେକ୍ତ୍ର ସ୍ୱରପଦ୍ଧତି ଭିନ୍ନ ସ୍ଥଳରେ ପ୍ରଦର୍ଶିତ ହେବ। ଇତି।

ଶ୍ରୀ ଅର୍ତ୍ତବଲ୍ଲଭ ମହାନ୍ତି।

ନଳଚରିତ

ପ୍ରଥମ ଛାନ୍ଦ

ରାଗ ଭୂପାଳ

(ଢିଶ—ନଟ ନାରାୟଣୀ ବାଣୀ)

ଶୁଣ ସୁଜନେ ଏକ ଅପୂର୍ବ ରସ ।
ଯାହା ଶୁଣନ୍ତେ ପାତକ ହୋଏ ଧ୍ୱଂସ ।
ରାମ ପିତା-ବଚନେ ଅରଣ୍ୟେ ଥିଲେ ।
ମାୟା-ମୃଗ ଦେଖି ମାରିବାରେ ଗଲେ ।
ତେଣେ ଜାନକୀ ରାବଣ ନେଲା ହରି ।
ରାମ ଲେଉଟିଲେ ମାୟା-ମୃଗ ମାରି ।
ଯାଇଁ ଦେଖିଲେ ସୀତାୟା ନାହିଁ ପୁରେ ।
ରାମ କାରୁଣ୍ୟେ ପଡ଼ିଲେ ଅବନୀରେ ।
ଦେଖି ଲକ୍ଷ୍ମଣ କୋଳ କରିଣ ଧରି ।
ପ୍ରଭୁ ଶୋକଭରେ ବଡ଼ ଚିନ୍ତା କରି । ୫ ।
ଏହିମତେ ଗଲା ତହିଁ କଛୁ ଦିନ ।
ପ୍ରଭୁ ଜାଣିଲେ ସୀତା ଶକୁଂନମାନ ।
ଦଶଗ୍ରୀବ ନେଲା ଜାନକୀକି ମୋର ।
ନଷ୍ଟେ ଛେଦିବଇଁ ଦଶ ଶିର ତାର ।

ଏହି ପ୍ରତିଜ୍ଞା କରିଣ ରଘୁରାଣ ।
ମାରିବଇଁ ନିଶ୍ଚୟେ ମୁଁ ଦଶାନନ ।
ଏହି ଆଜ୍ଞା ଦେଇଣ ଅରଣ୍ୟେ ଥିଲେ ।
ଲଙ୍କା ଶିଖିହତ ସେହୁ ବନ୍ଧିଲେ ।
ଏବେ ଶୁଣିମା ନରେ ଅପୂର୍ବ ରସ ।
ଏକଦିନେ ରାମ ବସି ଅମରଷ । ୧୦ ।
ଏହା ଜାଣିଲେକ ମାରକଣ୍ଡ ଋଷି ।
ପ୍ରଭୁ ସମ୍ମୁରେ ହୋଇଲେ ବେଗେ ଆସି ।
ଶ୍ରୀରାମ ଦେଖିଣ ବଡ଼ ମାନ୍ୟ କଲେ ।
ଏଡେ ତାପ କିମ୍ପା ବୋଲି ପଚାରିଲେ ।
ଅତି କ୍ରୋଧେ ରାମ ଋଷି-ପାଦେ ପଡ଼ି ।
ବନେ ଆଇଲି ମୁଁ ଅଭିଷେକ ଛାଡ଼ି ।
ବନେ ଶୁଣିଲି ପିତା ହୋଇଲେ ଭସ୍ମ ।
ତହିଁ ଉପରେ ହୋଇଲା ପତ୍ନୀ କଷ୍ଟ ।
ସବୁ ବୁଝାଇ କହିଲେ ରଘୁମଣି ।
ଆଜ୍ଞା ଦେଲେ ଋଷିଙ୍କି ଶୁଣିମା ପୁଣି । ୧୫ ।
ମୋହୋ ସମ ଦୁଃଖୀ ନାହିଁ ଅବନୀରେ ।
ପୂର୍ବେ କେହୁ ଅଛଇ ଜାଣ କି ତାରେ ।
ମାରକଣ୍ଡ ଆଜ୍ଞା ଦେଲେ ଶୁଣ ରାମ ।
ତୋତେ କହିବାକ ପୁଣ ତାର ନାମ ।
ସୂର୍ଯ୍ୟବଂଶେ ବୀରସେନ ରାଜା ଖ୍ୟାତ ।
ନଳ ନାମେଣ ତାହାର ଏକ ସୁତ ।
କାମଦେବଙ୍କୁ ରୂପେ ସମାନ ସେହୁ ।
ଶୂରବନ୍ତ-ପଣେ ସମ ନାହିଁ କେହୁ ।

ବଡ଼ ଧାର୍ମିକ ସତ୍ୟବାଦୀ ଅଟଇ ।
ତାର ଚରିତ ତୋତେ କହିବ ମୁହିଁ ।
ବୀରସେନ ରାଜା ପୁତ୍ର ଦେଖିକରି ।
ଅତି ଆନନ୍ଦ ହୋଇ ମନେ ଭାବୁରି ।
ରାଜ୍ୟ ଅଭିଷେକ ସୁତ କରାଇବ ।
ଅରଣ୍ୟକୁ ମୁହିଁ ତପ କରି ଯିବ ।
ଏତେ ଭାବୁରି ରାଜା କହିଲା ବାଣୀ ।
ଆମ୍ଭେ ବିଭା କରିବା କୁମରମଣି ।
ବିଭା ସାରି ଅଭିଷେକ କରାଇବ ।
ବଇଦର୍ଭ ଦେଶନାଥ ସମର୍ପିବ ।
ମନ୍ତ୍ରୀଙ୍କ ଡକାଇ ରାଜା ଆଜ୍ଞା ଦେଲେ ।
କୁମାର ନିମନ୍ତେ କନ୍ୟା ଖୋଜାଇଲେ ।
ମନ୍ତ୍ରୀ ଆଜ୍ଞା ପାଇ ଚରଗଣ ଗଲେ ।
ଚଉଦିଗେ ସେ ଯାହାର ସେ ଖୋଜିଲେ ।
କୁମାରକୁ କନ୍ୟା ସେ ସମାନ ନାହିଁ ।
ରାଜା ଆଗରେ ଆସି ଡଗରେ କହି ।
ବୀରସେନ ଚରଙ୍କ ବଚନ ଶୁଣି ।
ଅଭିଷେକ କଲକ କୁମରମଣି ।
ରାଜା କରି ଅରଣ୍ୟକୁ ସେହୁ ଗଲେ ।
ନଳରାଜା ପଦେ ସର୍ବେ ସେବା କଲେ ।
କିଛୁ ଦିନ ଏହିମତେ ଗଲା ପୁଣ ।
ତହୁଁ ଯେମନ୍ତେ ହୋଇଲା ତାହା ଶୁଣ ।
ଏକଦିନେ ନଳ ମୃଗୟାକୁ ଯାଇ ।
ପୁଷ୍କରିଣୀ ତଟରେ ପ୍ରବେଶ ହୋଇ ।

ତହିଁ ଦେଖିଲେ ହଂସେକ ଚରୁଅଛି ।
ଅମ୍ବରହେ ଜଡ଼ିତ ସୁବର୍ଣ୍ଣ-ପକ୍ଷୀ ।
ଏହୁ ଅସମ୍ଭବ କଥା ଦେଖିକରି ।
ମନେ ବିସ୍ମୟଇ ହଂସ ନେବ ଧରି ।
ତାର ପାଶକୁ ରାଜନ ଯନ୍ତି ଗଲା ।
ହଂସ ଭୟ କରି ତେଣୁ ପଳାଇଲା ।
ଯାଇଁ ପୁଷ୍କରଣୀ ଅବ ତଟେ ହୋଇ
ରାଜା ଏମନ୍ତ ଦେଖିଣ ବିସ୍ମୟଇ । ୩୯ ।
ଏହୁ ସୁନ୍ଦର ପକ୍ଷୀ ଦେଖିଲି ନାହିଁ ।
ଏହା ଧରିଣ ମୁହିଁ ନେମଇଁ କାହିଁ ।
ଏତେ ବୋଲିଣ ଧନୁଶରକୁ ଧରି ।
ଆଜ ହଂସକୁ ମୁହିଁ ନେମଇଁ ମାରି ।
ବେଗେ ଧନୁରେ ନାରାଚ ବସାଇଲା ।
ଭୟ କରିଣ ହଂସ ଶରଣ ଗଲା ।
ତୋର ଅପାର କର୍ମ କରିବ ମୁହିଁ ।
ତୁମ୍ଭେ ନାରାଚ ବିନ୍ଧିଲେ ଜୀଇ ନାହିଁ ।
ଏହା ଶୁଣିଣ ନଳ ତରସ୍ତ ହୋଇ ।
ଧନୁଶର ହସ୍ତରୁ ପକାଇ ଦେଇ । ୪୦ ।
ତୁହୋ କ କର୍ମ କରିବୁ କହ ମୋର ।
ବେଗେ ଜଣାଅ ଆସି ମୋର ଛାମୁର ।
ତାହା ନିକଟେ ହଂସ ହୋଇଲା ଆସି ।
ରାଜା ତାକୁ ଦେଖି ବଡ଼ ପରଶଂସି ।
ହଂସ ବିନୟ ହୋଇ କହଇ ଶୁଣ ।
କୁଣ୍ଡୀ କଟକରେ ଭୀମ ନୃପ ଜାଣ ।

ତାର ଦୁହିତାଏ ଅଛି ଅନୁପାମ ।
ଦମୟନ୍ତୀ ବୋଲି ତାହାଙ୍କର ନାମ ।
ରତି ସମାନ ସେହୁ ସୁନ୍ଦରପଣେ ।
ତୋତେ ବରେ ସେ ଅଟଇ ସର୍ବଗୁଣେ । ୪୫ ।
ତାକୁ ସନ୍ଦେଶ କହିବି ମୁହିଁ ଯାଇ ।
ତୁମ୍ଭ ରୂପଗୁଣ ସର୍ବ କହିବଇଁ ।
ଯେଉଁ ପ୍ରକାରେ ତୋତେ ହୋଇବ ବଧୂ ।
ଯତ୍ନେ କହୁଅଛୁ ମୁଁ କରିବ ନର୍ଦ୍ଧ ।
ନଳ ବୋଇଲେ ତୁମ୍ଭେ ସୁକୃତ କର ।
ଏହା କଲେ ବଶ ମୁଁ ହୋଇବି ତୋର ।
ହଂସ ବିସ୍ମୟ କରିଣ ଚଳିଗଲା ।
କୁଣ୍ଡୀ ନଗ୍ରରେ ଯାଇ ପ୍ରବେଶ ହେଲା ।
ଭୀମ ରାଜାର ବେଣ୍ଟପାଖରୀ ଯେହୁଁ ।
ଯାଇ ପ୍ରବେଶ ହୋଇଲା କହୁଁ କହୁଁ । ୫୦ ।
ତହିଁ ନାନା କ୍ରୀଡ଼ା କରି ଚରୁଥିଲା ।
ଦମୟନ୍ତୀ ଏହି କାଳରେ ଥଇଲା ।
ସଙ୍ଗେ ତାହାର ସଖୀସମୂହ ଅଛୁ ।
ତାଙ୍କ ମନେ ଶଙ୍କା ଥିଲା ନାହିଁ କିଛି ।
ଜଳ ଭିତରେ ପଶିଲେ ସର୍ବ ସଖୀ ।
ତଥି ମଧ୍ୟରେ ମର୍ବେ ହଂସକୁ ଦେଖି ।
ଅଦ୍ଭୁତତନେ ଜଡ଼ିତ ପକ୍ଷୀବର ।
ଏହା ଦେଖିଲା ନାହିଁ ତ ଜଗତର ।
ସର୍ବ ସଖୀ ହଂସକୁ ଧରିବା ପାଇଁ ।
ଘୃଣପାଶେ ହଂସକୁ ବେଢ଼ିଲେ ଯାଇ । ୫୫ ।

ସେ ଯେ ବ୍ରହ୍ମଲୋକରୁ ଆସିଛୁ ହେଲେ ।
ତାଙ୍କୁ ଧରି ପାରିବ କେ କାହା ବଳେ ।
ତାର ଇଚ୍ଛାଏ ହଂସ ଅଇଲା ପୁଣି ।
ଦମୟନ୍ତୀ ହସ୍ତରେ ବସିଲା ଜାଣି ।
ଅତି ଶ୍ରଦ୍ଧା କରିଣ ରାଜକୁମାରୀ ।
କାହୁଁ ଅଇଲୁ ବୋଲି ତାକୁ ପଚ୍ଚର ।
ଆନନ୍ଦ ହୋଇ କହଇ ହଂସପକ୍ଷୀ ।
ଶୁଣ ଅଇଲି ମୁଁ ଯହୁଁ ଚନ୍ଦ୍ରମୁଖୀ ।
ମୁହିଁ ଅଛଲି ନଳରାଜନ ତହୁଁ ।
ତୋତେ ଭୁଆପଣକୁ ସମାନ ସେହୁ ।
ଶୁଣି କୁମାରୀ ହରଷେ ଆନନ୍ଦ ହୋଇ ।
ଏହୁକ୍ଷଣି ବାରତା କୁ କହ ଯାଇଁ ।
ପିତା ସ୍ୱୟମ୍ବର ମୋର କରୁଅଛୁ ।
ବର ବରିବ ମୋର ମନକୁ ବାଛି ।
ନଳ ବେଗେଣ ବିଜେ କରନ୍ତୁ ଆସି ।
ରାଜାସମୂହ ଭିତରେ ଥାନ୍ତୁ ବସି ।
ତାଙ୍କୁ ବରିବ ସ୍ୱକୃତ କଲି ମୁହିଁ ।
ଏତେ ବୋଲିଣ ହଂସକୁ ଛାଡ଼ିଦେଇ ।
ହଂସ ଉଡ଼ିକରି ବେଗେ ଚଳିଗଲା ।
ନଳରାଜା ଛାମୁରେ ପ୍ରବେଶ ହେଲା । ୨୫ ।
ସର୍ବ ସନ୍ଦେଶ ଶୁଭ ବାରତା କହି ।
ବ୍ରହ୍ମଲୋକକୁ ହଂସ ଚଳିଣ ଯାଇ ।
ଭୀମରାଜା ଦୁହିତାର ସ୍ୱୟମ୍ବର ।
ନଳ ଛାମୁରେ ଆସି କହିଲା ଖବର ।

ପ୍ରଭୁ ତୁରତେ ତୁମ୍ଭେ ବିଜୟ କର ।
ସର୍ବ ରାଜା ଏଣେ କୁଣ୍ଡୀ କଟକର ।
ତାର ସନ୍ଦେଶ ରାଜା ଯହୁଁ ପାଇଲେ ।
ରଥେ ଚଢ଼ିଣ ବେଗେଣ ଚଳିଗଲେ ।
ନଗ୍ର କିଛିଦୂରେ ରହୁଥିଲୁ ପୁଣ ।
ପଥେ ସ୍ୱର୍ଗ ବିମାନ ଦେଖିଲେ ଜାଣ ।
ଇନ୍ଦ୍ର ଅଗ୍ନି ବରୁଣ କୁବେର ସ୍ୱର ।
ତାଙ୍କୁ ଦେଖିଣ ସେହୁ ପ୍ରଣାମ କର ।
ସେହୁ ବୋଲନ୍ତି ନଳ ଆସ ହୋ ତୁହ ।
ଦୂତପଣେ ଦମୟନ୍ତୀକି କହ ଯାଇ ।
ତୁ ତ ଧାର୍ମିକ ବଡ଼ ଅଟୁ ରାଜନ ।
ଦୂତପଣକୁ ତୁହ ଯେ ବର୍ତ୍ତମାନ ।
ବୋଲେ ଇନ୍ଦ୍ର ଅଗ୍ନି ବରୁଣ କୁବେର ।
ସ୍ୱୟମ୍ବରକୁ ଆସିଥଛନ୍ତି ତୋର ।
ଆମ୍ଭ ଗୁଣ ଯାହା ସବୁ ଜଣାଇବୁ ।
ତାର ଆଗରେ ସର୍ବ ତୁ ବଖାଣିବୁ ।
ଇଚ୍ଛା ହୋଇବ ଯାହାକୁ ତାକୁ ବରୁ ।
ତାର ନିମନ୍ତେ ଆସିଛୁ ସ୍ୱର୍ଗପୁରୁ ।
ଶୁଣି ନଳ ଯେ ବଡ଼ ବିଷାଦ ପାଇ ।
ସନ୍ଧ କଥା ଶୁଣି ପାଏ ପଡ଼ ଶୋଇ ।
ପ୍ରଭୁ ତୁମ୍ଭେ ଅନ୍ତର୍ଗତ କଥା ଜାଣ ।
ମୁହିଁ କିସ କଥା କହିବଇଁ ପୁଣ ।
ଆନ ଜଣେ ଦୂତପଣେ ବରଗିବ ।
ମୋହୋ ଗଲେ ସମସ୍ତ ବିଘ୍ନ ହୋଇବ ।

ଏହୁ ବଚନ ଦୂତ ଦେବତା ଶୁଣି ।
ଧନ୍ୟ ଧନ୍ୟ କଲେ ତାକୁ ପୁଣ ପୁଣି ।
ତୁମ୍ଭେ ଆମ୍ଭର ନାମ ଧରିଣ କହ ।
କିଛୁ ଚିନ୍ତା ନ କର ତକ୍ଷଣ ଯାଅ ।
ତାର ଇଚ୍ଛା ହେଲେ ସେ ଆମ୍ଭଙ୍କୁ ବରୁ ।
ଆମ୍ଭେ ଜାଣୁ ତାହା ହଂସ ସଙ୍କେତରୁ ।
ନଳ ବୋଇଲେ ଶୁଣ ଦେବତାବର ।
ତୁମ୍ଭ ଆଜ୍ଞା ପ୍ରମାଣେ ହୋଇଲି ଦୂତ ।
ମୁହିଁ କେମନ୍ତ ହୋଇ ତହିଁକି ଯିବି ।
କନ୍ୟା ବୋଲି କାହାକୁ ସମ୍ଭାଷି ଦେବି ।
ତୁମ୍ଭେ ଆମ୍ଭର ଆଜ୍ଞା ଘେନିଣ ଯାଅ ।
ଦ୍ୱାରେ କେହୁ ନ ଦେଖି ଭିତରେ ହୁଅ ।
ତୋତେ ବୃହିଁଣ ଉତ୍ତର ଦେବ ଯେତୁ ।
ଦମୟନ୍ତୀକି ନିଶ୍ଚୟେ ଜାଣ ସେତୁ ।
ଆଜ୍ଞା ପ୍ରମାଣେ ସେ ସେହିକ୍ଷଣି ଗଲେ ।
ଯାଇ ଦମୟନ୍ତୀ ସମ୍ମୁରେ ମିଳିଲେ ।
କନ୍ୟା ଦେଖିଲା ଅତି ଅପୂର୍ବ ରୂପ ।
ରାଜା ଅନ୍ତଃପୁରରେ ଏକ ପୁରୁଷ ।
ଏ ଯେ କେନ୍ତୁ ଅଇଲ କାହିଁକି ଥାଏ ।
ହଂସ କହନ୍ତି ନଳ ନ ପୁଣ ହୋଏ ।
ମନେ ସୁମରିଣ ସେ ରାଜକୁମାରୀ ।
ଅତି ସଲଜ୍ଜେଣ ପୁଣ ସେ ଉତ୍ତର ।
ହଂସ ଯାହା ଯେ କହି ଯାଇଛି ମୋତେ ।
ସେହି ହୋଇବ ପରା ଯାଉଛି ପ୍ରତେ ।

ଏତେ ବୋଲି ଉଠିଣ ପ୍ରଲମ୍ବ କଲା ।
ସ୍ୱାମୀ ! କେଣେ ଅଇଲ ସେ ପଚ୍ଚରିଲା ।
ଯହୁଁ ଦମୟନ୍ତୀ କହିଲା ଉତ୍ତର ।
ନଳ ବୋଇଲେ ବାମା ମୋ ବୋଲି କର ।
ମୁହିଁ ଦୂତପଣେ ଆସିଅଛି ତୋତେ ।
ଏହୁ କଥାକୁ ଅବଧି ଯିବୁ ପ୍ରତେ ।
ସ୍ୱର୍ଗେ ଶୁଣିକଲି ତୋହର ସ୍ୱୟମ୍ବର ।
ତେଜ ଆସିଅଛନ୍ତି ଅମରପୁର ।
ଦେବ, ଇନ୍ଦ୍ର, ଅଗ୍ନି, ବରୁଣ, କୁବେର ।
ରୂପ ଗୁଣ ସୁମରି ଅଇଲେ ତୋର ।
ତୁ ତ ଧର୍ମଶାସ୍ତ୍ର ଶୁଣିଅଛୁ ସର୍ବ ।
ସେ ତ ସ୍ୱର୍ଗେ ଠାକୁର ଦେବାଧିଦେବ ।
ତାଙ୍କ ବଡ଼ପଣ ମୁଁ କହିବ କେତେ ।
ଯେବେ ମୂର୍ଖ ହୁଅଲୁ ବୁଝାନ୍ତ ତୋତେ ।
ସୁରେ ଦେବଙ୍କ ମଧ୍ୟ ଜଣକୁ ବର ।
ତୁମ୍ଭେ ପ୍ରଭୁ ହୋଇବଟି ସ୍ୱର୍ଗପୁର ।
କ୍ଷିତି ଶତରେ ଯଶ ଥିବଟି ମୋର ।
ଏହି କଥା ପାଳ ତୁ ଆନ ନ କର ।
ଯହୁଁ ନଳ ଦେଲେ ଏହୁ ଆଜ୍ଞା ବାଣୀ ।
ଦମୟନ୍ତୀ ତରସ୍ତ ହୋଇଲେ ଶୁଣି ।
ଯାହା କହିଲ ହେ ବୀରସେନ ସୁତ ।
ସେହୁ ମହାପ୍ରଭୁ ଯେ ଅନନ୍ତ ସତ ।
ହଂସ ଆଗରେ ତୋତେ ବରିଛି ମୁହିଁ ।
ଏବେ ସତ୍ୟଭଗ୍ନ କିମ୍ପା ହୋଇବଇଁ ।

ମନ ବଚନ କର୍ତ୍ତବ୍ୟ ଏକା ମୋର ।
ତେବେ କାର୍ଯ୍ୟ ନାହିଁ ମୁଁ ଅଟଇ ଚୋର ।
ସୁରଦେବଙ୍କୁ ଏମନ୍ତ କହ ଯାଇଁ ।
ଭଜେ କରନ୍ତୁ ସେ ସ୍ୱୟମ୍ବର ଠାଇଁ । ୧୦୫ ।
ତାଙ୍କ ସ୍ମୁରେଣ ମୁଁ ବରିବ ତୋତେ ।
ଚୋର ଚିତ୍ତ ସେ ଶୁଦ୍ଧ କରନ୍ତୁ ପ୍ରତେ ।
ଦେବତାଏ ଯେବେ ସତ କହୁଛନ୍ତି ।
ସେହୁ ଅଧମ କପାଇଁ ତସ୍କରନ୍ତି ।
ଏହା ଶୁଣି ଲେଉଟିଲେ ନଳରାଏ ।
ଯାଇ ଦିଗପାଳଙ୍କ ସନ୍ନିଧେ ହୋଏ ।
ନଳ ଦମୟନ୍ତୀଙ୍କ ଯେତେ ଉତ୍ତର ।
ସର୍ବ ସତ୍ୟ କରି କହଇ ସ୍ମୁର ।
ପଛେ ବୋଇଲ ପତି କି ମିଛ ପୁଣ ।
ସର୍ବ ଅନ୍ତର୍ଗତ କଥା ତୁମେ ଜାଣ ।୧୧୦।
ଶୁଣି ପ୍ରସନ୍ନ ହୋଇଲେ ଦେବ ସୁର ।
ବର ଦେଲେ ନଳ ଯାହା ବାଞ୍ଛା କର ।
ନଳ ସତ୍ୟ ତୋହୋରେ ଜାଣିଲୁ ଏବେ ।
କର୍ଣ୍ଣେ ଶୁଣିଣ ଥିଲୁ ଯାହା ପୂରୁବେ ।
ଏତେ ବୋଲି ଚଳିଗଲେ ପରଖର ।
ଯାଇ ପ୍ରବେଶ ସେ କୁଣ୍ଡୀ କଟକର ।
ତହିଁ ସ୍ୱୟମ୍ବର ସଭା ଅଛୁ ହୋଇ ।
ରାଜା ସମୂହରେ ସେ ବସିଲେ ଯାଇଁ ।
କିଛୁ ବେଳ ବସି ପୁଣି ଥିଲେ ତହିଁ ।
ସଭା ମଧ୍ୟରେ ଦମୟନ୍ତୀ ଆସି ହୋଇ । ୧୧୫ ।

କରେ ଅଷ୍ଟ ରତ୍ନରେ ଜଡ଼ିତ ମାଳା ।
ରାଜାମାନଙ୍କୁ ଟେକ ଗୃହିଁଲା ବାଳା ।
ନଳ ରାଜାଙ୍କୁ ଅନାଇ ମନେ ମନ ।
ସେହିରୂପ ଦେଖିଲେକ ପାଞ୍ଚଜଣ ।
ମନେ ହେଜିଲା ଦେବତାଙ୍କର ମାୟା ।
ନଳ ସ୍ୱରୂପ ହୋଇଲେ ପଞ୍ଚ କାୟା ।
ଯନ୍ତୁଁ ଏସନ କୂଟ ରାମା ଜାଣିଲା ।
ଦେବ ମାନବ ଛିଦ୍ର ସେ ବିଚାରିଲା ।
ଦେବତାଙ୍କ ଲକ୍ଷଣ ଅଛି ଏସନ ।
ସ୍ୱେଦ ନ ଥାଇ ନ ଶୁଖଇ ଚନ୍ଦନ । ୧୬୦ ।
ଧରଣୀରେ ପାଦ ନ ଲାଗଇ ପୁଣ ।
ଆଭରଣ ପୁଷ୍ପ ନ ହୋଇ ମଳିନ ।
ଚକ୍ଷୁ ତରଙ୍ଗ ଥାଇ ତାଙ୍କର ନାହିଁ ।
ଦେବ ମାନବ ଜାଣି ବଢ଼ିବ ମୁହିଁ ।
ଏହି ନିର୍ଣ୍ଣୟ କଥା ଜାଣିବା ପାଇଁ ।
ରୁହିଁ ଦେଖିଲା ଦେବ ଲକ୍ଷଣ ନାହିଁ ।
ଏହା ବିଚାରି ମନେ ଆଶ୍ଚର୍ଯ୍ୟ ପାଇ ।
ସଦ୍‌ଜ୍ଞାନ ଶବ୍ଦରେ ସେ ବିଚାରଇ ।
ତୁମ୍ଭେ ସତ୍ୟ ଧର୍ମ ଅଛ ଭିଆଇଣ ।
ମୋତେ କର୍ମାଇ ଦେଉଛେ ନଷ୍ଟ ଦର୍ପଣ । ୧୬୫ ।
ତାର ଭଗତ ଯେନଲେ ସୁରେଶ୍ୱର ।
ଧନ୍ୟ ସତୀ ! ତୁ ନଳକୁ ବେଗେ ବର ।
ଦେବତେଜ ପ୍ରକାଶିଲେ ଦେବ ଚାରି ।
ମାଳା ଦେଇ ଦମୟନ୍ତୀ ନଳକୁ ବରି ।

ରାଜାମାନେ ସେ ଯାହା ରାଜ୍ୟକୁ ଗଲେ ।
ନଳ ଦମୟନ୍ତୀଙ୍କି ବିଭା କରାଇଲେ ।
ଭୀମରାଜା କନ୍ୟାକୁ ସମପ ଦେଲେ ।
ସର୍ବ ମଙ୍ଗଳ ଉତ୍ସବ କରାଇଲେ ।
ବିଧିମତ ସମସ୍ତ ଯୌତୁକ ଦେଇ ।
ନଳ ଦମନ୍ତୀକି ସେ ପାଛେଟି ଯାଇ । ୧୩୦ ।
ପଥୁ ପିତାମାତା ବାହୁଡ଼ିଲେ ପୁଣ ।
ନଳ କଟକେ ପ୍ରବେଶ ହୋଇଲେ ଜାଣ ।
ଅତି ହରଷ ସେ ନଗ୍ରପୁରଜନେ ।
ଚିନ୍ତା ନାହିଁ ତାଙ୍କର କାହାର ମନେ ।
ନଳଚରିତ ଏହୁ ଅପୂର୍ବ ରସ ।
କର୍ଣ୍ଣେ ଶୁଣିଲେ ପାତକ ହୋଏ ନାଶ ।
ରାମ ନାମ ସୁମରଣା କର ମନେ ।
କୃଷ୍ଣକୀର୍ତ୍ତନ ଏକା ଶୁଣିବ କର୍ଣ୍ଣେ ।
ମାୟା ସଂସାର ଏ ମିଛ ଖେଳଘର ।
ନାରାୟଣ ନାମ ଧରି ହୋଅ ପାର ।
ସର୍ବମଙ୍ଗଳ ନାମ ପ୍ରଭୁ ତୁମ୍ଭର ।
ମଧୁସୂଦନକୁ ରଖ ଚକ୍ରଧର । ୧୩୬ ।

ଦ୍ୱିତୀୟ ଛାନ୍ଦ

ରାଗ—ଗୁଜ୍ଜରୀ

(ସୁବର୍ଣ୍ଣ କଲ୍ୟାଣୀ ବାଣୀରେ ଗାଇବ)

ଏସନକ କଥା ଶୁଣ ଅତି ସୁନ୍ଦର ।
ମାରକଣ୍ଡ ଋଷି କହେ ସମ ଯୁମ୍ବର । ୧ ।
ଇନ୍ଦ୍ର ବିଜେ କରି ସ୍ୱର୍ଗପୁରରୁ ଯାଇ ।
ଅଗ୍ରତେ ଆପେଣ କଲ ଦ୍ୱାପର ହୋଇ । ୨ ।
ଅଜ୍ଞା ଦେଲେ ମଘବା ହେ କେଣିକ ଯାଅ ।
ସତ୍ୟ କରି କଥା ଆମ୍ଭ ଅଗ୍ରତେ କହ । ୩ ।
ଆମ୍ଭେ ଯାଉଅଛୁଁ ପ୍ରଭୁ କୁଣ୍ଡୀକଟକ ।
ତହିଁ ରୂଣ୍ଡ ହୋଇଛନ୍ତି ଭୂସ୍ୱର୍ଗ ଲୋକ । ୪ ।
ସେ ନଗ୍ରର ରାଜନ ଯେ ଥଟଇ ଭୀମ ।
କନ୍ୟା ଏକ ଅଛି ତାର ଅତି ଉତ୍ତମ । ୫ ।
ଦମୟନ୍ତୀ ନାମ ତାର ଶୁଣ ବଜ୍ରୋଜା ।
ସ୍ୱୟମ୍ବର ତାଙ୍କୁ କରୁଅଛି ସେ ରାଜା । ୬ ।
ସେ ସଭାରେ ଗୋପ୍ୟରୂପେ ବସିଣ ଥିବୁଁ ।
କ୍ଷଣେ କ୍ଷଣେ ଆମ୍ଭେ ଆନ ମୂର୍ତ୍ତି ଧରିବୁଁ । ୭ ।
ତାର ଇଚ୍ଛା ହୋଇଲେ ବରିବ ଆମ୍ଭଙ୍କୁ ।
ନୋହିଲେ ଆସିବୁ ତେବେ ସ୍ୱର୍ଗପୁରକୁ । ୮ ।
ସେହା ଶୁଣି ଅଜ୍ଞା ଦେଲେ ପାକଶାସନ ।
ଆମ୍ଭେ ସେ ସଭାରେ ଥିଲୁ କହୁ ତା ଶୁଣ । ୯ ।

କନ୍ୟାର ଇଚ୍ଛାରେ ବର ବରିଲା ଯେବେ ।
ସର୍ବ ଲୋକେ ଯେ ଯାହାର ଅଇଲୁ ତେବେ । ୧୦ ।
ଏ କଥା ଶୁଣିଣ କ୍ରୋଧେ କଳି ପରୁର ।
କାହାକୁ ବରିଲା ସେହୁ ରାଜକୁମାରୀ । ୧୧ ।
ବୀରସେନ ସୁତ ସେହୁ ନଳକୁ ବରି ।
ତାହା ରୂପ ଗୁଣକୁ ସେ ଅଟଇ ସରି । ୧୨ ।
ଶେଷେ କଳି ବୋଲୁଅଛି ଏହୁ ବଚନ ।
ତୁମ୍ଭକୁ ନ ବରି କର୍ମା ବରିଲା ଆନ । ୧୩ ।
ଏଣୁ କରି ତାଙ୍କୁ ମୁହିଁ ଦଣ୍ଡ ବହିବ ।
ଦ୍ୱାପରକୁ ସଙ୍ଗେ ଘେନି ମଞ୍ଚକୁ ଯିବ । ୧୪ ।
ସୁନାସୀର ଆଜ୍ଞା ଦେଲେ ଶୁଣ ହୋ କଳି ।
ବଡ଼ ସେ ଧାର୍ମିକ ସତ୍ୟ ଅଛଇ ପାଳି । ୧୫ ।
ତାହାକୁ ତୁ ଦୁଃଖ ହାଦେ ଯେତେ ଦହିବୁ ।
ଧର୍ମର ପ୍ରମାଣେ ବଡ଼ ଦୁଃଖ ପାଇବୁ । ୧୬ ।
ଏତେ ବୋଲି ଚଳିଗଲେ ଅମରେଶ୍ୱର ।
ବସୁନ୍ଧରୀକୁ ଅଇଲେ କଳି ଦ୍ୱାପର । ୧୭ ।
ନଳପୁରେ ଆସି ସେହୁ ପ୍ରବେଶ ହୋଇ ।
ସଦାସୁର ଦେଖି ତାର ଜଟେଣ ଥାଇ । ୧୮ ।
ଏହିମତେ ଗଲା ଚହୁଁ ବହୁତ ଦିନ ।
ପୁତ୍ର ଦୁହିତା ହୋଇଲା ନଳ ରାଜନ । ୧୯ ।
ଏକ ପୁତ୍ର ବୋଲି ଇନ୍ଦ୍ରସେନ ତା ନାମ ।
ରୂପେଣ ଅଟଇ ସେହୁ ଦ୍ୱିତୀୟ କାମ । ୨୦ ।
ଦୁହିତା ହୋଇଲା ଇନ୍ଦ୍ରସେନୀ ତା ନାମ ।
ସମାନ ରତିକ ସେହୁ ସର୍ବଗୁଣେଣ । ୨୧ ।

ଏକଦିନେ ନଳରାଜା ନିଦ୍ରା ଅଳସେ ।
ଅର୍ଦ୍ଧପାଦେ ପଖୁଡ଼ିଲେ ଶେଯେ ପ୍ରବେଶେ । ୧୧ ।
ଏତେ ଛିଦ୍ର ଅନାଗୁର ସନ୍ଧି ପାଇଲା ।
ରାଜନ ଅଙ୍ଗରେ ଯାଇ କଳି ପଶିଲା । ୧୨ ।
ଦ୍ୱାପରକୁ ବୋଇଲା ତୁ ସାହା ହୋଇବୁ ।
ମୁଁ ଯାହା ବାଞ୍ଛା କରିବି ସେଠାରେ ଥିବୁ ।
ଯେତେବେଳେ କଳି ଅପେ ପ୍ରବେଶ ହୋଇ ।
ରାଜାର ମନ ଉଚ୍ଛନ୍ନ, ନ ରୁଚେ କେହୁ । ୧୫ ।
ଶର୍ବରୀ ଶେଷରେ ପ୍ରାତଃକାଳ ହୋଇଲା ।
ନିତ୍ୟକର୍ମ ଆଦି ରାଜ୍ୟେ ସର୍ବ ସାରିଲା । ୧୬ ।
ବଡ଼ ଅବକାଶେ ସିଂହାସନେ ବସିଲେ ।
ପାତ୍ର ମନ୍ତ୍ରୀ ଅମାତ୍ୟେ ଦର୍ଶନ କଲେ । ୧୭ ।
ପୁଷ୍କର ବୋଲିଣ ବୀରସେନର ସୁତ ।
କ୍ଷତ୍ରିୟ ନୁହଇ ସେହୁ ଶୁଦ୍ର ସମ୍ଭୂତ । ୧୮ ।
ଆଜ୍ଞା ଦେଲା ରାଜ୍ୟେ ହାଙ୍କି ତାହାକୁ ଆଣ ।
ଦୂତଗଣେ ଭେଟାଇଲେ ତାହାକୁ ପୁଣ । ୧୯ ।
ପୁଷ୍କର ତୁ ଆସ ଆମ୍ଭେ ପଶା ଖେଳିବା ।
ଯେତେ ଧନ ବୋଲିବୁ ତା ପିଢ଼ କରିବା । ୨୦ ।
ଏତେକ ବୋଲିଣ ସାରି ହାକରାଇଲେ ।
ସିଂହାସନ ତଳେ ପଶା ସାରି ପାଡ଼ିଲେ । ୨୧ ।
କାଠି ହୋଇଣ ଯେ ପଡ଼ିଥିଲା ଦ୍ୱାପର ।
ଅକ୍ଷରହେ ଜଡ଼ିତ ସେ ଅତି ସୁନ୍ଦର । ୨୨ ।
ପଶାସାରି ଯେନି ସେହୁ ପଶା ଖେଳିଲେ ।
ସେ ଦିନ ବହୁତ ଧନ ରାଜ୍ୟେ ହାରିଲେ । ୨୩ ।

ଏହି ମତେ ଦୁଇ ସ୍ୱର ଦିବସ ଗଲା ।
ଭିତର ଭଣ୍ଡାର ଯେତେ ରାଜା ହାରିଲା । ୩୪ ।
ଏହି ଅଲକ୍ଷଣ କଥା ଦେଖି ଦମୟନ୍ତୀ ।
ଆପଣା ସାରଥିକୁ ସେହି ପାଇ ଅଣାନ୍ତି । ୩୫ ।
ଆଜ୍ଞା ଦେଲେ ପାଇ ମୋର ବଚନ ଶୁଣ ।
ଦ୍ୟୂତରେ ଅଜ୍ଞାନ ରାଜା ହୋଇଲେ ଜାଣ । ୩୬ ।
ପୁତ୍ର ଦୁହିତାଙ୍କୁ ମୋ ବସାଇ ରଥରେ ।
ଘେନିଣ ଯାଅ ତୁ ବେଗେ କୁଣ୍ଡୀ ନଗରେ । ୩୭ ।
ଯେମନ୍ତ ଆଜ୍ଞା ପାଇ ପାଇ ରଥ ଅଣାଇ ।
ଯାଇ ମହାଦେବୀଙ୍କ ସମ୍ମୁଖରେ ଜଣାଇ । ୩୮ ।
ପୁତ୍ର ଦୁହିତାଙ୍କୁ ସଙ୍ଗ କରି ଆଣିଲେ ।
ଆପଣା ଭଣ୍ଡାର ଯେତେ ସବୁ ତା ଦେଲେ । ୩୯ ।
ରତ୍ନବର ଚଢ଼ାଇଣ ବୋଇଲେ ଯାଅ ।
ପିତାଙ୍କ ସମ୍ମୁଖରେ ଏହି ସନ୍ଦେଶ ଦିଅ । ୪୦ ।
କହିବ ନଳରାଜନ ହୋଇଲେ ବାଇ ।
ରାଜ୍ୟ ଦବା ବସି ଏକା ଦ୍ୟୂତ ଖେଳଇ । ୪୧ ।
ପୂର୍ବର ତପସ୍ୟା ଯେବେ ଥିବ ମୋହର ।
ଦର୍ଶନ କରିବି ଯାଇ ତାଙ୍କ ପୟର । ୪୨ ।
ଯେବେ ପୁତ୍ର ଦୁହିତା ତାଙ୍କ ଧର୍ମରୁ ହୋଇ ।
ଯେହାଙ୍କର ଭଲମନ୍ଦ ତାଙ୍କୁ ଲାଗଇ । ୪୩ ।
ଯେତେ କହି ଶୋକଭରେ ଭିତରେ ପଶି ।
ରତ୍ନ ଖାଟ ଉପରେ ସେ ପଡ଼ିଲେ ଆସି ।
ଇନ୍ଦ୍ରସେନ ଇନ୍ଦ୍ରସେନା ରଥ ଆରୋହି ।
ପଥ ଅନୁସରି କୁଣ୍ଡିନଗ୍ରରେ ହୋଇ । ୪୪ ।

ଭୀମରାଜାଙ୍କ ଚରଣ ଦର୍ଶନ କଲେ ।
ମାତାଙ୍କ ବଚନ ସେ ବୁଝାଇ କହିଲେ ।
ଶୁଣି ମହାରାଜ୍ୟେ ବଡ଼ ତାପ ପାଇଲେ ।
ଅନ୍ତପୁର ଭିତରେ ସେ ପ୍ରବେଶ ହେଲେ । ୪୭ ।
ଅତି ଦୁଃଖେ ରହିଲେ ସେ ପୁଷ୍ପ ଦୁହିତା ।
ଭୀମ ମହାରାଜା ମନେ ବହୁତ ଚିନ୍ତା । ୪୮ ।
ଡଗରମାନଙ୍କୁ ସେ ପଠାଇ ଦେଲେ ।
ନଳ ଦମୟନ୍ତୀ ବାରତା ଆଣ ବୋଇଲେ । ୪୯ ।
ଶୁଣ ସୁଜ୍ଞଜନେ ଏହୁ ନଳଚରିତ ।
ଯାହା ଶୁଣନ୍ତେଣ ନର ହୋଯ୍ୟେ ପବିତ୍ର । ୫୦ ।
ମାରକଣ୍ଡ ଋଷି ରାମ ଅଗ୍ରତେ କହି ।
ସେବକମନେ ଶୁଣ ନରେ ତାପ ଫିଟାଇ । ୫୧ ।
ଶ୍ରୀରାମର ନାମ ନରେ ମନେ ସୁମର ।
ମଧୁସୂଦନଙ୍କୁ ଜଗନ୍ନାଥେ ଉଦ୍ଧର । ୫୨ ।

ତୃତୀୟ ଛାନ୍ଦ

ରାଗ—କେଦାର । (ଚକ୍ରକେଳୀ ବାଣୀ)

ରାମ ମାରକଣ୍ଡଙ୍କ ପାଦ ଧରି ।
ଅତି ଆକୁଳ ହୋଇଣ ପଚାରି । ୧ ।
ନଳ-ଚରିତ କହ ମହାଜ୍ଞାତା ।
ଶୁଣି ଛାଡ଼ିବ ମୋର ମନବ୍ୟଥା ।

ସମ ଗ୍ରନ୍ଥରେ ମାରକଣ୍ଡ କହେ ।
ନଳ-ଚରିତ ଏହୁ ପୁଣ୍ୟମୟେ ।
ଯେହୁ ଶୁଣନ୍ତି ଏକମନ ହୋଇ ।
ତାର ଦୁଷ୍କୃତ ସବୁ ନାଶ ଯାଇ ।
ଏବେ ଶୁଣ ଏକ ଅପୂର୍ବ ରସ ।
ନଳରଜା ଜୁଏ ହୋଏ ଅବେଶ । ୫ ।
ସର୍ବ ଭଣ୍ଡାର ରଜା ଯେ ହାରିଲା ।
ରଥ ଗଜ ଅଶ୍ୱ ସେ ପିଣ୍ଢ କଲା ।
କହୁ ଦିନ ପରେ ସବୁ ସାରିଲା ।
ରାଜ୍ୟ ମଧ୍ୟ କରି ସେହୁ ହାରିଲା ।
ତେତେବେଳେ ପୁଷ୍କର ବୋଲେ ବାଣୀ ।
କଣ୍ଡୁ ଅଛୁ ତୁ ପିଢ଼ କର ଆଣି ।
ନଳ ବୋଇଲେ ଏବେ ଅଙ୍ଗ ମୋର ।
ତୁ ହୋ ପୁଷ୍କର ବେଗେ କାଠି ପାର ।
ଯେତେ ବୋଲଣ ସେ ପିଢ଼େ ଖେଳଲେ ।
ରଜା କପଟି ଜାଣି ନ ପାରଲେ ।
କଳି ଦ୍ୱାପର କପଟେ ପଡ଼ିଲେ ।
ନଳ ରଜା ସେ ପିଢ଼ରେ ହାରଲେ ।
ବୋଲେ ପୁଷ୍କର ନଳ ତୁମ୍ଭେ ଶୁଣ ।
କସ ଅଛି ତା ତୁମ୍ଭେ ବେଗେ ଆଣ । ୧୨ ।
ନଳ ବୋଲନ୍ତି ମୋର କହୁ ନାହିଁ ।
ଯେହା ଶୁଣିଣ ପୁଷ୍କର କହଇ ।

ତୋତେ ଧର୍ମଶୀଳ ବୋଲି ବୋଲନ୍ତି ।
ସେହୁ ପଣ୍ଡିତେ କିଛୁ ନ ଜାଣନ୍ତି ।
ତୁହେ ବଡ଼ ମାୟାବୀ ନଳରାୟେ ।
ଏଡେ ଦିନ ତୁ କହୁଛୁ ସତ୍ୟେ ।
ଦମୟନ୍ତୀକି ଆଣି ପୀଡ଼ କର ।
ସେହୁ ଦ୍ରବ୍ୟ ତ ଅଛଇ ତୋହର ।
ନଳ ମଣ୍ଡନେ ଶୁଣୁଥିଲେ ପୁଣି ।
କହେ ପୁଷ୍କର ଶୁଣ ମୋର ବାଣୀ ।୧୭।
ମୁହଁ ଅମ୍ଭ ଯେବେ ହାରି ନ ଥାନ୍ତି ।
ତେବେ ଦମୟନ୍ତୀ ପୀଢ଼େ ଅଣନ୍ତି ।
ଏବେ ଦମନ୍ତୀ ଉପରେ ମୁଁ କପ ।
ଆମ୍ଭେ ଧାର୍ମିକ ହୋଇଲୁ ତୋ ଦାସ ।
ସେହୁ ବଚନ ଶୁଣି ସେ ପୁଷ୍କର ।
କ୍ରୋଧେ କହଇ ବଡ଼ ପରଖର ।
ତୋର ସବୁ ଧର୍ମ ଯେ ବୁଡ଼ାଇଲୁ ।
ଯେଣୁ ଏଡ଼େ ମାୟା ମିଛ କହିଲୁ ।
ଏବେ ଅସ୍ଥାନୁ ଉଠସି ମୋହର ।
ବେଗେ ହୋଅ ତୁ ରାଜ୍ୟରୁ ବାହାର ।୧୮।
ନୋହୁ ମୁଖ ସ୍ୱହଁ ବାକୁ ଗର୍ଜନ ।
ସବ ଅଳଙ୍କାର ହେ ବେଗେ ଘେନ ।
ଆଜ୍ଞା ପାଇ ସ୍ୱରଗଣେ ଉଠିଲେ ।
ବେଗେ ଅଳଙ୍କାର ସେହୁ ଘେନିଲେ ।
ପୁଣ ପୁଷ୍କର ବେଗେ ଆଜ୍ଞା ଦେଇ ।
ନଗ୍ରେ ଘୋଷଣ ଡଥ ବେଗେ ଯାଇଁ ।

ଯାହା ଦୁଆରେ ନଳ ଥିବ ବନ୍ଧ ।
ମୋର ଦୋରେହା ତନ୍ତୁଁ ଆନ ନାହିଁ ।
ଏହା ଶୁଣି ସୁରମାନେ ଧାଇଁଲେ ।
ନଗ୍ରେ ଉତ୍ତିମ ଘୋଷ ବଆଇଲେ ।
ଏଥୁ ଶୁଣିବା ଆନ ବପସାତ ।
ନଳ ସଭାରୁ ଉଠିଲେ ତୁରିତ ।
ଶିଘ୍ର ନବରୁ ବାହାର ହୋଇଲେ ।
ଏତ୍ତ ବାରତା ଦମନ୍ତୀ ପାଇଲେ ।
ସବୁ ବାହାର କଲେ ଅଳଙ୍କାର ।
ମଇଳା ବସ୍ତ୍ରେ ହୋଇଲେ ବାହାର । ୩୦ ।
ପଥ ଅନୁସରି ସେ ବେଗେ ଯାଇ ।
ସ୍ୱାମୀ ଚରଣ ଦର୍ଶନ କରଇ ।
ନଳ ଦେଖି ବଡ଼ ଚିନ୍ତା ପାଇଲେ ।
ଶୋକେ ଭାଷା ସେ କହି ନ ପାରିଲେ ।
କିଛି ବେଳ ତୁନି ହୋଇ ରହିଲେ ।
ଦମୟନ୍ତୀକି ସେତ୍ତ ଆଜ୍ଞା ଦେଲେ ।
ତୁ ସେ ପିତା ଘରକୁ ବେଗେ ଯାଅ ।
କିଛି ଦିବସ ସେହିଠାରେ ଥାଅ ।
ଏହା ଶୁଣି ଦମନ୍ତୀ ଶୋକ କରି ।
ତୁମ୍ଭ ସଙ୍ଗେ ମୋ ପିତା ନହେ ସରି ।
ତାଙ୍କ ପୁରେ ମୋହର କିସ କାର୍ଯ୍ୟ ।
ମୁହିଁ ସଙ୍ଗେ ଯିବି ମହାରାଜ ।
ଏତେ ବୋଲି ବେନି ହୋଏ ବାହାରି ।
ଚଳି ଯାଉଛନ୍ତି ଦାଣ୍ଡ ମଧ୍ୟରି ।

ନଗ୍ର ଲୋକମାନେ ଯେ ଦେଖୁଛନ୍ତି ।
ଏକ ଅନେକ ସବୁ କହୁଛନ୍ତି ।
ବଡ଼ ଧାର୍ମିକ ବୀରସେନ ସୁତ ।
କେଉଁ ବିଧାତା ଖେଳାଇଲା ଜୁତ ।
ଏବେ ଯାଉଥିଛନ୍ତି ଅରଣ୍ୟକୁ ।
ବହୁ କଷ୍ଟ ହୋଇଥିଛି ଏହାଙ୍କୁ । ୪୦ ।
ଏହୁ କଥା କହନ୍ତେ ପୁରଜନ ।
ତେଣେ ଶୁଭିଲା ରାଜାର ଘୋଷଣ ।
ଏହା ଶୁଣିଣ ସେହୁ ପୁରଲୋକେ ।
ଅତି ବ୍ୟାକୁଳ ହୋନ୍ତି ମହାଶୋକେ ।
ନଳ ନଗ୍ରରୁ ବାହାର ହୋଇଲେ ।
ଦମୟନ୍ତୀ ସଙ୍ଗତେଣ ଥଇଲେ ।
ଯାଇ ଅରଣ୍ୟେ ହୋଇଲେ ପ୍ରବେଶ ।
ଭୀମ ରାଜା ଦୂତ କହେ ସନ୍ଦେଶ ।
କୁଣ୍ଡୀ ନଗ୍ରକୁ ପ୍ରଭୁ ବିଜେକର ।
ସେହୁ ରାଜ୍ୟରେ ହୋଇବ ଠାକୁର । ୪୫ ।
ରାଜା ଆମ୍ଭକୁ ପଠାଇଛନ୍ତି ।
ଶୀଘ୍ରେ ବିଜେ କର ଯେବେ ଦମନ୍ତୀ ।
ନଳ ରାଜାର ଆୟୁଷ ନୋହଇ ।
କଳିଯୁଗ ଆସୁଚି କହୁଥାଇ ।
ଦୂତମାନଙ୍କ ବଚନ ଶୁଣିଲେ ।
ଆମ୍ଭେ ନ ଯିବୁଁ ବୋଲି ଆଜ୍ଞାଦେଲେ ।
ଦୂତମାନେ ପାଏ ପଡ଼ି ଶୋଇଲେ ।
କଷ କହିବୁ ବୋଲି ଜଣାଇଲେ ।

ନଳ ଆଜ୍ଞା ଦେଲେ ହୋ ବେଗେ ଯାଅ ।
ଯାହା ଦେଖିଲ ଛାମୁରେ ଜଣାଅ ।
ଚର ଲେଉଟି କଛୁ ଦନେ ଗଲେ ।
କୁଣ୍ଡୀ କଟକେ ପ୍ରବେଶ ହୋଇଲେ ।
ଭୀମ ରଜାଙ୍କ ପାଦେ ପଡ଼ି ହୋଇ ।
ଯଥା ଯୁଗତ ଛାମୁରେ ଜଣାଇ ।
ଶୁଣି ରଜା ଭ୍ରମ ହୋଇ ପଡ଼ିଲେ ।
ମୁଖେ ସୁବାସିତ ନୀର ସିଞ୍ଚିଲେ ।
କଛୁ ବେଳରେ ରଜା ଜ୍ଞାନ ପାଇ ।
'ନଳ' ବୋଲି ଶୋକଭରେ କହଇ ।
ରଜା କେବେହେଁ ଶୋକ ନ ଛାଡ଼ିଲେ ।
ପୁଣି କ୍ରୋଧ କରି ଷିତ ପଡ଼ିଲେ ।
ପାଟ ସାମନ୍ତମାନେ ଆଗସରି ।
ସେ ଯାହାରେ ଜଣାନ୍ତି ଅନୁସରି ।
ଶୋକ ଛାଡ଼ି ମାଜଣା ବେଗେ ହୋଅ ।
ଚରି ଦଗକୁ ଦୂତ ବରଗାଅ ।
ଯହିଁ ନଳ ଦମୟନ୍ତୀ ଥିବେ ରହି ।
ଖୋଜ ଆଣନ୍ତୁ ଚରମାନେ ଯାଇ ।
ରଜା ଶୁଣିଣ ପ୍ରବୋଧ ହୋଇଲେ ।
ଦଶ ସହସ୍ର ବିପ୍ର ଅଣି ବୋଲେ ।
ପୁଣି ଆଜ୍ଞା ଦେଲେ ରଜା ପାଟକୁ ।
ତୁମ୍ଭେ ଚାଲ ହୋ ଭଣ୍ଡାର ଘରକୁ ।
ଅୟୁତେକ ସୁବର୍ଣ୍ଣ କ୍ଷଣକରେ ।
ବେଗେ ମେଲିଣି ଦଅ ଦ୍ୱିଜବରେ ।

ଆଜ୍ଞା ପାଇ ପାନ୍ଥ ହୋନ୍ତେ ବାହାର ।
ଧନ ଲେଖିଣ ସେ ଦେଲେ ସ୍ତମ୍ଭୂର ।
ସବୁ ବିପ୍ରଙ୍କୁ ନମସ୍କାର କରି ।
ପାନ୍ଥ ଚଳେନାଇ କହେ ଆଗସରି ।
ତୁମ୍ଭେ ସ୍ୱର୍ଗ ନଗକୁ ବେଗେ ଯାଅ ।
ଶୁଭେ ନଳ ରାଜାକୁ ଭେଟ ପାଅ ।
ଏବେ କଣ୍ଠ ମେଲାଣି କରିଦେଲା ।
ତାଙ୍କ ଅଗ୍ରତେ ସବୁ ଜଣାଇଲା । ୬୯ ।
ଶୁଣ ନଳ ଚରିତ ଦିବ୍ୟ ରସ ।
ଯାହା ଶୁଣନ୍ତେ ପାପ ହୋଏ ନାଶ ।
ଶ୍ୱେତପଦ୍ମ-ଡ଼ୋଳାକୁ ଲମ୍ବେ କରି ।
କଳା ଶ୍ରୀମୁଖ ଶ୍ରୀରଙ୍ଗା ଅଧର ।
ଯେଣୁ ହେଲା କରି ଏହା ସ୍ୱଭାବ ।
ଶିଶୁପାଳ ଭଗତ ସେ ପାଇବ ।
ପୁରୁଷୋତ୍ତମ କ୍ଷେତ୍ରବର ଯିବ ।
ଯାଇ କୈବଲ୍ୟ ଦାତାକୁ ଭେଟିବ ।
ତାଙ୍କ ପଦ୍ମଚରଣ ତଳେ ଥାଇ ।
ମଧୁସୂଦନ ଏ ଗୀତ ଗାଇଲ । ୭୦ ।

ଚତୁର୍ଥ ଛାନ୍ଦ

ରାଗ– ଚୋଖି

(ସପନ ରେଖୟା ବାଣୀ)

ରାମ ପଚ୍ଚାରନ୍ତି ପୁଣ ମାରକଣ୍ଡ ଋଷି ଶୁଣ
କଇକୟୀ ଅଇ ମୋତେ ଏ ଦୁଃଖ ଦେଲା ।
ଅରଣ୍ୟେ ଅଇଲି ମୁହିଁ ପିତା ମୋର ହତ ହୋଇ
ସୀତାୟା ସୁମୁଖୀ ମୋର ରାବଣ ନେଲା ।
କହ ଯାହା ଲେହିଛି କର୍ମେ
ଅଭିଷେକ ଛାଡ଼ି ମୁହିଁ ଅଇଲି ବନେ ॥
ପିତା ଦଶରଥ ମୋର ବସିଥିବେ ସ୍ୱର୍ଗପୁର
ରାଜାମାନେ ଉପହାସ କରିବେ ଦେଖି ।
ବୋଲିବେ ସେ ଭଲ ପୁତ୍ର ଜାତ କଲେ ଦଶରଥ
ଆପଣା ଘରଣୀକୁ ନ ପାରିଲେ ରଖି ।
କହ ମୁନି ନଳର କଥା
ହୃଦରୁ ଛାଡ଼ିବ ମୋର ସୀତାୟା ବ୍ୟଥା ॥
ଏଥୁ ଅନନ୍ତରେ ତହୁଁ ମାରକଣ୍ଡ ଋଷି କହୁ
ଶୁଣିମା ଶ୍ରୀରାମ ତୁମ୍ଭେ ନଳଚରିତ ।
ନଳ ଦମୟନ୍ତୀ ଯାଇ ଅରଣ୍ୟ ଭିତରେ ହୋଇ
କ୍ଷୁଧା ପିପାସାରେ ହୋଇ ବଡ଼ ଦୁଃଖିତ ।
ବିଧାତାର ଯୋଗ ଏସନ
ନଳ ବଡ଼ ଦୁଃଖୀ ହୋଇ କହେ ବଚନ ॥

ଦମୟନ୍ତୀ ଶୁଣ ବାଣୀ   ଅତି କ୍ଷୁଧା କଲୁ ଆଣି
ଆହାର ନୋହିଲେ ଥାଉ ନ ପାରେ ଯାଇ ।
ଏସନ ସମୟେ ତହିଁ   ଦ୍ୱାପର କପଟ ହୋଇ
କପୋତା ପକ୍ଷୀ ଗୁଡ଼ାଏ ଚରୁ ଅଛଇଁ ।
ଅଷ୍ଟରହେ ଜଡ଼ ସୁବର୍ଣ୍ଣ
ଦେଖିଲୁ ତ ନାହିଁ ପୂର୍ବେ ପକ୍ଷୀ ଏସନ ॥
ରାଜା ଦେଖି ଲୋଭ କରି   କେମନ୍ତେ ଏହାକୁ ଧରି
ଯେତେ ବୋଲି ଆପଣାର ବସ୍ତ୍ର ପେଲିଲା ।
ଅତି ତରତର ହୋଇ   ବସ୍ତ୍ର ଘୋଡ଼ାଇ ପକାଇ
ବିଧାତାର ବଣ୍ଟୁଁ ବସ୍ତ୍ର ଘେନି ଉଡ଼ିଲା ।
ଉଲଗ୍ନେ ସେ ରାଜା ରହିଲା
ଦମନ୍ତୀ ଶାଢ଼ୀରୁ ଅଣି ପଣନ୍ତ ଦେଲା ॥
ଏକବସ୍ତ୍ର ଦୁଇଜଣ   ପେନ୍ଥ ଗମନ କରଣ
କିଛି ଦୂରେ ମଣ୍ଡୋପେକ ଦେଖିଲେ ଯାଇଁ ।
ଚତୁର୍ଦ୍ଦିଗେ ଦାଣ୍ଡ ଚାରି   ଦ୍ୱାପର କପଟ କରି
ମଧ୍ୟରେ ମଣ୍ଡୋପ ସେହୁ ଅଛଇ ହୋଇ ।
ରାଜା ଦେଖି ମନେ ହରଷ
ଅତି ସୁଖେ ମଣ୍ଡୋପେଣ ହୋୟେ ପ୍ରବେଶ ॥
କିଛୁ ବେଳ ସୁଦ୍ରେ ରହି   ନଳ ଦମନ୍ତୀଙ୍କ କହି
ଯଉଁ ଦାଣ୍ଡେ ଗଲେ ଯଉଁ ରାଜ୍ୟରେ ହୋଇ ।
ଦକ୍ଷିଣ ଦାଣ୍ଡ ଦେଖାଇ   ରାଜା ସେ ପୁଣ ବୋଲଇ
ତୁମ୍ଭ ପିତା କଟକକୁ ଯେ ଦାଣ୍ଡେ ଯାଇ ।
ଶୁଣି ଶୋକ କରେ ଦମନ୍ତୀ
ମତେ ଛାଡ଼ି ପଳାଇବା ମନ କରନ୍ତୁ ॥

ଏହା ଶୁଣି ନଳରାଏ ଅତି ଶୋକଭରରେ କହେ
ମୋହୋର ଅଦୃଷ୍ଟ ଥାଉ ନୋହଇ କେହୁ ।
ବିଧାତା ଯାହା କରିବ କେ ତାହା ଜାଣି ପାରିବ
ମହୋର କଥାକୁ ତୁମ୍ଭେ ନ ଭାଳ ଆଉ ।
କିସ ଭ୍ରମ ବିଧାତା କଲା
କେଉଁ ପାତକକୁ ଏତେ କଷ୍ଟ ବହିଲା ॥
ଏମନ୍ତେ ସେହୁ ଦିବସ ଚଟନ ହୋଇଲା ଶେଷ
ଶର୍ବରୀ ଆସିଣ ପୁଣ ପ୍ରବେଶ ହୋଇ ।
ଜାଗ୍ରତ ଛାଡ଼ି ରାଜନ ଏବନ୍ନ ସେ କଲେ ଶୟନ
କଳି ଉଦବେଗେ ରାଜା ନିଦ ଭାଙ୍ଗଇ ।
ବିସ୍ମରଇ ନଳ ରାଜନ
କିସ ଦେନ ଏହୁ ବସ୍ତ୍ର କରିବ ଭିନ୍ନ ॥
ଏହା ଚିନ୍ତରନ୍ତେ ରାଏ ପାରୁଶେ କଲେ ଚାଲଏ
କିଛି ଦୂରେ ଅସିପତ୍ର ପଡ଼ିଣ ଥିଲା ।
ଦ୍ୱାପର କପଟ ହୋଇ ଖଣ୍ଡା ହୋଇଥିଲା ତହିଁ
ନଳ ମନେ ହୃଷ୍ଟ ହୋଇ କରେ ଧଇଲା ।
ପାଟଶାଢ଼ୀ ବିଭାଗ କଲା
ଦମନ୍ତୀର ଅଞ୍ଚଳ ସଙ୍କେତ ଲିହିଲା ॥
ସତ୍ୱରେ କଲେ ଗମନ କିଛି ଦୂରେ ନିଜ ଜ୍ଞାନ
ଦମନ୍ତୀଙ୍କି ଅରଣ୍ୟରେ ଏକା ଛାଡ଼ଇ ।
ପୁଣି ଲେଉଟିଲେ ରାଏ ମଣ୍ଡୋପ ସନ୍ନିଧେ ହୋଏ
ଅଜ୍ଞାନ ମୋହରେ ପୁଣ ଲେଉଟି ଯାଇ ।
ଏହି ଭାବେ ଶର୍ବରୀ ଶେଷ
କାନନ ଆଶ୍ରୟେ ରାଜା କଲେ ନିବାସ ॥

ଦମନ୍ତୀ ନିଦ୍ରା ଭାଙ୍ଗିଲା ଶଯ୍ୟାରୁ ଉଠି ବସିଲା
ସନ୍ନିଧେ ଦେଖିଲା ନଳ ରାଜନ ନାହିଁ ।
ଧଡ଼ସ ହୋଇ ଉଠିଲା ମୂର୍ଚ୍ଛା ସେ ଯାଇ ପଡ଼ିଲା
ଅତି ଶୋକଭର ହୋଇ ବାଳୀ ଖୋଜଇ ।
ପୁଣି ସେହୁ ଉଠିଲା ରାମା
କେତେ ପରିହାସ କର ବୋଲଇ ବାମା ॥
ମଣ୍ଡୋପ ତଳକୁ ଯାଇ ବୃକ୍ଷ ଉହାଡ଼େ ଖୋଜଇ
ମିଛେହେଁ ବୋଲଇ ତୋତେ ମୁହିଁ ଦେଖିଲି ।
ପୁଣି ଶୋକଭରେ ରହି ବେଗେ ଦେଖା ଦିଅ କହି
ନୋହିଲେ ମରିବି ମୁହିଁ ନିଶ୍ଚେ କହିଲି ।
ସେହି ରୂପେ ପହଡ଼େ ହୋଇ
ସ୍ୱେମନ୍ତରେ ବାମା ବସ୍ତ୍ର ଦେଖି ପଢ଼ଇ ॥
ଲେଖିଛୁ ପୁରୁଷମଣି, ଶୁଣ ରେ ପ୍ରାଣମିତଣି !
ମୋହୋ ଯେବ ଅତି କଷ୍ଟ ପାଇଲୁ ତୁହି ।
ମୋହୋର ଆୟୁତ ନାହିଁ ତୋତେ ତ ଅଛଇ କହି
ବିଧାତା ବଶରେ ସଖି ! ସ୍ୱେମନ୍ତ ହୋଇ ।
ତୁ ଏବେ ଏମନ୍ତ କରିବୁ
ପଥ ଅନୁସରି ପିତା ରାଜ୍ୟକୁ ଯିବୁ ॥
ବିଧାତା ଯେବେ କରିବ ସୁଦଶା ଯେବେ ହୋଇବ
ପୁଣି ଅବା କାହିଁ ବିହି ଭେଟ କରିବ ।
କେତେ ଦିନ ଯାଏ ସହି ! ନିଜ ପିତା ପୁରେ ରହି
ପୁଣି କର୍ମାକର୍ମ ଫଳମାନ ଭୁଞ୍ଜିବ ।
ରାଜାଘରେ ଜନମ ହେଲୁ
ରାଜା ହାତ ଧରି ସ୍ୱେତେ କଷ୍ଟ ପାଇଲୁ ॥

ଚିନ୍ତା ମନେ ନ କରିବୁ   ବାତୁଳ ବୁଦ୍ଧ ନୋହିବୁ
ଅମ୍ବିକାକୁ ଚିନ୍ତା ସେବା କରୁଣ ଥିବୁ ।
ସ୍ତ୍ରୀଙ୍କ ଆସ୍ଥିର ସେହୁ   ନ ପାରନ୍ତ ସହି ଯନ୍ତ୍ରଁ
ଯେ ବିଚ୍ଛେଦୁଁ ଜାଣିଥିବୁ ପାରି ହୋଇବୁ ।
ତୋହୋ ସଙ୍ଗ ଛାଡ଼ିଲି ମୁହିଁ
ସୁମନା ମନରେ ସେବା ଥିବୁ ଚିତ୍ତୋଇ ॥
ସଙ୍କେତ ଚହ୍ନୁଁ ପାଇଲା   ମୂର୍ଚ୍ଛା ସେ ଯାଇଁ ପଡ଼ିଲା
ଶୋକଭରେ ଉଚ୍ଚସ୍ୱରେ ରୋଦଉଠିଲା ।
ଅରଣ୍ୟ ଭିତରେ ଯାଇ   ସିଂହ ଆଗରେ ପଡ଼ଇ
ମତ୍ତହସ୍ତୀ ଆଗରେ ସେ ଯାଇ ପଡ଼ିଲା ।
ଶୋକ ତାର କେ ଅବା କହୁ ।
ଅତି ଗମ୍ଭୀର ଜଳରେ ପଡ଼ଇ ସେହୁ ॥
ବନ ବୁଲି ବୁଲି ଗଲା   ଅଜଗରକୁ ଭେଟିଲା
ତାହାର ସମ୍ମୁଖେ ବାମା ପଡ଼ିଲା ଯାଇଁ
ଅଜ୍ଞାନେ ନ ଜାଣେ କିଛି   ଦମୟନ୍ତୀକି ଗିଳୁଅଛି
ଉଚ୍ଚସ୍ୱରେ ନଳ ମୋତେ ରଖ ବୋଲଇ ।
କିରାତ ସେ ଶୁଣି ଅଇଲା
ଅଜଗର ଗିଳୁଅଛି ଆସି ଦେଖିଲା ॥
ଫାରସା ଯେନ ଛେଦିଲା   ମନୁଷ୍ୟ ବାହାର କଲା
ଦେଖିଲାକ ଅତିଅନ୍ତ ସୁନ୍ଦର ବାମା ।
ଲୋଭ କରଣ କିରାତ   ବେଗେ ଧରିଲା ତା ହାତ
ଧର୍ମକୁ ସୁମରି କ୍ରୋଧେ ଚାହିଁଲା ବାମା ।
ଭସ୍ମ ହୋଇ କିରାତ ଗଲା
ପୁଣି ନଳ ସୁମରଣ ରୋଦି ଉଠିଲା ॥

ତହୁଁ କିଛିଦୂର ଯାଇ ଅରଣ୍ୟ ଭିତରେ ହୋଇ
ଦେଖିଲା ପୁଷ୍କରଣୀରେ ପଦ୍ମ ଫୁଟିଛି ।
ଉତ୍ତମ ସୁବାସ ନୀର ତୃଷାରେ କଲା ଆହାର
ସେଠାବକୁ ମନୁଷ୍ୟଙ୍କ ଗୋଳ ଶୁଭୁଛି ।
ଚଳିଲା ସେ ରାଜକୁମାରୀ
ମନରେ ଅନବଧାନେ ନଳ ସୁମରି ॥
ତହୁଁ ଚାଲି ଯାଉଥିଲା ଖଣ୍ଡେକ ଦୂରେ ଦେଖିଲା
ବହୁତ ସେ ବଣିଜାରେ ଅଛନ୍ତି ରହି ।
ପାରୁଶେ ହୋଇଲା ଯାଇ ବାରତା ତାଙ୍କୁ ପୁଚ୍ଛଇ
କେବଣ ଦେଶକୁ ତୁମ୍ଭେ ଯିବ ହୋ ଭାଇ ।
ଦେଖି ଉପହାସ ସେ କଲେ
ଅରଣ୍ୟର ଦେବୀ ଏହୁ ବୋଲି ବୋଇଲେ ॥
ସେହୁ ଭଲ ଲୋକେ ଥିଲେ ଦୁଷ୍ଟଙ୍କୁ ନିବର୍ତ୍ତାଇଲେ
କହିଲେ ସୁବାହୁ ନାମେ ଏକ ସଜନ ।
ଭଣ୍ଡାର ଆମ୍ଭଙ୍କୁ ଦେଇ ବଣିଜକୁ ପଠାଅଇ
ଭାଗ ଲେଖିକରି ସେହୁ ଦିଅନ୍ତି ଧନ ।
ଆମ୍ଭେ ତାଙ୍କ ରାଜ୍ୟକୁ ଯିବୁ ।
ଆଜକ ଏହି ଠାବରେ ସୁଖେ ରହିବୁ ॥
ଶୁଣି ଦମୟନ୍ତୀ ବୋଲଇ ତୁମ୍ଭର ବୋଇଲେ ମୁହିଁ
ସେହି କଟକକୁ ତୁମ୍ଭ ସଙ୍ଗତେ ଯିବି ।
ଭଲ ଲୋକ ଦେଖି କରି ମୋହର ସୁକୃତ ସାରି
ଯେଉଁ ଅଦ୍ଭୁତ ପାରିବ ସେବା କରିବ ।
ହେଉ ବୋଲି ସେହୁ ବୋଇଲେ
ରହକ ସେ ତାହାଙ୍କର ସଙ୍ଗେ ରହିଲେ ॥

ବିଧାତା ଅପୂର୍ବ ପୁଣ   ମହାଜନଣି ଭଗବେଣ
ମତ୍ତ ହସ୍ତି ଯୂଥ ସୃଷ୍ଟରଣୀ ଅଇଲେ ।
ବହୁତ ଆଟ ଦେଖିଲେ   ଅନେକ ଲୋକ ମାଇଲେ
ଯେ ଯାହାରେ ପ୍ରାଣ ଘେନି ପଳାଇ ଗଲେ ।
ଦମନ୍ତୀ ସେ ମନେ ଭାଳଇ
ମୋହ ରହିଲାକୁ ଏଥି ବିପତ୍ତି ହୋଇ ।
ରାତ୍ର ଯେ ଶେଷ ହୋଇଲା   ପୂର୍ବେ ସୂର୍ଯ୍ୟ ପ୍ରକାଶିଲା
ସମସ୍ତେହିଁ ଆସି ଏକଠୁଳ ହୋଇଲେ ।
ଯେତେ ଦ୍ରବ୍ୟମାନ ଥିଲା   ଯେ ଯାହାର ସେ ଘେନିଲା
ପଥ ଅନୁସରି ସେହୁ ରାଜ୍ୟକୁ ଗଲେ ।
ସେହୁ ସଙ୍ଗେ ଦମନ୍ତୀ ଯାଇ
କିଛୁଦିନ କଟକରେ ପ୍ରବେଶ ହୋଇ ॥

ରାଜାକୁ ଭେଟି ସେମାନେ   ଗଲେ ଯେ ଯାହା ଭୁବନେ
କଟକ ଦାଣ୍ଡରେ ଦମୟନ୍ତୀ ରହିଲେ ।
କେବଣ ଠାବକୁ ଯିବି   କାହାର ଘରେ ରହିବି
ଯେମନ୍ତେ ବୋଲିଣ ମନେ ବିସ୍ମର କଲେ ।
ଯେସନେକ ହୁରଥା ଠୁଲ
ବାଇ ଯାଉଅଛି ବୋଲି କଲେ ସେ ଗୋଳ ॥

ପଛେ ହୁରଥା ଗୋଡ଼ାଇ   କେ କେତେ ମାଡ଼ ମାରଇ
ବିଧାତା ନିଷ୍ଠୁର ପଣ କହିବ କେତେ ।
ଗୋଳ କରି ଦାଣ୍ଡେ ଯାଉ   ଜଗତି ଉପରେ ବହୁଁ
ରାଜମାତା ଦେଖିଲେ ତା ଦଇବକୁତେ ।

ଆଜ୍ଞା ଦେଲେ ଏକ ଦାସୀକି
ଏହାକୁ ନେ ହାଙ୍କି ଆଣ ମୋର କଟକ ॥
ବେଗ ହୋଇ ଦାସୀ ଯାଇ   ନଗରୁ ବାହାର ହୋଇ
ଦମୟନ୍ତୀ ସନ୍ନିଧରେ ସେ ଯାଇ ହୋଇଲା ।
ତ୍ୱରିଅ ଯଉଡ଼ି ଦେଇ   ଦମୟନ୍ତୀ ଆଗରେ ହୋଇ
ରାଜମାତା ଡାକୁଛନ୍ତି ବୋଲି ବୋଇଲା ।
ଶୁଣି ତାର ସଙ୍ଗତେ ଗଲେ
ରାଜମାତାଙ୍କ ସମ୍ମୁଖରେ ଦର୍ଶନ କଲେ ॥
ଆଜ୍ଞା ଦେଲେ ଠାକୁରାଣୀ   କାହୁଁ ତୁ ଆଇଲୁ ପୁଣି
କସ କାର୍ଯ୍ୟେ ଏଥୁ ଦାଣ୍ଡେ ଯାଉ ବୋଇଲେ ।
ଦମୟନ୍ତୀ ବୋଇଲେ ଶୁଣ   ଦୁଃଖୀ ମୁଁ ଅଟଇ ଜାଣ
ସେବା କରି ରହିବଇଁ ବୋଲି ବୋଇଲେ ।
କସ ସେବା କରିବୁ ଜାଣି
ସଇରନ୍ଧ୍ରୀର ସେବା ମୁହିଁ କରିବି ପୁଣି ॥
ଏହା ଶୁଣି ଠାକୁରାଣୀ   ସୁପ୍ରଭାର ହସ୍ତ ଆଣି
ବୋଇଲେ ତୋହର ସଖୀ ଦୁହିତା ମୋର ।
ଦୁହେଁ ଏକ ଠାବେ ଥିବ   ଏକ ଶଯ୍ୟାରେ ଶୋଇବ
ଅର୍ଦ୍ଧେ ତୁମ୍ଭେ ଦୁହେଁ ମୋତେ ସମାନ ପର ।
ସେହିଦିନୁ ତହିଁ ରହିଲେ ।
ମନରେ ଦୁଃଖ ବାହାରେ ଦମ୍ଭ ଧରିଲେ ॥
ଏମନ୍ତେ ବହୁତ ଦିନ   ଦମୟନ୍ତୀ ଥିଲେକ ପୁଣ
ଏକଦିନେ ଏସନେକ କଥା ହୋଇଲା ।
ଭୀମରାଜା ଦୂତମାନେ   ବୁଲୁଥାନ୍ତି ସର୍ବସ୍ଥାନେ
କେହୁଣି ଠାବରେ ଆସି ଭେଟ ହୋଇଲା ।

ସୁଦେବ ସେ ବୋଲି ବ୍ରାହ୍ମଣ
ସୁବାହୁ କଟକେ ଆସି ପ୍ରବେଶ ପୁଣ ॥
ନଗ୍ରଯାକ ସେ ଖୋଜିଲା   କାହିଁ ଭେଟ ନ ପାଇଲା
ରାଜା ନଳର ଭିତର ଦେଖିବା ପାଇଁ ।
ରାଜମାତାଙ୍କୁ ଭେଟିଲା   ଦାନ ଘେନିବାରେ ଗଲା
ନଗର ଭିତରେ ଯାଇ ପ୍ରବେଶ ହୋଇ ।
ଠାକୁରାଣୀ ସନ୍ତୋଷ ହୋଇ
ଦାନ ବଧିମାନ ସେ ଯତନେ ଦିଅଇ ॥
ସ୍ନାହାନ ଶଉଚ ହୋଇ   ବିପ୍ରବରଙ୍କୁ ଡକାଇ
ବୋଲନ୍ତି ହେ ବିପ୍ରବର ଘେନ ମୋ ଦାନ ।
ବହୁତ ହୋଇବ ପୁଣ୍ୟ   କୁଶଳେ ଥିବେ ରାଜନ
ଧନ୍ୟ ହୋଇଥିବେ ଆମ୍ଭ ପରଜାମାନ ।
ଶୁଣି ଦ୍ୱିଜ ଦାନ ଘେନିଲେ
ଦାନଠାରେ ସେହୁ ଦମୟନ୍ତୀଙ୍କ ଦେଖିଲେ । ୩୧ ।
ସୁଦେବ ଦୋଚହ୍ନା କରି   ପୁଣ ପୁଣ ଅନୁସରି
ପଚାରିଲେ ମାଏଙ୍କୁ କସ ନାମ ତୁମ୍ଭର ।
ଦମୟନ୍ତୀ ତାଙ୍କୁ ଚହ୍ନିଲେ   ଶୋକଭରେଣ କାନ୍ଦିଲେ
ସୁଦେବ ଉଠିଣ ବେଗେ ଧରେ ହୋଡର ।
ଆଜ ବଡ଼ ଭାଗ୍ୟ ମୋହର
ବହୁତ ଖୋଜାଉଛନ୍ତି ମାଏଙ୍କୁ ତୁମ୍ଭର ।
ଏହା ଶୁଣି ଠାକୁରାଣୀ   ବିପ୍ରଙ୍କୁ ପୁଚ୍ଛଇ ବାଣୀ
ଏହାଙ୍କୁ ଜାଣ କି ବିପ୍ରବର ଗୋସାଇଁ ।

ସୁଦେବ ବୋଲଇ ପୁଣ ଭୀମରାଜା ବୋଲି ଜାଣ
ତାହାଙ୍କ ଦୁହିତା ଦମୟନ୍ତୀ ଅଟଇ ।
ନଳରାଜା ପାଟମହିଷୀ
ଏହାଙ୍କୁ ଖଟନ୍ତି ନିତ କୋଟିଏ ଦାସୀ ।
ଠାକୁରାଣୀ ଆଜ୍ଞା କଲେ ବ୍ରାହ୍ମଣଙ୍କୁ ପଚାରିଲେ
ଯେବେ ଯେବେ ଦମନ୍ତୀ ଏହା ସ୍ୱରୂପ କାହିଁ ।

ଦମନ୍ତୀକି ପାଶେ ଆଣି ଦେଖିଲେ ଯେ ଠାକୁରାଣୀ
କପାଳେ ତିଳକ ଧାଡ଼ି ସାତ ଅଛଇ ।
କୋଳେ ଆଣି ବେଗେ ଧଇଲେ
ମୋହର ଭ୍ରାତା ଦୁହିତା ବୋଲି ବୋଇଲେ ॥

ସୁବାହୁ ରାଜାଙ୍କୁ ଯାଇ ବେଗେ ଦାସୀଗଣେ କହି
ମାତୁଳ ଦୁହିତା ତୁମ୍ଭ ଭଗ୍ନୀ ଦମନ୍ତୀ ।
ଥିଲେ ନଗର ଭିତରେ କହିଦେଲେ ବିପ୍ରବରେ
ଠାକୁରାଣୀ ଚହ୍ନିଲେ ସେ ହର୍ଷେ ଅଛନ୍ତି ।
ଶୁଣି ରାଜା ବେଗେ ଉଠିଲେ
ମାତାଙ୍କ ନିକଟେ ସେ ପ୍ରବେଶ ହୋଇଲେ ॥

ମାତାଙ୍କର ଶ୍ରୀପଦରେ ପ୍ରଣିମିତ ବେଗେ କଲେ
ପଚାରିଲେ ଏଥୁ କଥା କହ ବେଗେଣ ।
ସବୁ ଦେଖି ପରମାଣି ବୁଝାଇଲେ ଠାକୁରାଣୀ
ଶୁଣି ରାଜା ଦମନ୍ତୀର ଧରେ ଚରଣ ।
ଉଠି ବିପ୍ରମୁଖକୁ ଚାହିଁ ।
ନମସ୍କାର କରି ବଡ଼ ବିନୟ ହୋଇ ॥

ସୁବାହୁ କହେ ବଚନ   ମୋହର ଭାଗ୍ୟ ଯେସନ
ଦମନ୍ତୀ ଆସିଣ ମୋର ପୁରରେ ଥିଲେ ।
ଆଜହୁଁ ମୋର ନଗର   ପବିତ୍ର ହୋଇଲା ପୁର
ଅଧିକ ମୁଁ କିସ କହିବଇଁ ବୋଇଲେ ।
ଶୁଣି ବିପ୍ର ବେଗେ ଜଣାଇ ।
ଦମନ୍ତୀକି ପଠିଆଅ ବୋଲିଣ କହି ॥

ସୁବାହୁ କରି ବିଜେସ୍ତୁ   ଆସ୍ଥାନ ଉପରେ ହୋସ୍ତୁ
ଶ୍ରୀପଲଙ୍କ ସେହୁ ବେଗେ ସଜ କରାଇ ।
ଚନ୍ଦ୍ର ସୂର୍ଯ୍ୟର ଓହାଡ଼   ଚହୁଟ ଗୁମର ପଡ଼
ହୋଡ଼ଙ୍ଗିଆମାନେ ଚହୁଁ ଜଗିଥା ଦେଇ ।
ରାଜବଧୂ ଯେତେ ବେହାର ।
ଚଳିଣ ଚଉରାଷା ବଳ ସେନ ସଙ୍ଗର ।

ଭିତର ପୁରୁ ଦମନ୍ତୀ   ବିଜୟେ କରି ଆସନ୍ତି
ଶ୍ରୀପଲଙ୍କପରେ ଆସି ବିଜୟ କଲେ ।
ସୁବାହୁ ପାଶ୍ରେଟି ଯାଇ   ବହୁତ ଅକ୍ଷତ ଦେଇ
ନମସ୍କାର କରି ସେ ବାହୁଡ଼ି ଅଇଲେ ।
ପଥ ଅନୁସରି ସେ ଗଲେ ।

କେତୁଦିନେ କଟକରେ ପ୍ରବେଶ ହେଲେ ।
କୁଣ୍ଡୀ ନଗ୍ରେ ଯେତେ ଲୋକ   ପାଇଥିଲେ ବଡ଼ ଶୋକ
ଦମନ୍ତୀ ବିଜୟ ସନ୍ତୁଁ କର୍ଣ୍ଣେ ଶୁଣିଲେ ।

ବହୁତ ହରଷ ହୋଇ   ସେ ଯାହାର ବେଗେ ଧାଇଁ
ଚକ୍ଷୁ ପୁରାଇଣ ସମସ୍ତେହିଁ ଦେଖିଲେ ।

ବେଗେ ଉଗସ୍ୱଏ ଧାଇଁଲେ ।
ଅସ୍ଥାନ ତଳରେ ପାସ୍ୱେ ପଡ଼ି ଶୋଇଲେ ।
ଶୁଣିଲୁ କର୍ଣ୍ଣାଟେଶ୍ୱର   କୁଣ୍ଡୀ ନଗ୍ରର ଭିତର
ଦମନ୍ତୀ ବଜନସ୍ୱ କର ଅସୁଅଛନ୍ତି ।
ସୁଦେବ ବୋଲି ବ୍ରାହ୍ମଣେ   ଯାଇଥିଲେ ଦୂତପଣେ
ସୁବାହୁ କନ୍ୟକୁଁ ସେହୁ ଘେନ ଅସନ୍ତି ।
ଶୁଣି ରାଜ୍ୟ ହରଷ ହୋନ୍ତି ।
ଶ୍ରୀଅଙ୍ଗ ବଡ଼ ତଡ଼ାଉ ଯାଉ ଦଅନ୍ତି ।

ଭୀମରାଜା ଉଠି ବେଗେ   ପାତ୍ର ଅମାତ୍ୟ ସଙ୍ଗେ
ପାଗ୍ରେଛି ଯାନ୍ତେଣ ସିଂହଦ୍ୱାରେ ଦେଖିଲେ ।
ଶ୍ରୀପଲଙ୍କୁ ଓହ୍ଲାଇଲେ   ଚରଣତଳେ ପଡ଼ିଲେ
ଦୁହିତାଙ୍କୁ ବେଗେ ରାଜା ତୋଳି ଧଇଲେ ।
ରାଜା ବଡ଼ ଉଲ୍ଲାସ ହୋଇ ।
ପ୍ରେମ ପୁଲକିତ ଚକ୍ଷୁ ଲୋତକ ବହି ॥
ଜନ୍ମ ଅନ୍ଧ ଯେହ୍ନେ ଥାଇ   ସେହିକ୍ଷଣି ଚକ୍ଷୁ ପାଇ
ଯେସନେ ଦରିଦ୍ରେ ଧନ ପ୍ରାପତ ହୋଇ ।

ଅପୁତ୍ରକର ଯେସନ   ପୁତ୍ର ଜାତ ହେଲେ ମନ
ରାଜ୍ୟଭ୍ରଷ୍ଟ ରାଜା ତାର ରାଜ୍ୟକୁ ପାଇ ।
ଭୀମ ରାଜା ତେଡ଼େ ହରଷ ।
ସଙ୍ଗତେ ଦୁହିତା ଘେନ ପୁରେ ପ୍ରବେଶ ॥

ସିଂହାସନେ ବସେ କରି   ଦମନ୍ତୀକି କୋଳେ ଧରି
ନଳ ରାଜା କିସ କଲେ ବୋଲି ପଶ୍ନର ।

ଦମନ୍ତୀ ତନୟ ହୋଇ ଗ୍ରୁମୁଟର ସବୁ ଜଣାଇ
ସ୍ବର ନଗରିବାକୁ ସେ ବିସ୍ବର କରି ।
ସେହିକ୍ଷଣି ବିପ୍ରେ ବହୁତ ।
ଅନେକ ସେ ଧନ ଦେଲେ ରାୟେ ତୁରିତ ॥
ଧାଇଁ ମୃଦୁସୁଲ୍ଗା ପୁଣି ସୁତ ଦୁହିତାକୁ ଆଣି
ଏମନ୍ତ ସମୟେ ତାଙ୍କ କୋଡ଼ରେ ଦେଲେ ।
ହରଷେ ଯେବେ ଦମୟନ୍ତୀ ପୁତ୍ରଙ୍କ ଶିର ଚୁମ୍ବନ୍ତି
ଭିତର ପୁତ୍ରକୁ ବୋଲି ବିଜୟ କଲେ ।
ମାତାଙ୍କର ଚରଣ ଧରି ।
ବଡ଼ ଶୋକ କଲେ ତହୁଁ ନଳ ସୁମରି ॥
ମାୟେ ତୋଳି ଭୁଜେ ଧରି କହନ୍ତି ସେ ବୋଧ କରି
ବିଧାତା ଏସନ ତୋତେ ଲିଖାଇ ଥିଲା ।
ଏବେହେଁ କଷ ହୋଇବ ନଳ କି ଶୁଭେ ଆସିବ
ତେବେହେଁ ବୋଲିବା ସିନା ଭଲ ହୋଇଲା ।
ମାୟେ ମୋର ଶୋକ ନ କର ।
ନିରନ୍ତରେ ମହାଦେବ ନାମ ସୁମର ॥
ଏହୁ ନଳର ଆଖ୍ୟାନ ଶୁଣନ୍ତି ଯେବଣ ଜନ
ମହାଘୋର ବିପତ୍ତି ତାଙ୍କର ଫିଟଇ ।
କହେ ମାରକଣ୍ଡ ଋଷି ରାମଙ୍କ ଅଗ୍ରତେ ବସି
ମଧୁସୂଦନ ଦ୍ୱେ ରସ ଗୀତେ ଗାଅଇ ।
ଚକ୍ରଧର ଦୁଃଖ ନାଶିବେ ।
ମନଚିନ୍ତା ସର୍ବ ଜଗନ୍ନାଥ ଫେଡ଼ିବେ ॥

ପଞ୍ଚମ ଛାନ୍ଦ

ଦିଶ ବରାଡ଼ି—(ଆଷାଢ଼ଶୁକ୍ଳ ବାଣୀ)

ଏବେ ଶୁଣିମା ଅତ୍ୟନ୍ତ ଚରିତ ।
ରାମ ପଚାରନ୍ତି ନଳ ଚରିତ ।
ବୋଇଲେ ହେ ଋଷି ନଳ କି କଲା ।
ଦମୟନ୍ତୀକି ଛାଡ଼ି କେଣିକି ଗଲା ।
ତା କହ ଗୋସାଇଁ ।
ଅତି ରସକଥା ମୁହିଁ ଶୁଣଇ । ୧ ।

ଶୁଣ ଶ୍ରୀରାମ ମାରକଣ୍ଡ କହେ ।
ଦମୟନ୍ତୀ ଶୟନ ଶଯ୍ୟାରେ ରହେ ।
ନଳ ତା ଛାଡ଼ି ଅରଣ୍ୟକୁ ଗଲା ।
ପଶ୍ଚିମ ମୂର୍ତ୍ତି ହୋଇ ବନେ କଲା ।
ସେ କଳିର କୃତ୍ୟ
କେହ୍ନେଣି ନଳର ନୋହେ ଅସ୍ମୃତ । ୨ ।

ଏମନ୍ତେ କେତେହେଁକ ଦିନ ଗଲା ।
ହେଁକମୁଖ ହୋଇ ଧାଉଣ ଥିଲା ।
ଅରଣ୍ୟରେ ଦାବାନଳ ଲାଗିଛି ।
ତଥିମଧ୍ୟରେ ଶବଦ ଶୁଭୁଛି ।
ମୋତେ ରଖ ନଳ ।
ଶୁଣିଲେ ରାଜା ତାହାର ବଚନ । ୩ ।

ଶବଦକୁ ହେଜ ବଜାୟେ କଲେ ।
ଅଗ୍ନିର ଭିତରେ ଯାଇଁ ପଶିଲେ ।
ଦେଖିଲେ ମହା ସର୍ପେକ ପଡ଼ିଛି ।
ପର୍ବତ ଶୃଙ୍ଗ ପରାୟେ ଦିଶୁଛି ।
ତାଙ୍କୁ ପଚାରିଲେ ।
କିସ କଥା ତୋର କହ ବୋଇଲେ । ୪ ।

କହଇ ବଡ଼ ସେ ବିନମ୍ର ହୋଇ ।
ସବୁକଥା ମୁଁ ପଛେ କହିବଇଁ ।
ଅଗ୍ନି ଭୟରୁ ମୋତେ ରକ୍ଷା କର ।
ଏ ଦିନ ମୁହିଁ ଅଟଇ ତୁମ୍ଭର ।
ତା ନଳ ଶୁଣିଲେ ।
ମୁଁ ତୋତେ କେମନ୍ତେ ନେବ ବୋଇଲେ ।୫।
ରାଜା ବଚନେ ମହାସର୍ପ କହି ।
ଆଜ୍ଞା ଦେଲେ ତୋର ହସ୍ତେ ସମ୍ଭାଇ ।
ଶୁଣି ନଳ ଯେ କର ପ୍ରସାରିଲେ ।
କ୍ଷୁଦ୍ର ସର୍ପେକ ହୋଇଣ ପଶିଲେ ।
ସେ ହସ୍ତରେ ଲାଗିଁ ।
ଅନଳ ଭିତରୁ ବାହାର ହୋଇ ।୬।

ସର୍ପରାୟେ ଯେ ପୁଣି ଆଜ୍ଞା ଦେଲେ ।
ଦଶ ପଦ ଗଣ୍ଡି ତୁ ଗଣ ବୋଇଲେ ।
ସେଠାରେ ଭୂମିରେ ଛାଡ଼ିବୁ ମୋତେ ।
ଉପକାର ମୁହିଁ କରିବି ତୋତେ ।

ତା ଶୁଣି ରାଜନ ।
ପଦାନ୍ତ ଗଣି ସେ କଲେ ଗମନ । ୭ ।

ନଳ ବୋଇଲେ ଏବେ ହେଲା ଦଶ ।
ଛିଡରେ ଥିଅନ୍ତେ ବରଷେ ବିଷ ।
ଆପଣା ଅଙ୍ଗକୁ ନଳ ଗୃହିଁଲେ ।
ବିଷ ଜାଳାରେ ବିରୂପ ଦିଶିଲେ ।
ଅତି ଅସୁନ୍ଦର ।
ଚର୍ମ ଦିଶୁଅଛି ଯେସନ୍ତେ ଅଙ୍ଗାର । ୮ ।

ନାସା ଦେଖିଲେ ବନ୍ଧ ହୋଇଗଲା ।
ଚକ୍ଷୁ ଶ୍ରୋଣିତ ପରାଏ ଦିଶିଲା ।
ମନରେ ବଡ଼ ବିଷାଦ ପାଇଲେ ।
କର୍ପା ଏମନ୍ତ ତୁ କଲୁ ବୋଇଲେ ।
ସତ୍ୟ କହ ମୋତେ ।
କଉଁ ଅପରାଧ କଲି ମୁଁ ତୋତେ । ୯ ।

ନାମ ତୁମର ଯେ କିସ ଅଟଇ ।
କଉଁ ଅପରାଧ ମୁହିଁ କଲଇଁ ।
ଅମୋହ ଦଣ୍ଡ ଦେଲୁ କିପାଇଁ ।
ସବୁ ତା ବୁଝାଇ କହ ଗୋସାଇଁ ।
ମହାନାଗ କହେ ।
କର୍କୋଟକ ମୋର ନାମ ଅଟଇ । ୧୦ ।

ଅପ୍ସରୁକୁଳାଙ୍କର ମଧ୍ୟରେ ମୁହିଁ ।
ଦେବତାଙ୍କ ସଙ୍ଗେ ସ୍ୱର୍ଗରେ ଥାଇ ।
ଋଷିଶାପେ ମୁଁ ଯେ ଚ୍ୟୁତ ହୋଇଲି ।
ଅନେକ ଦିନ ହୋଇଲା ରହିଲି ।
ମୋକ୍ଷ ମାଗିଲଇଁ ।
ଋଷି ଆଜ୍ଞା ଦେଲେ ପ୍ରସନ୍ନ ହୋଇ । ୧୧ ।

ବହୁତ ଦିନ ସେହିଠାରେ ଥିବୁ ।
କ୍ଷୁଧା ତୃଷାରେ ତୁ କଷ୍ଟ ପାଇବୁ ।
ପବନ ଆଉ ତୋତେ ନ ଲାଗିବ ।
ତପନ କିରଣ ବଡ଼ ନୋହିବ ।
ମୋହର ବଚନ ।
ବିଧାତା ଆଉ ନ କରିବ ଆନ । ୧୨ ।

କେଉଁଣସି କାଳେ ସତ୍ୟ ଯୁଗରେ ।
ବୀରସେନ ସେ ତପନ ବଂଶରେ ।
ତାର ସୁତ ନଳରାଜା ହୁଇଁଲେ ।
ଶାପରୁ ମୁକତ ହେବୁ ବୋଇଲେ ।
ଶୁଣି ପଚାରିଲି ।
କେମନ୍ତେ ତାଙ୍କୁ ଭେଟିବି ବୋଇଲି । ୧୩ ।

ଋଷି ଆଜ୍ଞା ଦେଲେ ଶୁଣ ବଚନ ।
ଅରଣ୍ୟେ ଆସିବେ ନଳରାଜନ ।
ବନପୋଡ଼ ଯେତେବେଳେ ହୋଇବ ।
ଦୈବଯୁ ନଳ ପ୍ରବେଶ ହୋଇବ ।

ତୁ ଝାଙ୍କିବୁ ତେବେ ।
ଶୁଣିଣ ଘେମ୍ୟେ ବଜେମ୍ୟେ କରିବେ । ୧୪ ।

ନଳ ଅଃନ୍ତ ବଡ଼ ଧର୍ମିବନ୍ତ ।
ତାଙ୍କୁ ଛୁଅଁନ୍ତେ ହୋଇବୁ ମୁକତ ।
ଦେବଲୋକରେ ଥାସି ତୁ ବସିବୁ ।
ଯଥା ଅଧିକାରପଣ ପାଇବୁ ।
ଏହା କହୁଛନ୍ତ ।
ତୋତେ ଭେଟିଲି ହୋଇଲି ମୂକତ । ୧୫ ।

ହେ ମହାରାଜା ! ମୋର ବୋଲ ଶୁଣ ।
ତୁମ୍ଭଙ୍କୁ ବିପତ୍ତି ପଡ଼ିଛି ଜାଣ ।
ଯେହୁ ସେ ତୋତେ ଏ ଦୁଃଖ ଦେଉଛି ।
ତା'ର ଉପରେ କଷ୍ଟ ବରଷୁଛି ।
ସେ କହଇ ସିନା ।
ପାଇବ ସେହୁ ଯେତେକ ବେଦନା । ୧୬ ।

ସ୍ୱରୂପ ତୁମ୍ଭର ବିରୂପ କଲି ।
ବିପତ୍ତି ତୁମ୍ଭର ମୁହଁ ଦେଖିଲି ।
ଅରୂପ ହୋଇ କହୁଦାନ ଥଅ ।
ବିପତ୍ତି ଗଲେ ନିଜରୂପ ହୋଅ ।
ଯେହୁ ବସ୍ତୁ ଦୁଇ
ନଖ ଭିତରେଣ ସବୁ ଲୁଗ୍ଭଇ । ୧୭ ।

ଯେତେ ବୋଲି ପୀତପକ୍ଷୀ ଦୁଇ ।
ନଖ ଭିତରେଣ ଯାଇ ପଶ୍ମାଇ ।
କର୍କୋଟ ନାଗ ବୁଝାଇ କହିଲେ ।
ରୂପକୁ ତୋହର ଇଚ୍ଛା ହୋଇଲେ ।
ସୁମନ୍ତ କହିବୁ ।
ଏକ ଅଙ୍ଗେ ଏକ ଶାଟର ବାନ୍ଧିବୁ । ୧୮ ।

ନଳ ଯେ ମନେ ଚିନ୍ତା କରୁଥିଲେ ।
ନାଗରାଜାର ବଚନ ଶୁଣିଲେ ।
ହରଷ ହୋଇ ପାଦ୍ୟେ ପଡ଼ି ଶୋଇ ।
କର୍କୋଟ ବଡ଼ ପରସନ୍ନ ହୋଇ ।
ଆଜ୍ଞା ଦେଲେ ପୁଣ ।
ତୋ ନାମ ଯେହୁ କରିବ ସ୍ମରଣ । ୧୯ ।

ପ୍ରଚଣ୍ଡ ବିଷ ତାକୁ ନ ଲାଗିବ ।
ସର୍ପାଘାତ ତାକୁ କେବେ ନୋହିବ ।
ତୋହୋର ମୋହୋର ସମ୍ବାଦ ଯେହୁ
ଏକମନ ହୋଇ ଶୁଣିବ ଯେହୁ ।
ସୁମନ୍ତ ହୋଇବ ।
ମୋହୋର ସମାନ କଷ୍ଟ ଫିଟିବ । ୨୦ ।

ଆଉ ଅଧିକ ବରମାନ ଦେଲେ ।
ସ୍ୱର୍ଗପୁରକୁ ସେ ବିଜୟେ କଲେ ।
ନଳ ସେଠାରୁ କିଛିଦୂର ଗଲେ ।
ଅଯୋଧ୍ୟା ନଗରେ ପ୍ରବେଶ ହେଲେ ।

କଣ୍ଟକ ଭିତରେ ।
ଯାଇଁ ସେ ହୋଇଲେ ସିଂହଦୁଆରେ ।୨୧।

ଋତୁପର୍ଣ୍ଣ ବୋଲି ତହିଁ ରାଜନ ।
ସୂର୍ଯ୍ୟବଂଶେ ସେ ମହା ବିଦ୍ୟମାନ ।
ଧର୍ମ ପାଳଇ ବିଧିମତ କରି ।
ସତ୍ତ୍ୱଗୁଣ ସେହୁ ଅଛି ଆବୋରି ।
ବଡ଼ ଅବକାଶ ।
ଛତିଶ ନିଯୋଗ ଅଛନ୍ତି ପାଶ । ୨୨ ।

ଏହି ସମୟେ ନଗ୍ରର ଭିତରେ ।
ଯାଇ ହେଲେ ଋତୁପର୍ଣ୍ଣ ଛାମୁରେ ।
ଅସ୍ଥାନ ଲୋକ ଦେଖି ପଚାରିଲେ ।
କେବଣ ସ୍ଥାନକୁ ଯିବ ବୋଇଲେ ।
ବଚନ କହନ୍ତି ।
ନଳରାଜାର ସାରଥି ବୋଲନ୍ତି । ୨୩ ।

ତାହାଙ୍କର ମୁହିଁ ମେଣ୍ଟ ଅଟଇ ।
ମୋର ତାଙ୍କର ଭିନ୍ନାଭିନ୍ନ ନାହିଁ ।
ନଳକୁ ଯହୁଁ ବିପତ୍ତି ପଡ଼ିଲା ।
ତେଣୁ ବିଧାତା ଏତେପରି କଲା ।
ତା ଶୁଣିଲେ ଯହୁଁ ।
ରାଜା ଛାମୁରେ ଜଣାଇଲେ ତହୁଁ । ୨୪ ।

ରହନ୍ତୁ ବୋଲିଣ ସେହୁ ଅଜ୍ଞା ଦେଲେ ।
ଜପ ବରତନ ଦେବା ବୋଇଲେ ।
କହିଲେ ବରଜନେ କାର୍ଯ୍ୟ ନାହିଁ ।
ହବିଷ ଭୋଜନ କରିବ ମୁହିଁ ।
ଉଦରକୁ ମାନ ।
ଧନକୁ ଧନ ଦେବ ହେ ରାଜନ । ୨୫ ।

ଶୁଣି କରି ରାଜ୍ୟ ହସି କହିଲେ ।
ଅସବାବ ଘରୁ ନେବ ବୋଇଲେ ।
ଗୃହେଗୋଟି ଅଶ୍ୱ ଦୁର୍ବଳ ଜରି ।
ଦାଅନ୍ତି ଧାନ୍ୟରୁ ତହୁଁ ଅବୋରି ।
ବାରୁଣାଳେ ରହି ।
ଅଶ୍ୱ ଗୃହେଗୋଟି ପ୍ରତିପାଳଇ । ୨୬ ।

ଯେନ୍ତେବେଳେ ଅଶ୍ୱ ପାଣିକି ନେଇ ।
ନଦୀର ଭିତରେ ସ୍ନାନ କରାଇ ।
ସେହି ଠାବରେ ଚିନ୍ତନ କରନ୍ତି ।
ମନେଶୋଚି ପାଷାଣ ତନୁ ଆସନ୍ତି ।
ଶାନ୍ତି ନିଦ୍ରା ନାହିଁ ।
ଦମୟନ୍ତୀ କି କଲି ବୋଲି ଭାଳଇ । ୨୭ ।

ଉଜାଗର ହୋଇ ନିତ୍ୟେ ବୋଲଇ ।
ଏକା ହୋଇ ସେହୁ ଜପ କରଇ ।
ପୁରୁଷ ଅବଶ୍ୟେ ଛାଡ଼ି ଯେ ଗଲା ।
ନାରୀ ତାହାର ଯେ କେମନ୍ତ କଲା ।

ଶୁଣି ସଙ୍ଗ ଲୋକେ ।
ବାତୁଳ ବୋଲିଣ ବୋଲନ୍ତି ଥୋକେ । ୨୮ ।

ବାରୁଣୀଲେ ଯେତେ ଲୋକ ଶୁଅନ୍ତି ।
ସବୁଜନେ ସେ ତାହାକୁ ବୋଲନ୍ତି ।
କେଣୁ ସେ କାହାକୁ ଛାଡ଼ି ଅଇଲା ।
ତୋହର ତତ୍ତ୍ୱଙ୍କ କିସ ହୋଇଲା ।
ନିଦ୍ରା ନୁ ନ ଯାଉ ।
ବାଇଙ୍କ ପରି କିମ୍ପା ହୋଉଥାଉ । ୨୯ ।

କାହାର ବୋଲ ସେହୁ ନ ଶୁଣନ୍ତି ।
ସମସ୍ତେହେ ତୁନି ହୋଇ ରହନ୍ତି ।
ବୋଲନ୍ତି ହୋ ନିଦ୍ରା ଯାଅ ଆମ୍ଭର ।
ଏମନ୍ତ ପ୍ରକୃତି ଅଟେ ତାହାର ।
କିଛି ଧନ ଗଲା ।
ନାଲ ଘଟେ ବଡ଼ ଦୁଃଖ ପାଇଲା । ୩୦ ।

ଏମନ୍ତେ ଶୁଣିମାତ୍ର ଏକ ରସ ।
ଶ୍ରୀମଲିକା ଗୃହ ହୋଇଣ ପ୍ରବେଶ ।
କଟକସାକ ସବୁ ସେ ଖୋଜିଲା ।
କେଉଁଣି ଠାବରେ ଭେଟ ନୋହିଲା ।
ଶ୍ରୀ ନବରେ ଯାଇ ।
ଭିତରେ ଧରୁ ମୋ ବିପ୍ର ଖୋଜଇ । ୩୧ ।

ଚନ୍ଦ୍ର ପୁଣ ସୂର୍ଯ୍ୟ ଅସ୍ତ ହୋଇଲା ।
ପୂର୍ଣ୍ଣାନନ୍ଦ ଯେ ଖୋଜି ନ ପାଇଲା ।
ରାତ୍ରରେ ବାରୁଣାଳାରେ ଶୋଇଲା ।
ନିଶାରେ ସେହୁ ସଙ୍କେତ ପାଇଲା ।
ବ୍ରାହ୍ମଣ ପଚାର ।
କପ ବୋଲଇ ଏ ବୁଝି ନ ପାର । ୩୨ ।

ପାରୁଣ ଲୋକ ବୋଲନ୍ତି ଗୋସାଇଁ ।
ସବୁଦିନେ ଏହିମତ କହୁଥଇ ।
ବାଉ ବୋଲି ଅମ୍ଭେ ବୋଲୁଁ ଏହାଙ୍କୁ ।
ପଚାରିଲେ ସେ ନ କହେ ଅମ୍ଭଙ୍କୁ ।
ବ୍ରାହ୍ମଣ ହରଷ ।
ବିଧାତା ଅଟା ମୋତେ ଦେଲା ପଣ । ୩୩ ।

ଶୁଣିଲା ବେଳୁଁ ଉଜାଗର ହୋଇ ।
ହରଷ ହୋଇ ବ୍ରାହ୍ମଣ ବସଇ ।
ସୂର୍ଯ୍ୟ ଉଦୟୁ ଅସି ଯନ୍ତ୍ର ହେଲା ।
ବିପ୍ର ତାହାଙ୍କ ପାରୁଶେ ବସିଲା ।
ନରେଖି-ସ୍ନେହିଲା ।
ବିରୂପ ଦେଖିଣ ନୁହେ ବୋଇଲା । ୩୪ ।

ଅଯୋଧ୍ୟା ନଗର ସବୁ ଖୋଜିଲା ।
ଆହୁରି ବହୁତ ରାଜ୍ୟ ବୁଲିଲା ।
ନେଉଟି କୁଣ୍ଡୀ ନଗ୍ରକୁ ଚଳିଲେ ।
ସମସ୍ତ ସ୍ବର ପ୍ରବେଶ ହୋଇଲେ ।

ରାଜାଙ୍କ ଛାମୁରେ ।
ଦର୍ଶନ କରି ଜଣାଇଲେ ସ୍ୱରେ । ୩୦ ।

ଶୁଣିମା କର୍ଣ୍ଣାଟେଶ୍ବର ଠାକୁର ।
ପୂର୍ବ ପଶ୍ଚିମ ଦକ୍ଷିଣ ଉତ୍ତର ।
ସର୍ବ ରାଜ୍ୟରେ ଆମ୍ଭେ ସନ୍ଧୋଳିଲୁ ।
ନଗର ପାଟଣା ସବୁ ବୁଲିଲୁଁ ।
ନିର୍ଝର ବନରୁ ।
ପାଇ ନ ପାରି ଆଇଲୁ ଦୂରରୁ । ୩୧ ।

ଶବ୍ଦ ବର୍ଣ୍ଣ ସେ କିଛି ନ ଦେଖିଲୁଁ ।
ବହୁତ ବୁଲି ନେଉଟି ଆଇଲୁଁ ।
ପୂର୍ଣ୍ଣାନନ୍ଦ ଅଯୋଧ୍ୟା ଯାଇଥିଲା ।
ସବୁଙ୍କଠାରୁ ଆଗେ ଆଇଲା ।
ଛାମୁରେ ଜଣାଇ ।
ଏକ ଶଙ୍କୁନ ମୁହଁ ଦେଖିଲଇଁ । ୩୨ ।

ଅନେକ ଦୂର ସେ ମୁହଁ ଖୋଜିଲା ।
ଅଯୋଧ୍ୟା ନଗ୍ରରେ ଯାଇ ହୋଇଲା ।
ସାରଥି ସେ ଋତୁପର୍ଣ୍ଣ ରାଜାର ।
ରଥକ ହୋଇଥାଇ ଉଜାଗର ।
ସେଠାରେ ରହିଲା ।
ତାହାର ତୁଣ୍ଡୁଁ ଏମନ୍ତ ଶୁଣିଲା । ୩୩ ।

ନିଶାରେ ସେହୁ ନିତ୍ୟେ ବୁଲୁଥାଇ ।
ପାରୁଶ ଲୋକଙ୍କୁ ପଚ୍ଛରଲଇଁ ।
ସେହୁ ବୋଇଲେ ସ୍ୱଭାବ ଏହାର ।
ଅଇଲା ଦିନୁ ଏ ନିଶାଭାଗର ।
ଏମନ୍ତ ହୁଅଇ ।
ପଚ୍ଛରିଲେ ସେ କଥା ନ କହଇ । ୭୯ ।

ନିତି ଦିନରେ ଏମନ୍ତ ବୋଲଇ ।
ସେହୁ ସ୍ତ୍ରୀ ଙ୍କ ଗୁଢ଼ ସେ ଅସଇ ।
ହ୍ୟେକା ହୋଇ ସେ ଅରଣ୍ୟେ କି କଲା ।
ମନ୍ତ୍ରୋପଠାରୁ ସେ କେଣିକ ଗଲା ।
ଏମନ୍ତ ଶୁଣିଲା ।
ପ୍ରଭାତ ହୁଅନ୍ତେ ପାଶେ ହୋଇଲା । ୮୦ ।

ଦେଖିଲା ସେହୁ ବଡ଼ ଅସୁନ୍ଦର ।
ଚର୍ମ ଦଗ୍ଧଅଛି ଯେହ୍ନେ ଅଙ୍ଗାର ।
ନାସା ଯେ ତାହାର ବଙ୍କ ହୋଇଛି ।
ଚକ୍ଷୁ ଶ୍ରୋଣିତ ପ୍ରାୟେକ ଦଗ୍ଧୁଛି ।
ଦେଖିଲା ଏସନ ।
ଜାଣିଲା ଏ ନୋହେ ନଳ ରାଜନ । ୮୧ ।

ନଳ ସଙ୍କେତ ତହୁଁ ସେ ନ ପାଇ ।
ରାଜା ମନେ ଯେ ମହାତାପ ପାଇ ।
ମହାଦେବ ସେ ସୁମରଣା କଲେ ।
ନଳକୁ ମନେ ନିରାଶ ହୋଇଲେ ।

ଦମୟନ୍ତୀଙ୍କ ପାଇ ।
ବାରତା କହ ରାଜା ଆଜ୍ଞା ଦେଇ । ୪୨ ।

ସବୁ ବ୍ରାହ୍ମଣ ସେ ଶିଘ୍ର ନବର ।
ପାଇଁ ହୋଇଲେ ଦମନ୍ତୀ ଗୋଚର ।
ବାରତା ସବୁ ଗୋଚରେ ଜଣାଇଲେ ।
ଶୁଣି ସେ ମେଲାଣି ସବୁଙ୍କୁ ଦେଲେ ।
ବେଗ ହୋଇ ପାଅ ।
ଅଯୋଧ୍ୟାପୁର ଦୂତ ଏକା ଥାଅ । ୪୩ ।

ବିପ୍ରଙ୍କୁ ପୁଣି କରି ନମସ୍କାର ।
ବିନମ୍ରୀ ହୋଇ କହନ୍ତି ଉତ୍ତର ।
ଶୀଘ୍ରେ ସୁବର୍ଣ୍ଣ ଦେବଇଁ ମୁହିଁ ।
ଅଯୋଧ୍ୟା ନଗର ଯିବ ଗୋସାଇଁ ।
ମିଛ ସେ କହିବ ।
ଭୀମ ରାଜାର ଲେଖା ବୋଲି ଦେବ । ୪୪ ।

ଅଯୋଧ୍ୟାନଗର ଯେତେକ ଦୂର ।
ଯେତେ ଦିନେ ପାଇ ହୋଇବ ଗୋଚର ।
ତହିଁକି ଦିନେ ଅଧିକ ଗଣିଲେ ।
ସ୍ୱୟମ୍ବର କଣ୍ଟି ସେ ଦିନ କଲେ ।
ଲେଖି ଭାଷା ଲିହି ।
ଦମନ୍ତୀ ଦ୍ୱିତୀ ସ୍ୱୟମ୍ବର ହୋଇ । ୪୫ ।

ରୂପୂର୍ଣ୍ଣି ଯେବେ ବୋଲିବେ ତୁମ୍ଭଙ୍କୁ ।
ଏବଚଢନେ ଲେଖା ଦେଲ ଆମ୍ଭଙ୍କୁ ।
ଲେଖରେ କଣ୍ଠ କାଲି ସ୍ୱୟମ୍ବର ।
ଛଳନ୍ତୃ କପାଇଁ କଲୁ ତୁ ସ୍ବର ।
ଏମନ୍ତ କହିବ ।
ଅପୁସ୍ଥ ପଥେ ହୋଇଲି ବୋଲିବ । ୪୬ ।

ପୂର୍ଣ୍ଣାନନ୍ଦଙ୍କୁ ଦେଲେ ପଠାଇ ।
କପଟ କଥା କେହି ନ ଜାଣଇ ।
ଦମନ୍ତୀ ପୀଡା ନବରେ ରହିଲେ ।
ହରଗଉରୀ ଆରାଧନା କଲେ ।
ନଳରାଜା ପାଇଁ ।
ଷଟଛଦ ଭେଟ କରାଅ ଗୋସାଇଁ । ୪୭ ।

ସୁଜ୍ଞଜନେ ଶୁଣ ନଳ ଚରିତ ।
ଯାହା ଶୁଣନ୍ତେ ହୋଇବ ପବିଶ ।
ଶ୍ରୀରାମ ଆଗେ ମାର୍କଣ୍ଡ କହେ ।
ଶୁଣନ୍ତେ ରାମ ବିପତ୍ତି ନ ରହେ ।
ସୁଜ୍ଞଜନେ ଶୁଣ ।
ଶୋଭା ହୋଇଲେ ବହୁତ କାରଣ । ୪୮ ।

ବିପତ୍ତି ତାର ବଢ଼ ବେଗେ ଯାଇ ।
ଅକାଳ ମୃତ୍ୟୁ କେବେହେଁ ନୋହଇ ।
ବହୁତ କୁଟୁମ୍ବ ବୃଦ୍ଧି ହୋଅଇ ।
ଧର୍ମରେ ବୁଦ୍ଧି ଅହର୍ନିଶି ଥାଇ ।

ଠାକୁର ସୁମର ।
ବଡ଼ ମାୟାବୀ ପ୍ରଭୁ ଚକ୍ରଧର । ୫୯ ।

ବଇରତ ପଣେ ଯେହ୍ନ ଭଜନ୍ତି ।
ନିଶ୍ଚୟେ ସାଯୁଜ୍ୟ ମୁକ୍ତି ଲଭନ୍ତି ।
ଗଜରାଜ ମୋକ୍ଷ ତିନ ଜନ୍ମରେ ।
ଗ୍ରାହା ବସିଲ ଯାଇଁ ସ୍ୱର୍ଗପୁରେ ।
ସେହ୍ନ ଚକ୍ରଧର ।
କିସ ପୁଣ୍ୟ ଯେ କଲାକ କୁମ୍ଭୀର । ୬୦ ।

ବୈଷ୍ଣବ ଗଣେ ନିତି ଯେହ୍ନ ଭଜଇ ।
ନିଶ୍ଚୟେ ପରମ ଗତି ସେ ପାଇ ।
ପ୍ରହଲାଦ ଯେ କଲା ସୁମରଣ ।
ସ୍ତମ୍ଭରୁ ତାହାର ହେଲେ ଆପଣ ।
ଭୃତ୍ୟ ଅପମାନ ।
ଡାକଲେ ଟେକ ସେ ଥାନ୍ତି ଶ୍ରବଣ । ୬୧ ।

ଆରତେ ଗଜଇନ୍ଦ୍ର ଯେ ଡାକିଲା ।
ଦ୍ରୌପଦୀ ସଭାତଳେ ସୁମରିଲା ।
କାହିଁ ଥାଇ ତା ଶୁଣିଲେ ଗୋସାଇଁ ।
ଭକ୍ତ ରକ୍ଷା ଯେଉଁ ପ୍ରକାରେ ହୋଇ ।
ତାହା ତୁମ୍ଭେ କର ।
ମଧୁସୂଦନ ସେ ପାଦେ କିଙ୍କର । ୬୨ ।

ଷଷ୍ଠ ଛାନ୍ଦ

ରାଗ—ନଳିନୀ ଗଉଡ଼ା (ମୁନିବର ବାଣୀରେ ଗାଇବ)

ରାମ ପଚ୍ଛରନ୍ତ ପୁଣ । ମାରକଣ୍ଡ କହେ ଶୁଣ ।
ନଳ ସେ କ୫କେ ଥିଲା । କେମନ୍ତେ କଲା ଏ । ୧ ।
ଏକଦିନେ ଋତୁପର୍ଣ୍ଣ । ବାରୁଶାଳାକୁ ଗମନ ।
ବିଜୟେ ସେ ରାଜା କଲେ । ଅଶ୍ୱ ଦେଖିଲେ ଏ । ୨ ।
ସମସ୍ତ ଅବଧାରିଲା । ନଳଖଦାରେ ପଶିଲା ।
ଦେଖିଲା ସେ ଅଶ୍ୱ ଗୁର । ପ୍ରଶଂସା କରି ଏ । ୩ ।
ଶ୍ରୀଅଙ୍ଗ ଲଗି ପାଶ୍ରେଢ଼ । ଆପଣେ ବଥନ୍ତ ଶାଢ଼ୀ ।
ରାଜା ସେ ଆସ ବୋଇଲେ । ହସ୍ତ ଧଇଲେ ଏ । ୪ ।
ଶୀବାରୁ ପାଶରେ ଯାଇ । ରାଜା ସମର୍ପଣ ଦେଇ ।
ଆଜ୍ଞାଦେଲେ ସେହୁ ରାଣ । ବେଦ୍ଦେବସ ପଣ ଏ । ୫ ।
ସବ ବାହୁକଙ୍କୁ କହୁ । ଏହୁ ସେ ଯାହା ବୋଲଇ ।
ଆମ୍ଭର ବୋଇଲା ସେହୁ । ତୁମ୍ଭଙ୍କୁ ହୋଉ ଏ । ୬ ।
ଯେତେକ ଅଶ୍ୱ ଆମ୍ଭର । ଚରନ୍ତୁ ସବୁ ଏହାର ।
ଆନ ଯେ ତାହା କରିବ । ଦଣ୍ଡ ପାଇବ ଏ । ୭ ।
ଏତେ ଆଜ୍ଞା ଦେଇ ରାୟେ । ନଗରେ କଲେ ବିଜୟେ ।
ସେ ଦିନୁଁ ନଳ ବଢ଼ିଲେ । ଚରନ୍ତୁ କଲେ ଏ । ୮ ।
ଏମନ୍ତ ବହୁତ ଦିନ । ରହିଲେ ନଳରାଜନ ।
କେହୁ ତାହାଙ୍କୁ ନ ଜାଣି । ଥିଲେ ସେ ପୁଣି ଏ । ୯ ।
ଅଯୋଧ୍ୟା ନଗରେ ରାୟେ । ଆସ୍ଥାନେ କରି ବିଜୟେ ।
ସମସ୍ତେ ଛନ୍ତ ପାରୁସ୍ତେ । ଏକ ଦିବସେ ଏ । ୧୦ ।

ମାୟା ଦୂତେକ ଅଇଲା । ଗ୍ରାମରେ ଦର୍ଶନ କଲା ।
ନିମନ୍ତ୍ରଣ ଲେଖ ଦେଲା । ରାଜା ଶୁଣିଲା ଏ । ୧୧ ।
ପୁନାନନ୍ଦ ମୁଖ ଚୁହିଁ । ଋତୁପର୍ଣ୍ଣ ଆଜ୍ଞା ଦେଇ ।
କର୍ଣ୍ଣାଟ ଦେଶୁଁ ଅଇଲୁ । ବିଲମ୍ବ କଲୁ ଏ । ୧୨ ।
ଭୀମ ରାଜା ପଠିଥାଇ । ଦ୍ୱିତୀ ସ୍ୱୟମ୍ବର ପାଇଁ ।
ଦମୟନ୍ତୀ ବରିବେ ବର । ଇଚ୍ଛାୟେ ତାର ଏ । ୧୩ ।
କାଲି ହେବ ସ୍ୱୟମ୍ବର । ଲିହ୍ନ ଅଛନ୍ତି ଲେଖର ।
ତୁ ଆସି ଅଜ ହୋଇଲୁ । କାହିଁ ରହିଲୁ ଏ । ୧୪ ।
ଭଯ୍ୟେଣ ଦୂତ ଜଣାଇ । ବହୁତ ଅସୁସ୍ଥ ହୋଇ ।
ଧର୍ମେଣ ଛାଇଁ ଅଇଲା । ଆସି କହିଲା ଏ । ୧୫ ।
ରାଯ୍ୟେ ଶୁଣି ଦୁଃଖ କଲେ । ବହୁତ ଚିନ୍ତା ପାଇଲେ ।
ବୋଇଲେ ଅଗ୍ରୁଁ ଜାଣିଲେ । ଯାଆନ୍ତୁ ଭଲେ ଏ । ୧୬ ।
ଗ୍ରାମରେ ଯେ ଉଚ୍ଚ ହୋଇ । ବାହୁକମାନ ଅଛଇ ।
ନଳ ଯେ ମଧ୍ୟରେ ଥିଲେ । ସର୍ବ ଶୁଣିଲେ । ୧୭ ।
ବହୁତ ମନ ବିରସ । ସ୍ୱବର ଶୁଣି ସନ୍ଦେଶ । ,
ଯିବାକୁ ମନେ ବିଚାର । ରାଜା ପଚାର ଏ । ୧୮ ।
ବାହୁକମାନେ ହୋ ଶୁଣ । କର୍ଣ୍ଣାଟ ଦେଶ ତ ଜାଣ ।
ରଥ କେ ପାରିବ ବାହି । ଦିନକ ନାହିଁ ହେ । ୧୯ ।
ବାହୁକମାନେ ଜଣାଇ । ଅସମ୍ଭବ ଆଜ୍ଞା ଏହୋଇ ।
କୁଣ୍ଡୀକ ଅଯୋଧ୍ୟାପୁର । ବହୁତ ଦୂର ଏ । ୨୦ ।
ସାତମାସ ଯେବେ ଯାଇ । କୁଣ୍ଡୀ ନଗ୍ରରେ ହୋଅଇ ।
ରଥ କେ ଧନକେ ନେବ । କେହୁ ପାରିବ ଏ । ୨୧ ।
ସାରଥିଙ୍କର ବଚନ । ଶୁଣିଲେ ସେହୁ ରାଜନ ।
ପ୍ରମାଣ କଥା ବୋଇଲେ । ତୁନି ହୋଇଲେ ଏ । ୨୨ ।

ଏମନ୍ତେ ନଳ ଜଣାଇ । ଶୁଣ ସାବଧାନ ହୋଇ ।
କର୍ଣ୍ଣାଟ ଦେଶକୁ ବୋଲି । ନେମଇଁ କଲି ଏ । ୨୩ ।
ଏକା ତୁ ବିଜେ କରିବୁ । କୁଣ୍ଡୀ ନଗ୍ରକୁ ତୁ ଯିବୁ ।
ରଥ ମୁଁ ଏକା ବାହିବି । ନେଇ କରିବି ଏ । ୨୪ ।
ପ୍ରସନ୍ନ ଶୁଣି ହୋଇଲେ । ଧନ୍ୟ ତୁ ବୋଲି ବୋଇଲେ ।
କେତେକ ବେଳରେ ଯିବା । ବିଜେ କରିବା ଏ । ୨୫ ।
ଆଜର ଦିବସ ଯାଉ । ଶୁଭେଣ ଯେ ଗ୍ରହ ପାନ୍ତୁ ।
କାଲିର ପ୍ରଭାତେ ରାଏ । କରି ବିଜୟେ ଏ । ୨୬ ।
ଆସ୍ଥାନ ସଙ୍ଗେ ଉଠିଲେ । ରାଜନୀତିରେ ରହିଲେ ।
ଶର୍ବରୀ ଶେଷ ହୋଇଲା । ପ୍ରାତ ହୋଇଲା ଏ । ୨୭ ।
ପ୍ରଭାତୁଁ ଉଠି ରାଜନ । ହକାରି କଲେ ବହନ ।
ଅଜ୍ଞା ଯେହୁ ରାଜା ଦେଲେ । ଯିବା ବୋଇଲେ ଏ । ୨୮ ।
ଜଣାଇ ପୁଣି ସ୍ଥମ୍ଭରେ । ବିଜେ କରିବା ରଥରେ ।
ଋତୁପର୍ଣ୍ଣ ବିଜୟ କଲେ । ନଳ ବହିଲେ ସେ । ୨୯ ।
ବାଗଡ଼ୋର ସେ ଗ୍ରହିଲେ । କର୍ଣ୍ଣରେ ମନ୍ତ୍ର କହିଲେ ।
ଉଠିଲେ ସେ ଅଶ୍ୱ ଚାରି । ପବନ ସରି ଏ । ୩୦ ।
ବେଗେ ଚଳି ଯାଉଥିଲେ । ରାଜା ଦେଖନ୍ତି ସ୍ୱହିଁଲେ ।
କନ୍ଧେ ଉତ୍ତରୀୟ ଥିଲା । ଖସି ପଡ଼ିଲା ଏ । ୩୧ ।
ବାହୁକକୁ ଅଜ୍ଞା ଦେଲେ । ରଥ ରୁହାଅ ବୋଇଲେ ।
ଉତ୍ତରୀୟ ପଡ଼ିଗଲା । ଯେନ ବୋଇଲା ଏ । ୩୨ ।
ସାରଥି କହେ ସ୍ଥମ୍ଭର । ରହିଲା ବହୁତ ଦୂର ।
ଏଠାରେ କିମ୍ପା ରହିବା । କାହିଁ ପାଇବା ଏ । ୩୩ ।
ଶୁଣି ରାଜ୍ୟେ ଅଜ୍ଞା ଦେଲେ । ରୁହାଅ ରଥ ବୋଇଲେ ।
ଥଇଲୁଁ କେତେକ ଦୂର । ଜାଣିମା ତୋର ଏ । ୩୪ ।

ଋତୁବର ରୁହାଇଲେ । ସେହୁ ରାଜ୍ୟ ପଚାରିଲେ ।
ଉତ୍ତରୀ ପଡ଼ିଲାଠାରେ । ହୋଇଲେ ଖରେ ସେ । ୩୫ ।

ଉତ୍ତରୀ ତହୁଁ ଘେନଲେ । ଯେଉଁଠାରୁ ବାହୁଡ଼ିଲେ ।
ଅଣୀ ଯେ ପୁଣ ହୋଇଲା । ଲୋକ କହିଲା ଏ । ୩୬ ।

ରାଜା ତହୁଁ ପଚାରିଲେ । ସାରଥି ଶୁଣ ବୋଇଲେ ।
ସତ ତ କହିବୁ ମୋତେ । ନିୟମ ତୋତେ ଏ । ୩୭ ।

ଅଶ୍ୱହୃତ ବିଦ୍ୟା ତୁହି । ଅଛୁ ତୁ ସେ ପୁଣ ପାଇ ।
ନୋହିଲେ ଏତେକ ଖରେ । ହୋଇଥିବୁ କାହାରେ ଏ ।୩୮।

ସାରଥି ତାଙ୍କୁ କହିଲେ । ଜାଣଇଁ ମୁହିଁ ବୋଇଲେ ।
ଋତୁପର୍ଣ୍ଣ ଶୁଣି ହସିଲେ । ଆଜ୍ଞା ସେ ଦେଲେ ଏ ।୩୯ ।

ଅଶ୍ୱହୃତ ବିଦ୍ୟା ମୁହିଁ । ବହୁତ ଭଲ ଜାଣଇଁ ।
ପାଇଁ ବିଦ୍ୟା କରିବା । ମିତ୍ର ହୋଇବା ଏ ।୪୦ ।

ତାହୁକ ପୁଣି ପଚାରି । ସେହୁ ବିଦ୍ୟା କସ କରି ।
ଅଜ୍ଞା ସେ ହୋଉ ରାଜନ । ଜାଣଇ ପୁଣ ଏ । ୪୧ ।

କହନ୍ତି ତାଙ୍କୁ ରାଜନ । ଏହୁ ବିଦ୍ୟା ଯେ ଏସନ ।
କଳିଯୁଗ ବାଧା ନାହିଁ । ଜୁତେ ଜିଣଇ ଯେ । ୪୨ ।

ପଶାରେ ଯେ ଦଶଦାନ । ଖେଳରେ ସେ ପଡ଼େ ଜାଣ ।
ଡାକିଲେ ଦାନ ପଡ଼ଇ । ଅବଜ୍ଞା ନୋହି ଏ ।୪୩।

ଆରେକ କଥାଏ ଶୁଣ । କଉତୁକ ଏହୁ ଜାଣ ।
ବୃକ୍ଷେ ଯେତେ ପତ୍ର ଥାଇ । ତାହା ଜାଣଇ ଏ ।୪୪।

ଶୁଣି ତା ନଳରାଜନ । ହରଷ ହୋଇଲେ ମନ ।
ପଶାରେ ଯେବେ ଜିଣଇ । ଯେନବ ମୁହିଁ ଏ ।୪୫।
ଏତେ ବିଚାରି କହିଲେ । ବିଦ୍ୟା ସେ ଦିଅ ବୋଇଲେ ।
କେମନ୍ତ ସେହୁ ଅଛଇ । ତାହା ବୁଝଇ ଏ । ୪୬ ।

ଏବେତ ଶୁଣି ଋତୁପର୍ଣ୍ଣ । ଉପଦେଶ ଦେଲେ କର୍ଣ୍ଣ ।
ବିଦ୍ୟା ତୁ ପରୀକ୍ଷା କର । ଏହି ବୃକ୍ଷର ଏ । ୪୭ ।
ନଳ ଯେ ଏହା ଶୁଣିଲେ । ବାହାଡ଼ା ବୃକ୍ଷ ଦେଖିଲେ ।
ଏକ ସେ ଡାଳକୁ ଚାହିଁ । ଅଦୃଶ୍ୟ ହୋଇ ଏ ।୪୮।
ରଥରୁ ଓହ୍ଲାଇ ଯାଇ । ବୃକ୍ଷର ତଳରେ ହୋଇ ।
ପତ୍ର ସେ ମୂଳେ ଗଣିଲା । ସତ୍ୟ ହୋଇଲା ଏ ।୪୯।
ଯେହି ବୃକ୍ଷ ତଳେ ଥିଲା । ନଳ ପ୍ରତକ୍ଷେ ଦେଖିଲା ।
ଦେହରୁ ବାହାର ହୋଇ । ପୁରୁଷେ ଯାଇ ଏ ।୫୦ ।
ନଳ ତା ଯହୁଁ ଦେଖିଲେ । ବେଗେଣ କେଶ ଧଇଲେ ।
କଳି ଶରଣ ହୋଇଲା । ପ୍ରାଣ ପାଇଲା ଏ । ୫୧ ।
ବୋଲଇ ଶୁଣ ହେ ନଳ । ବିଷରେ ଯେଉଁ ଅନଳ ।
କର୍କୋଟ ତୋତେ ଦଂଶିଲା । ମୋତେ ହୋଇଲା ଏ । ୫୨।
ତୋତେ ସେ ଯେ କହିଗଲା । ପଛେ ଜାଣିମୁ ବୋଇଲା ।
କହିଣ ତୁମ୍ଭଙ୍କୁ ଯିବ । କଷ୍ଟ ପାଇବ ଏ । ୫୩ ।
ତୁମ୍ଭେ ତାହାଙ୍କ ବଚନ । ଘେନିଣ ଅଛଇ ମନ ।
ସେ ବନୁ ତାପ ପାଇଲି । ଏବେ କହିଲି ଏ ।୫୪।
ଅଶ୍ୱହୃଦ ବିଦ୍ୟା ଯହୁଁ । ଘେନିଲ ଋତୁପର୍ଣ୍ଣ ତହୁଁ ।
ତେଣୁ ମୁଁ ବେଗେ ବାହାର । ମୋତେ ନ ଧର ଏ ।୫୫।
ନଳରାଜେ ତାହା ଶୁଣି । ତାକୁ ଯେ ବୋଲନ୍ତି ବାଣୀ ।
ଦେଲୁ ତୁ ଦୁଃଖ ଅପାର । ଶତ୍ରୁ ମୋହର ଏ ।୫୬।
କିସ ଅଛଇ ତୋ ନାମ । ମୋତେ ଜଣାଅ ବହନ ।
କାଟିବି ଶିର ତୋହର । ପ୍ରମାଣ ମୋର ଏ ।୫୭।
ଭୟ କରି ସେ କହଇ । କଳିଯୁଗ ମୁଁ ଅଟଇ ।
ଏତେକ ଦୁଃଖ ମୁଁ ଦେଲି । ସତ୍ୟ କହିଲି ଏ ।୫୮।

ନଳ ଦମୟନ୍ତୀ ବିଚ୍ଛେଦ । ହୋଇଲା ଯେତେ ପ୍ରମାଦ ।
ମୁହିଁ ଯେ ଏସନ କଲି । ଦଣ୍ଡ ପାଇଲି ଏ । ୫୯ ।
ବିଧାତା କହିଲା ମୋତେ । ଦୁଃଖ ଦେଲି ଅପ୍ରମିତେ ।
ତୁ ମୋତେ କରିବୁ କପ । ଗଲି ମୁଁ ନାଶ ଯେ । ୬୦ ।
ଛାଡ଼ ଛାଡ ରାଜା ମୋତେ । ବର ମୁଁ ଦେଉଛି ତୋତେ ।
ଯେନ ମୋ ମନର ବାଞ୍ଛା । କର ତୁ ରକ୍ଷା ଏ । ୬୧ ।
ଶୁଣିଣ ନଳ ରାଜନ । ହୋଇଲେ ତାକୁ ପ୍ରସନ୍ନ ।
ଛାଡ଼ିଲେ କେଶ ତାହାର । ଦେଲେ ଉତ୍ତର ଏ । ୬୨ ।
ତୁମ୍ଭେ ଥାଅ ସ୍ୱର୍ଗପୁର । ମୁହିଁ ରାଜା ପୃଥିବୀର ।
କିସ ଅପରାଧ ମୁହିଁ । ତୋତେ କଲଇଁ ଏ । ୬୩ ।
କଳି ଧର୍ମାଷ୍ଟ କହିଲା । ରାଜନ ଶୁଣ ବୋଇଲା ।
ଅପରାଧ ନାହିଁ ତୋର । ଦୋଷ ମୋହୋର ଏ । ୬୪ ।
ଭୀମରାଜା ଜଠର । ଦମୟନ୍ତୀର ସ୍ୱୟମ୍ବର ।
ସ୍ୱର୍ଗରେ ଆମ୍ଭେ ଶୁଣିଲୁଁ । ବେଗେ ଅଇଲୁଁ ଏ । ୬୫ ।
ଆସନ୍ତେ ସ୍ୱର୍ଗ ପଥରେ । ଭେଟିଲିଛି ସୁନାସୀରେ ।
ବରୁଣ ଅଗ୍ନି କୁବେର । ଥିଲେ ସଙ୍ଗର ଏ । ୬୬ ।
ସେଠାରେ ମୋତେ କହିଲେ । ଦମୟନ୍ତୀ ନଳ ବରିଲେ ।
ଆମ୍ଭେ ଯେ ଥିଲୁ ସଭାରେ । ବରଣଠାରେ ଏ । ୬୭ ।
ତୋହୋର ଧାର୍ମିକ ପଣ । କହିଲେ ସେ ସର୍ବ ପୁଣ ।
ମୁହିଁ ତା ସର୍ବ ଶୁଣିଲି । ଗର୍ବ ବହିଲି ଏ । ୬୮ ।
ବୋଇଲି ତୁମ୍ଭର ଥାଉଁ । ତୁମ୍ଭଙ୍କୁ ନ ବରି ସେହୁ ।
ନଳକୁ କନ୍ୟା ବରିଲା । ଅନ୍ୟାୟ କଲା ଏ । ୬୯ ।
ବିଚ୍ଛେଦ ତାକୁ କରିବି । ଦୁଃଖହିଁ ବହୁତ ଦେବି ।
ସଙ୍ଗରେ ଦ୍ୱାପର ଘେନି । ଅଇଲି ବେନି ଏ । ୭୦ ।

ଇନ୍ଦ୍ର ମୋତେ ନାସ୍ତି କଲେ । ଆସିବା ପନ୍ଥ ଦେଖିଲେ ।
ବୋଇଲେ ଦୁଃଖ ନ ଦେବୁ । କଷ୍ଟ ପାଇବୁ ଏ ।୭୧।
ସେ ବନୁ ମୁହିଁ ଅଇଲି । ବହୁତ ବନ ଜଗିଲି ।
ଅନ୍ୟାୟେ ପନ୍ଥ ଦେଖିଲି । ଦେହେ ପଶିଲି ଏ । ୭୨ ।
ସେହି ବନୁ ତୋର ମନ । କଲଇଁ ମୁହିଁ ଉଚ୍ଛନ୍ନ ।
ପୁଷ୍କର ହକଗ କଲୁ । ପଶା ଖେଳିଲୁ ଏ । ୭୩ ।
ଦ୍ୱାପର ସାର ହୋଇଲା । ସିଂହାସନ ତଳେ ଥିଲା ।
କପଟେ ଦାନ ପଡ଼ିଲା । ସେହୁ ଜିଣିଲା ଏ । ୭୪ ।
ଯେତେ ବୋଲଇ ପୁଷ୍କର । ଅଯୁତ୍ତ ନୋହେ ତୋହୋର ।
ପଥରେ କପୋତ ହେଲା । ବସ୍ତ୍ର ଯେ ନେଲା ଏ । ୭୫ ।
ଦାଣ୍ଡରେ ମଣ୍ଡୋପ ହୋଇ । ଖଣ୍ଡା ହୋଇ ସେ ପଡ଼ଇ ।
ଦ୍ୱାପର ସବୁ ହୋଇଲା । କଳି କହିଲା ଏ । ୭୬ ।
ଶୁଣିଣ ଏହା ରାଜନ । ବଜ୍ରଯେ କଲେ ବନ୍ଧନ ।
ନଳ ବଚନ ଶୁଣିଲା । ବର ସେ ଦେଲା ଏ ।୭୭ ।
ପ୍ରାତକାଳେ ନାମ ତୋର । ସୁମରିବେ ଯେଉଁ ନର ।
ମୋହୋର ବାଧା ନୋହିବ । ସୁଖୀ ହୋଇବ ଏ ।୭୮ ।
ସମ୍ବାଦ ତୋର ମୋହୋର । ଶୁଣିମ ଯେହୁ କର୍ଣ୍ଣର ।
ପାତକ କ୍ଷୟ ହୋଇବ । ସୁଖ ପାଇବ ଏ । ୭୯ ।
ନଳକୁ ବର ବହୁତ । ଦେଲେ ସେ କଳି ଭୁରତ ।
ଅନ୍ତର୍ଦ୍ଧାନ ସେ ହୋଇଲେ । ନଳ ଅଇଲେ ଏ । ୮୦ ।
ବାହୁଡ଼ା ବୃକ୍ଷର ଗ୍ରୁଇ । ସେହିବନୁ ଯେ ମାଡ଼ଇ ।
କଳି ସେ ଯୁଗ ବାଧଇ । ପାତକୀ ହୋଇ ଏ । ୮୧ ।
ବାହୁଡ଼ି ନଳ ଆସଇ । ରଥରେ ତେଜେ କରଇ ।
ସୁମନା ରାଜା ହୋଇଲା । ଉଚ୍ଛନ୍ନ ଗଲା ଏ । ୮୨ ।

ଋତୁପର୍ଣ୍ଣ ଆଜ୍ଞା ଦେଲେ । ବେଗେଣ ଯିବା ବୋଇଲେ ।
ରଥ ସେ ପୁଣ ବାହିଲେ । ବେଗେ ଚଳିଲେ ଏ । ୮୩ ।
ସମ୍ପୂର୍ଣ୍ଣ ବେଳ ପ୍ରହରେ । ହେଲେ କର୍ଣ୍ଣାଟ ଦେଶରେ ।
ପ୍ରବେଶ କୁଣ୍ଡୀ ନଗ୍ରରେ । ଯାନ୍ତି ଦାଣ୍ଡରେ ଏ । ୮୪ ।
ନଳର ଏହୁ ଚରିତ । ଯେ ଶୁଣେ ହୋଇ ସଚେତ ।
ମହା ବିପତ୍ତି ଫିଟଇ । ପଣ୍ଡିତେ କହି ଏ । ୮୫ ।
ଶ୍ରୀରାମ ଅରଣ୍ୟେ ଥିଲେ । ମାରକଣ୍ଡ ଶୁଣାଇଲେ ।
ରାବଣ ସେହୁ ଛେଦିଲେ । ସୀତା ଆଣିଲେ ଏ । ୮୬ ।
ଶ୍ରୀ ଜଗନ୍ନାଥ ସୁନ୍ଦର । ନାରାୟଣ ଚକ୍ରଧର ।
ମୁକୁନ୍ଦ ବିଷ୍ଣୁ ବାମନ । ମଧୁସୂଦନ ଏ । ୮୭ ।
ଅନନ୍ତ ବିଷ୍ଣୁ କେଶବ । ଶାରଙ୍ଗଧର ମାଧବ ।
ଗୋବିନ୍ଦ ଗୋପାଳ ରାମ । ଶ୍ରୀପତି ଶ୍ୟାମ ଏ । ୮୮ ।
ନରହରି କୃପାସିନ୍ଧୁ । ବାସୁଦେବ ଦୀନବନ୍ଧୁ ।
ଭକତଜନ ସୁନ୍ଦର । ପାତକୁଁ ତର ଏ । ୮୯ ।
ଯୁଧିଷ୍ଠି ଦେବ ଶୁଣିଲେ । ମୋକ୍ଷଗତି ସେ ପାଇଲେ ।
ଶ୍ରୀକୃଷ୍ଣ ଯେ ଦୟା କଲେ । ସ୍ୱର୍ଗକୁ ଗଲେ ଏ । ୯୦ ।
ବଇଷ୍ଣବ ଯେ ବୋଲନ୍ତି । ନାମ କୀର୍ତ୍ତନ କରନ୍ତି ।
ମଧୁସୂଦନ ତାଙ୍କର । ପାଦତଳର ଏ ୯୧ ।

ସପ୍ତମ ଛାନ୍ଦ

ରାଗ—ମଙ୍ଗଳ ଗୁର୍ଜ୍ଜରୀ

ବୋଲନ୍ତି ସେ ମାରକଣ୍ଡ ଶୁଣ ରଘୁନାଥ ।
ଏକମନେ ଶୁଣ ନଳ ଦମୟନ୍ତୀ ଚରିତ ଯେ । ୧ ।
ଋତୁପର୍ଣ୍ଣ ରଥଘୋଷ ଶୁଭେ ଯେତେବେଳେ ।
ଦମୟନ୍ତୀ ମନରେ ବଡ ଆନନ୍ଦ ହୋଇଲେ । ୨ ।
ମନେ ବିଚାରିଲେ ନିଶ୍ଚେ ନଳ ବିଜେ କଲେ ।
ସେହୁ ରଥଘୋଷ ଶୁଣି ସତ୍ୟ ବିଚାରିଲେ ଯେ । ୩ ।
ଏମନ୍ତେ ନଗରମାନେ ଦେଖି ଋତୁପର୍ଣ୍ଣ ।
ଧାଇଁ ଯାଇ ଜଣାଇଲେ ଭୀମ ସେ ରାଜନ ଯେ । ୪ ।
ଦେଖିଲୁ ହେ ଦେବ ନଗ୍ର ଦାଣ୍ଡର ମଧ୍ୟର ।
ଋତୁପର୍ଣ୍ଣ ବୋଲି ରାଜା ଅଯୋଧ୍ୟା-ଈଶ୍ୱର ଯେ । ୫ ।
ଏକା ରଥକରେ ବିଜେ କରିଣ ଆସନ୍ତି ।
ଚତୁରଙ୍ଗ ବଳ ତାଙ୍କ ସଙ୍ଗରେ ନାହାନ୍ତି ଯେ । ୬ ।
ଦାଣ୍ଡର ମଧ୍ୟରେ ଆମ୍ଭେ ଦେଖିଣ ଆସିଲୁଁ ।
ତେଣୁ ଶ୍ରୀଚରଣତଳେ ଆସି ଜଣାଇଲୁଁ ଯେ । ୭ ।
ଏମନ୍ତେଣ ଦ୍ୱାରପାଳମାନେ ଜଣାଇଲେ ।
ସିଂହଦ୍ୱାରେ ରାଜା ଋତୁପର୍ଣ୍ଣ ବିଜେ କଲେ ଯେ । ୮ ।
ରାଜା ଆଜ୍ଞା ଦେଲେ ପାଟେ ଯାଅ ବେଗ ହୋଇ ।
ଦର୍ଶନ କରାଅ ତାଙ୍କୁ ପହଣ୍ଡ ମଣାଇ ଯେ । ୯ ।
ଉତ୍ତମ ମାନ୍ୟ କରିଣ ବିଜେ କରାଇବ ।
ଅସ୍ଥାନକୁ ଶୀଘ୍ରେ ତାଙ୍କୁ ଘେନିଣ ଆସିବ ଯେ । ୧୦ ।

ଏତେ କହିକରି ପାଷମାନଙ୍କୁଁ ପଠାନ୍ତି ।
ପୁରୋହିତକୁ ଡ଼କାଇ ରଜା ଆଜ୍ଞାଦ୍ୟନ୍ତି ଯେ । ୧୧ ।
ଆମ୍ଭ ଆଜ୍ଞା ପରମାଣେ ଏହିକ୍ଷଣି ଯିବ ।
ରାଜବିଧି ସମ୍ମାନରେ ପୂଜା ଭିଆଇବ ଯେ । ୧୨ ।
ପୁରୋହିତ ପୂଜା ବିଧି ସର୍ବ ଭିଆଇଲେ ।
ରଜା ଋତୁପର୍ଣ୍ଣଙ୍କୁ ଘେନି ପାଷେ ଥଇଲେ ଯେ । ୧୩ ।
ଋତୁପର୍ଣ୍ଣ ଭେଟିଲେ ଆସି ରାମ ମହାରଜା
ନମସ୍କାର କରି ତାଙ୍କୁ କଲେ ପାଦ ପୂଜା ଯେ । ୧୪ ।
ରାମ ରଜା ଉଠି ତାଙ୍କୁ କୋଳ କରି ଧରି ।
ସିଂହାସନ ପରେ ରଜା ବେନି ବିଜେ କରି ଯେ । ୧୫ ।
ପୁରୋହିତ ପୂଜାବିଧି ଘେନାଇ ମିଳିଲ ।
ଷଧିମନ କରି ତାଙ୍କୁ ବନ୍ଦାପନା କଲା ଯେ । ୧୬ ।
ଋତୁପର୍ଣ୍ଣ ପୂଜା ଘେନି ବସେ ସିଂହାସନ ।
ରାମରଜା ଛାମୁରେ କହନ୍ତି ବଚନ ଯେ । ୧୭ ।
କୁଣ୍ଡୀ ନଗ୍ର ଆଜୁ ତୋମାର ପରଶ ହୋଇଲା ।
ଅଯୋଧ୍ୟା ଠାକୁର ମୋର ପୁରେ ବିଜେ କଲେ ଯେ ।୧୮।
ବହୁତ ସ୍ତୁତି କରିଣ ରାଜେନ୍ଦ୍ର ପଚାରିଲେ ।
କି କାର୍ଯ୍ୟେ ଅଇଲ ଆଜ୍ଞା ହୋଇବ ବୋଇଲେ ଯେ ।୧୯।
ଋତୁପର୍ଣ୍ଣ ଜଣାଇ ବହୁତ ବିନୟରେ ।
ଅଇଲୁଁ ତୁମ୍ଭଙ୍କୁ ଦରଶନ କରିବାରେ ହେ ।୨୦।
ସ୍ୱୟମ୍ବର କଥା ଯେତେ ସତ୍ୟ ନ ଦେଖିଲେ ।
ଏମନ୍ତ ପ୍ରକାରେ ତହୁଁ ଋତୁପର୍ଣ୍ଣ କହିଲେ ଯେ । ୨୧ ।
ରାମ ରଜା ଶୁଣି ବଡ଼ ହରଷ ହୋଇଲେ ।
ମନୋହର ସଜ୍ଜା କରାଅ ବୋଲି ଆଜ୍ଞା ଦେଲେ ଯେ । ୨୨ ।

ଋତୁପର୍ଣ୍ଣ ଶୁଣି ରାଜା ସ୍ତମ୍ଭରେ କହନ୍ତି ।
ବାହୁକ ସବୁ ଦିନରେ ସଂପାଗୀ ହୁଅନ୍ତି ଯେ । ୨୩ ।
ହରଷ ଭୋଜନ ସବୁଦିନେ ଏ କରନ୍ତି ।
ଆପଣେ ରନ୍ଧନ କଲେ ତେବେ ସେ ଭୁଞ୍ଜନ୍ତି ଯେ ।୨୪।
ସଞ୍ଜା ଆଜ୍ଞା ହେଉ ସେ ରହିବେ ଯେଉଁଠାରେ ।
ଶୁଚିବନ୍ତ ଜଣେ ଥିବ ତାଙ୍କ ଚରଣରେ ଯେ । ୨୫ ।
ଶୁଣି ରାଜା ବିପ୍ର ଜଣେ ଯାଇ ଆଜ୍ଞା ଦେଲେ ।
ବାହୁକ ଚରଣ ତେଂତେ ଲାଗଇ ବୋଇଲେ ଯେ । ୨୬ ।
ପଶ୍ଚିମଦ୍ୱାର ନିକଟେ ଅଛି ଏକ ଘର ।
ନ୍ୟାୟବନ୍ତ କରି ରହାଇବ ସେହିଠାରେ ଯେ । ୨୭ ।
ଏତେ କହି ରାଜା ଭିତରକୁ ବିଜେ କଲେ ।
ଋତୁପର୍ଣ୍ଣ ମଣୋହି ବିଧାନ ସଜାଡ଼ିଲେ ଯେ । ୨୮ ।
ଏଥି ଅନନ୍ତରେ କଥା ଅପୂର୍ବ ହୋଇଲା ।
ଘୋଷ ଶୁଣି ଦମୟନ୍ତୀ ହରଷ ହୋଇଲା । ୨୯ ।
ଯେତେବେଳେ ଋତୁପର୍ଣ୍ଣ ଅଇଲା ବୋଲି ଶୁଣି ।
ଦୂତକଥା ଶୁଣିଣ ଆନନ୍ଦ ହୋଇ ପୁଣି ଯେ ।୩୦।
ଲେଖରେ ତ କଣ ମୁଁ ଆଜକୁ ଦେଇଥିଲି ।
କାର୍ଯ୍ୟ ହୋଉ ନୋହୁ ଭଲ ଶକୁନ ପାଇଲି ଯେ । ୩୧ ।
ଅଯୋଧ୍ୟା ନଗରୁ ରଥ ଏକା ଦିନକରେ ।
ଆଣିକେ ପାରିବ ନଳ ରାଜନ ବାହାରେ ଯେ । ୩୨ ।
ଏହି କଥାକୁ ସନ୍ଦେହ ଯାଉଛି ମନରେ ।
ସଖୋଲିଲେ କେ କେ ଛନ୍ତି ରାଜା ସଙ୍ଗତରେ ଯେ ।୩୩।
ଶୁଣି ମୃଦୁଫୁଲ୍ଲୀମାନେ ବେଗ ହୋଇ ଗଲେ ।
ରାଜାଙ୍କ ସଙ୍ଗତେ ଏକା ସାରଥି ଦେଖିଲେ ଯେ । ୩୪ ।

ମୃଦୁସୂଲ୍ଲୀମାନେ ଯାଇ କେଲେଣ୍ଟି ଜଣାଇ ।
ସଜନ ସାରଥି ବିନୁ ଆନ କେହି ନାହିଁ ଗୋ । ୩୫ ।
ଶୁଣିଣ ଦମୟନ୍ତୀ ବଡ଼ ବିସ୍ମୟ ହୋଇଲେ ।
ମନ ଉଦବେଗେ ପୁଣ ଦାସୀଙ୍କି କହିଲେ ଯେ । ୩୬ ।
ଋତୁପର୍ଣ୍ଣ ରଜାଙ୍କୁ ମୋର ପିତା ତ ଡାକିଲେ ।
ସାରଥି ହୋଇବ ନଳ ମନରେ ପାଞ୍ଚିଲେ ଯେ । ୩୭ ।
ଶୁଣି ଦାସୀଗଣ ବେଗେ ଛାମୁରେ ଜଣାନ୍ତି ।
ବଡ଼ ଅସୁନ୍ଦର ସେହୁ ସାରଥି ଅଟନ୍ତି ଗୋ । ୩୮ ।
ଦମୟନ୍ତୀ ମନରେ ପୁଣ ବିଚାର କରଇ ।
ସ୍ୱର କହିବାର ଅବା ସାରଥି ନୁହଇ ଯେ । ୩୯ ।
କେ ଅସେ ଅଛଇ ତାକୁ ଦେଖିଲେ ଜାଣିବା ।
ନଳରଜା ଗୋପ୍ୟରୂପ ଧରିଥିବେ ଅବା ଗୋ । ୪୦ ।
ଏତେକ ବିଚାର ଦାସୀମାନଙ୍କୁ କହିଲେ ।
ସାରଥି କାହିଁ ଅଛଇ ଦେଖେଁ ତ ବୋଇଲେ ଗୋ ।୪୧।
ଶୁଣି ଦମୟନ୍ତୀ ଛାମୁରେ କହେ ଏକ ଦାସୀ ।
ପଶ୍ଚିମ ଦ୍ୱାର ନିକଟ ଅଛି ସେହୁ ବସି ଗୋ । ୪୨ ।
ରଜା ଆଜ୍ଞା ଦେଇଛନ୍ତି ରନ୍ଧନ କରିବେ ।
ବ୍ରାହ୍ମଣ ବରଗିଛନ୍ତି ଯଞ୍ଚା ତାକୁ ଦେବେ ଗୋ । ୪୩ ।
ଦମୟନ୍ତୀ ଶୁଣିଣ ବ୍ରାହ୍ମଣଙ୍କୁ ହକାରିଲେ ।
ବିପ୍ର ତୁ ଅମ୍ଭର ବୋଲ କରିବୁ ବୋଇଲେ ଯେ । ୪୪ ।
ପ୍ରଭାକର ଦମୟନ୍ତୀକି କହଇ ବିନୋଇ ।
ଯାହା ଆଜ୍ଞା ଦେବ ତାହା କରିବଇଁ ମୁହିଁ ଗୋ । ୪୫ ।
ପିତା ଆଜ୍ଞା ଦେଇଛନ୍ତି ପଞ୍ଚା ଦେବାପାଇଁ ।
ଉତ୍ତମ ବିଧିରେ ପଞ୍ଚା ଦେବଟି ଗୋସାଇଁ ହେ । ୪୬ ।

ଉତ୍ତମ ତଣ୍ଡୁଳ ଦେବ ପରିବା ସହିତେ ।
ଘୃତ ଦଧି ଦୁଧ ଆଦ ଦେଇଛନ୍ତି ଯେତେ ଯେ ।୪୭।
ନୂଆ ହାଣ୍ଡି ଆଦ କରି ସବୁ ଦେବ ନେଇ ।
କାଠ ପାଣି ନଥିଁ ତଣ୍ଟୁ ନ ଦେବ ଗୋସାଇଁ ହେ ।୪୮।
ଜାଳିବାକୁ କଞ୍ଚାଳିଆ କାଠ ନେଇ ଦେବ ।
ପାଣିକ ଭୁଙ୍କା ଗରୁଆ ନେଇଣ ଥୋଇବ ହେ ।୪୯।
ଆମ୍ଭ ବୋଇ ଏତେକ କହିବ ଦ୍ୱିଜବର ।
କି କରନ୍ତି ଦେଖି ତା କହିବ ମୋ ଆଗର ହେ ।୫୦।
ତହୁଁ ପ୍ରଭାକର ଯେ ବେଗେଣ ଚଳିଗଲା ।
ସାରଥି ଠାବରେ ଯାଇଁ ପ୍ରବେଶ ହୋଇଲା ଯେ ।୫୧।
ଦମୟନ୍ତୀ ବଚନେ ସେହ୍ନମନ୍ତେ ସଞ୍ଜା ଦେଇ ।
ରନ୍ଧନ କର ବାହୁକ ବୋଲିଣ ବୋଲଇ ଯେ ।୫୨।
ସାରଥି ଉଠିଣ ସେଠାବକୁ ଚଳିଗଲେ ।
ସକଳ ଦ୍ରବ୍ୟ ବ୍ରାହ୍ମଣ ନେଇ ସମର୍ପିଲେ ଯେ ।୫୩।
ସଞ୍ଜା ଦେଖି ନୟନରେ ଝୁରଇ ସାରଥି ।
ଚେଷ୍ଟା ନିମନ୍ତେ କଷ୍ଟ କରନ୍ତି ଦମୟନ୍ତୀ ହେ ।୫୪।
ଭୁଙ୍କା ଗରୁଆରେ ନେଇ ହାତ ଲଗାଇଲେ ।
ଜଳ ସେ ପୂର୍ଣ୍ଣ ହୋଇଲା ସ୍ନାହାନ ସାରିଲେ ହେ ।୫୫।
ପୁଣ ଆର ଗରୁଆରେ ଷାଭୁଆଣି ଦେଇ ।
କଞ୍ଚାଳିଆ କାଠ ନେଇ ଚୂଲିକି ଫିଙ୍ଗଇ ଯେ ।୫୬।
ଯେତେବେଳେ ଚୂଲିର ଭିତରେ ସେ ପଡ଼ଇ ।
ଅତି ଦୁରୁ ଦୁରୁ ହୋଇ ଜଳିଣ ଉଠଇ ଯେ ।୫୭।
ସକଳ ପରିବା ଏକଠାବେ ପେଷ୍ଟାଇଲେ ।
ନଳ ବୁଦ୍ଧି ରନ୍ଧଣାରେ ସଂପାକ ସେ କଲେ ଯେ ।୫୮।

ଯନ୍ତ୍ର ହୋଇ ଯେତେବେଳେ ଦିଶିଲା ଘଣ୍ଟରେ ।
ଚଳାଇଣ ଦେଲେ ସେହୁ ଅପଣା ହସ୍ତରେ ଯେ ।୫୯।
ଏହା ଦେଖି ବିପ୍ରବର ଆଶ୍ଚର୍ଯ୍ୟ ହୋଇଲା ।
ଦମୟନ୍ତୀ ସମ୍ମୁଖରେ ସବୁ ଜଣାଇ କହିଲା ଯେ । ୬୦ ।
ଶୁଣ ମାଗୋ ମୋହର ଗୋ ନଳ ପାଟରାଣୀ ।
ଆଶ୍ଚର୍ଯ୍ୟ ହୋଇଲି ମୁଁ ବାହୁକ କଥା ଶୁଣି ଗୋ ।୬୧।
ଭୀମର ଆଜ୍ଞାରେ ସେହମତ ସମ୍ପା ଦେଲ ।
ଅସମ୍ଭବ କଥା ତାର ନୟନେ ଦେଖିଲି ଗୋ । ୬୨ ।
ଅଗ୍ନି ନାହିଁ ପାଣି ନାହିଁ କଣ୍ଠାଳଥା ଜାଳ ।
ପରିବା ଚଳାଇ ଦେଲା ଅପଣା ହସ୍ତର ଗୋ ।୬୩।
ଶୁଣି ଧାଈମାନଙ୍କୁ ସେ ବେଗେ ଆଜ୍ଞା ଦେଲେ ।
ପୁତ୍ର ଦୁହିତା ସେଠାକୁ ନଥସି ବୋଇଲେ ଯେ ।୬୪।
କାଖ କରି ସମ୍ମୁଖରେ ଉଭା ହୋଇଥିବ ।
ବ୍ୟଞ୍ଜନ ହୋଇଲେ ଏ ଦୁହିଙ୍କି କନ୍ଦାଇବ ଗୋ । ୬୫ ।
ପଚାରିବେ ଯେବେ ସେହୁ କାନ୍ଦନ୍ତି କପାଇଁ ।
ବୋଲିବ ବ୍ୟଞ୍ଜନ ମାଗୁଛନ୍ତି ବାଳପୋଇ ଯେ ।୬୬।
ଏହା ଶୁଣି ବ୍ୟଞ୍ଜନ ସେ ଦେଲେଣ ଘେନିବ ।
ମୋହର ସମ୍ମୁଖକୁ ବେଗେ ଘେନାଇ ଆସିବ ଯେ ।୬୭।
ଏହା ଶୁଣି ଧାଈ ପୁତ୍ର ଦୁହିତାକୁ ନେଲେ ।
ନଳ ରନ୍ଧଣା ଠାବରେ ପ୍ରବେଶ ହୋଇଲେ ଯେ ।୬୮।
ଦେଖି ନଳରାୟେ ମନେ ଦୁଃଖିତ ହୋଇଲେ ।
କାହାର ପୁତ୍ର ଦୁହିତା ବୋଲି ପଚାରିଲେ ଯେ ।୬୯।
ଧାଈମାନେ ବହୁତ ବିନୟରେ କହନ୍ତି ।
ନଳ ରାଜାଙ୍କର ସୁତ ଦୁହିତା ଅଟନ୍ତି ଯେ । ୭୦ ।

ଦମୟନ୍ତୀ ଏହାଙ୍କର ମାତା ବୋଲି ଜାଣ ।
ପିତା ଅରଣ୍ୟରେ ଗଲେ ତାହାଙ୍କୁ ଛାଡ଼ିଣ ଯେ ।୭୧।
ଶୁଣିଣ ବାହୁକ ବହୁ ଶୋକଭର ହୋଇ ।
ନୟନୁ ଲୋତକ ବହେ ବଚନ ନ ଦେଇ ଯେ ।୭୨।
ପରତା ପେଷିଲା ଜାଣି ଓହ୍ଲାଇ ରଖିଲେ ।
ଧାଈମାନେ ସେକ୍ଷଣେ ଚେଲିଙ୍କୁ କହାଇଲେ ଯେ ।୭୩।
ପୁତ୍ର ଦୁହିତାଙ୍କର ସେ ଦେଖିଣ ରୋଦନ ।
କପାଇ କାନ୍ଦନ୍ତି ବୋଲି ପଚାରେ ରାଜନ ଯେ ।୭୪।
ତାହା ଶୁଣି ଧାଈମାନେ ତାହାଙ୍କୁ କହନ୍ତି ।
ତିଜଣ ଦେଖିଣ ଏହୁ ରୋଦନ କରନ୍ତି ଯେ ।୭୫।
ଠାବ ଆଣ ବୋଲି ରାଜେନ୍ଦ୍ର ଧାଈଙ୍କି କହିଲେ ।
ସୁବର୍ଣ୍ଣ ତାଟିଆ ମୁଦୁପୁଲୀ ଆଣି ଦେଲେ ଯେ ।୭୬।
କନକ ପାତ୍ରରେ ସେହୁ ବ୍ୟଞ୍ଜନ ପୂରାଇ ।
ସଂଯାତ ଲୋକ ଟେକି ହସ୍ତରେ ଯେନାଇ ଯେ ।୭୭।
ଦମନ୍ତୀ ଛାମୁରେ ସେହୁ ବେଗେ ନେଇ ଦେଲେ ।
ଆଘ୍ରାଣ କରିଣ ବାଳୀ ସୁଆଦ ବୁଝିଲେ ଯେ ।୭୮।
ନିଶ୍ଚୟ ନଳ ରାଜନ ବୋଲି ସେ ଜାଣିଲେ ।
କପଟେ ବିରୂପ ଧରିଅଛନ୍ତି ବୋଇଲେ ଯେ ।୭୯।
ନଳ ପାକଶାଳ କରିଛନ୍ତି ଯେଉଁଠାରେ ।
ଚେଟୀ ବାଡ଼ି ପକାଇଲେ ଚନ୍ଦନ ସେଠାରେ ଯେ ।୮୦।
ଚେଟୀ ପାଖେ ଦମନ୍ତୀ ବିଜୟ କଲେ ଯାଇଁ ।
ନିଜ ରୂପ ନ ଦେଖି ସଂଶୟ-ମନ ହୋଇ ଯେ ।୮୧।
ଚେଟୀ ବାଡ଼ ଅନ୍ତେ ଦମୟନ୍ତୀ କହେ ବାଣୀ ।
ନିଷ୍ଠୁର ପୁରୁଷମାନେ ଛାଡ଼ନ୍ତି ତରୁଣୀ ଯେ ।୮୨।

ଅରଣ୍ୟ ଭିତରେ ଏକା କରି ଛାଡ଼ିଗଲେ ।
ସେ ମହାପୁରୁଷ ଏଡ଼େ ନିଷ୍ଠୁର ହୋଇଲେ ଯେ ।୮୩।
ଏକ ପତ୍ନୀ ବ୍ରତ ସେହୁ କରିଣ ଯେ ଥିଲେ ।
କେତେ ସତ୍ୟବନ୍ତ ଲୋକ ଅଣ୍ଟିକ ଗଲେ ଯେ ।୮୪।
ଯେଉଁ ରୂପକୁ ସମାନ ଅନଙ୍ଗ ନୋହଇ ।
ଏଡ଼େ ଅସୁନ୍ଦର ସେହୁ ହୋଇଲେ କପାଇଁ ଯେ ।୮୫।
ଶୁଣିଣ ନଳ ରାଜନ ବଚନ କହିଲେ ।
ବିପତ୍ତିରେ ଧୈର୍ଯ୍ୟ ଧରି ରହି ନ ପାରିଲେ ଯେ ।୮୬।
ସେହୁ ପୁରୁଷର ଯେବେ ଅଯୁକ୍ତ ଥାଆନ୍ତା ।
ଏକା କରି ସେ ସ୍ତ୍ରୀକୁ କିମ୍ପା ଛାଡ଼ିଯାନ୍ତା ଯେ ।୮୭।
ଦେବତାନ୍ତ ନ ବରିଣ ବରିଲା ତାହାକୁ ।
କଲି ବିଡ଼ମ୍ବଣ ଦୁଃଖ କହିବା କାହାକୁ ଯେ ।୮୮।
ଏକପତ୍ନୀବ୍ରତ ସେହୁ ପୁରୁଷ ଯେ କଲା ।
ସ୍ତ୍ରୀ ତାର ଏକ ପତିବ୍ରତ ଆଚରିଲା ଯେ ।୮୯।
କଳିଯୁଗ ତାର ଦେହେ ପଶିଲାକ ଯହୁଁ ।
ରାଜ୍ୟଧର ହାରିଣ ଅରଣ୍ୟେ ଗଲେ ସେହୁ ଯେ ।୯୦।
ସେହୁ ପୁରୁଷର ଯେବେ ଅଯୁକ୍ତ ହୋଅନ୍ତା ।
ପୁଷ୍କର ସଙ୍ଗତେ କିମ୍ପା ସମସ୍ତ ହାରନ୍ତା ଯେ ।୯୧।
ଦଇବର ବଶେ ଯେବେ ଛାଡ଼ି ପଳାଇଲା ।
ସେହୁ ସ୍ତ୍ରୀ କପ ଥିବା ଭଲ ବୁଦ୍ଧି କଲା ଯେ ।୯୨।
ପିତା ପୁରେ ଆସି ଯେବେ ପ୍ରବେଶ ହୋଇଲା ।
ତାହାର ବିପତ୍ତି ସେହି ଦିନୁ ପାରି ଗଲା ଯେ ।୯୩।
ଦୁଃଖେ ସୁଖେ ଦିନ ନେଉଥାନ୍ତା ପିତା ପୁରେ ।
ଭଲ ମନ୍ଦ ବାରତା ପାଆନ୍ତା ପୁରୁଷରେ ଯେ ।୯୪।

ନୋହିଲେ ନିଧନ ଯେବେ ଶୁଣନ୍ତା ତାହାର ।
ଅଗ୍ନି ଲଗାଇଣ ତେବେ ପଶନ୍ତା ତହିଁର ଯେ । ୯୫ ।
ଭାଗ୍ୟବଶେ ଯେବେ ସେ ପୁରୁଷକୁ ଦେଖନ୍ତା ।
ତେବେ ସେ ସ୍ତ୍ରୀର ଦୁଃଖ କପାଁଇ ରହନ୍ତା ଯେ । ୯୬ ।
ଅଧର୍ମ ସ୍ତ୍ରୀଙ୍କ ଚରିତ ସେହୁ ଆଚରିଲା ।
ଲାଭ ହାନି ଦୁଇ କଥା ବିଚାର ନ କଲା ଯେ । ୯୭ ।
ପତି ତାର ସର୍ବଗୁଣେ ଜୀବନରେ ଅଛି ।
ପତ୍ନୀ ତାର ଦ୍ୱିତୀୟ ସ୍ୱୟମ୍ବର କର୍ମ ଇଚ୍ଛି ଯେ । ୯୮ ।
ଭଲପଣ ସେ ସ୍ତ୍ରୀର କେମନ୍ତେ ରହିଲା ।
ସତୀପଣ ଛାଡ଼ିଣ ଅନୀତି ଆଚରିଲା ଯେ । ୯୯ ।
ଦଇବ ବଶରେ ଯେବେ ପୁରୁଷ ଭେଟିଲା ।
ନିଜରୂପ ନ ଦେଖିଲେ ତାର କିସ ଗଲା ଯେ । ୧୦୦ ।
ଯହୁଁ ନଳରାଜା ଏହୁ ବଚନ କହିଲା ।
ଦେହରୁ ବାହାର ହୋଇ ଚରଣ ଧଇଲା ଯେ । ୧୦୧ ।
ନଳ ଆଜ୍ଞା ଦେଲେ ମୋତେ କି କାର୍ଯ୍ୟ ତୁମ୍ଭର ।
ରାଜା ତୁଣ୍ଡ କରିଅଛ ଯାହା ଇଚ୍ଛା ବର ଗୋ । ୧୦୨ ।
ଏହା ଶୁଣି ଦମୟନ୍ତୀ କହନ୍ତି ଉତ୍ତର ।
କିସ ସ୍ୱୟମ୍ବର ବିଧି ଦେଖିଲ ମୋହର ହେ । ୧୦୩ ।
ତୁମ୍ଭର ଦର୍ଶନକୁ ମୁଁ ରଚିଲି ଏପନ ।
ଅଷ୍ଟ ଲୋକପାଳ ଧର୍ମ ଜାଣନ୍ତି ମୋ ମନ ଯେ । ୧୦୪ ।
ଆନ ବୁଦ୍ଧି ଥିବ ଯେବେ ନଳର ବାହାରେ ।
ମୂର୍ଚ୍ଛନା ଫାଟି ପରାଣ ଯାଉ ଶୀଘ୍ରମୁର୍ଛେ ହେ । ୧୦୫ ।
ଦମୟନ୍ତୀ କ୍ରୋଧରେ ଯହୁଁ ଏମନ୍ତ ବୋଇଲେ ।
ଦେବସଭା କମ୍ପିଲେକ ଇନ୍ଦ୍ରହିଁ ଜାଣିଲେ ଯେ । ୧୦୬ ।

ତେତିଶ କୋଟି ଦେବତା ଶୂନ୍ୟମାର୍ଗେ ରହି ।
ଇନ୍ଦ୍ର ଅଜ୍ଞା ପାଇ କଥେ ପବନ କହଇ ଯେ । ୧୦୭ ।
ନଳରାଜେନ୍ଦ୍ର ଶୁଣ ଇନ୍ଦ୍ର ଆଜ୍ଞା ଦେଇଛନ୍ତି ।
କିଛି ପାପ କରିନାହିଁ ମନରେ ଦମୟନ୍ତୀ ଯେ ।୧୦୮ ।
ଏହା ଅନ୍ତର୍ଗତ ଶୁଦ୍ଧ ଜାଣିଅଛୁ ବୁଦ୍ଧ ।
ଦୂତପଣେ ଗଲୁ ଯାହା ଦମୟନ୍ତୀକି କହ ଯେ । ୧୦୯ ।
ସେ ଯାହା ବୋଇଲା ତାହା ଜାଣିଛୁ ରାଜନ ।
ତୋ ବିହୁନେ ଦମୟନ୍ତୀର ମନେ ନାହିଁ ଆନ ଯେ । ୧୧୦ ।
ଏବେ ମନ ତୋର ବିନୁ ନାହିଁ ଆନ ଭାବ ।
କେହୁଣି କଥା ଅମ୍ଭଙ୍କୁ ନାହିଁ ଅଗୋଚର ହେ । ୧୧୧ ।
ଏହାର ହୃଦକୁ ତୋତେ ସାକ୍ଷୀ ଅମ୍ଭେମାନେ ।
କିଛି ମନେ ନ କରିବ ନଳ ସେ ରାଜନେ ହେ ।୧୧୨ ।
ଅମ୍ଭେ ଦେବତାମାନେ ସେ ସବୁକଥା ଜାଣୁ ।
ପାପ ପୁଣ୍ୟ ବିଚାରିବ ତା ଯତ୍ନରେ ବଖାଣୁ ହେ । ୧୧୩ ।
ଯେତେବେଳେ ଇନ୍ଦ୍ର ଅଜ୍ଞା କର୍ଣ୍ଣରେ ଶୁଣିଲେ ।
ବୋଧ ହୋଇ ଦମୟନ୍ତୀକି କୋଳରେ ଧଇଲେ ଯେ ।୧୧୪ ।
ଉଠିଣ ଦମୟନ୍ତୀ ପୁଣ ସମ୍ମୁଖରେ ଜଣାଇ ।
ନିଜ ରୂପ ଦେଖାଅ ପ୍ରସନ୍ନ ମୋତେ ହୋଇ ହେ ।୧୧୫ ।
ଶୁଣି ନଳରାଜେନ୍ଦ୍ର ହସ୍ତ ପଣକୁ ଅନାଇ ।
ସ୍ମରଣେ ବେନି ବସ୍ତ୍ର ବାହାର ହୁଅଇ ଯେ । ୧୧୬ ।
ପୀତବସ୍ତ୍ର ଦୁଇଗୋଟି ହୋଇଲା ବାହାର ।
ଏକ ପିନ୍ଧି ଏକ ଗୋଟି ବାନ୍ଧିଲେ ଶିରର ଯେ । ୧୧୭ ।
ବସ୍ତ୍ର ପନ୍ଧିଲେ ଯେତେବେଳେ ସେ ରାଜନ ।
ନଳ ସେ ଦ୍ୱିତୀୟକାମ ହୋଇଲେ ତକ୍ଷଣ ସେ ।୧୧୮ ।

ନିଜ ପତି ରୂପ ଯହୁଁ ଦମୟନ୍ତୀ ଦେଖିଲେ ।
ପାଦ୍ୟେ ପଡ଼ି ଶୋଇ ପୁଣି ଭୂମିରେ ଲେଟିଲେ ଯେ ।୧୧୯।
ଦମୟନ୍ତୀଙ୍କି କୋଳେ ବସାଇଣ ସେ ରାଜନ ।
ଆଲିଙ୍ଗନ କରି ମୁଖେ ଦିଅନ୍ତି ଚୁମ୍ବନ ଯେ । ୧୨୦ ।
ହରଷ ହୋଇଣ ଦାସୀଗଣେ ଧାଇଁଗଲେ ।
ରାଜାର ଛାମୁରେ ଯାଇ ବାରତା କହିଲେ ଯେ । ୧୨୧ ।
ହେ ଦେବ ହେ ଋତୁପର୍ଣ୍ଣ ରାଜାର ସାରଥି ।
ନିଶ୍ଚୟେ କରି ତାହାଙ୍କୁ ଚିହ୍ନିଲେ ଦମୟନ୍ତୀ ଯେ । ୧୨୨ ।
ନଳରାଜା ଗୋପ୍ୟେ ସେହି ରୂପ ଧରିଥିଲେ ।
କାମଙ୍କୁ ଜଣିଣ ନିଜ ରୂପ ସେ ଧଇଲେ ଯେ । ୧୨୩ ।
ଦମୟନ୍ତୀ କହିଲେ କହି ପିତାଙ୍କ ଛାମୁରେ ।
ତୋହର ଯଣ ନିଶ୍ଚୟେ ବଧାଇ ଆମ୍ଭରେ ଯେ । ୧୨୪ ।
ଶୁଣି ମହାରାଜା ଅଲଙ୍କାର ସବୁ ଦେଲେ ।
ଋତୁପର୍ଣ୍ଣ ରାଜା ଯେଉଁଠାରେ ତା ଦେଖିଲେ ଯେ ।୧୨୫।
ସେହି ଯେତେ ଅଳଙ୍କାର ଲାଗି ହୋଇଥିଲେ ।
ଉଲ୍ଲସି ହୋଇ ତାହାଙ୍କୁ ଅନୁଗ୍ରହ କଲେ ଯେ । ୧୨୬ ।
ବେନି ରାଜା ଏକସଙ୍ଗେ ହୋଇ ବେଗେ ଗଲେ ।
ଖଡ଼ାଶାଳେ ଯାଇ ନଳରାଜାଙ୍କୁ ଦେଖିଲେ ଯେ । ୧୨୭ ।
ଉଠି ନଳରାଜା ବେଗେ ପାଦ୍ୟେ ପଡ଼ି ଶୋଇ ।
ଭୀମ ମହାରାଜା ଦେଖି କରି ପ୍ରସାରଇ ଯେ । ୧୨୮ ।
ବେଗେ ଭୀମ ରାଜା ତାଙ୍କୁ ତୋଳଣ ଧଇଲେ ।
ଭୁଜେ କୋଳକରି ନଳ ଶିରେ ଚୁମ୍ବ ଦେଲେ ଯେ ।୧୨୯।
ନଳରାୟେ ପୁନ ପୁନ କଲେ ନମସ୍କାର ।
ଆନନ୍ଦରେ ପୁଣି କୋଳ କରେ ନୃପବର ଯେ ।୧୩୦ ।

ଋତୁପର୍ଣ୍ଣଙ୍କୁ ନଳସଙ୍ଗେ ପୁଣ ସେ ସ୍ନେହିଁଲେ ।
କୋଳାଗ୍ରତ କରି ତାଙ୍କୁ ବଚନ କହିଲେ ଯେ । ୧୩୧ ।
ମୋହର ଜୀବନ ଜାଣ ତୋର ଆଜଠାରୁ ।
ତୁମ୍ଭ ଅନ୍ନ ଖାଇଣ ବଞ୍ଚିଲି ବିପତ୍ତିରୁ ଯେ । ୧୩୨ ।
ମହାଘୋର ବିପତ୍ତି ଯେ ମୋତେ ପଡ଼ିଥିଲା ।
ଆଜ ଦିନଠାରୁ ମୋହର ବିପତ୍ତି ଫିଟିଲା ହେ । ୧୩୩ ।
ଋତୁପର୍ଣ୍ଣ ବଚନ ଶୁଣିଣ ନଳକୁ କହିଲେ ।
ରୂପ ଗୋପ୍ୟ ଧରି ବିଧି ମୋର ପୁରେ ଥିଲେ ହେ ।୧୩୪।
ଯେବେ ମୁହିଁ ଭାଗ୍ୟବନ୍ତ ଲୋକ ହୋଇଥା'ନ୍ତି ।
ତେଠାରେ ଶିକ୍ଷିଲେ ବହୁ ସେବା କରିଥାନ୍ତି ହେ ।୧୩୫।
ଏବେହେଁ ବହୁତ ଭାଗ୍ୟ ହୋଇଲା ମୋହର ।
ଆଜନ୍ମ ସୁକୃତ ମୋର ବଢ଼ିବ ଅପାର ହେ । ୧୩୬ ।
ଅଜ୍ଞାନେ ଅମୃତ ଯେଉଁ ଲୋକ ଖାଇ ଥାଇ ।
ଅମୃତର ଗୁଣ କି ତା ଦେହେଁ ନ ଲାଗଇ ହେ । ୧୩୭ ।
ସେହିମତ ଫଳ ମୋର ପ୍ରାପତ ହୋଇଲା ।
ଜଗତେ ଶୁଣିବେ ନଳ ଅଯୋଧ୍ୟାରେ ଥିଲା ହେ । ୧୩୮ ।
ନଳ ଋତୁପର୍ଣ୍ଣଙ୍କର ସମ୍ବାଦ ହୋଇଲା ।
ଏଥୁ ଅନନ୍ତରେ କଥା କେମନ୍ତେ ହୋଇଲା ଯେ ।୧୩୯।
ଭୀମ ବେନି ରାଜାଙ୍କୁ ସଙ୍ଗତେ ଘେନି କରି ।
ବନ୍ଦନ କରି ଡଗରମାନଙ୍କୁ ହକାରି ଯେ । ୧୪୦ ।
ସିଂହାସନେ ବିଜେ କରି ରାଜ୍ୟେ ଆଜ୍ଞା ଦେଲେ ।
କଟକଯାକ ଉତ୍ସବ କରଥ ବୋଇଲେ ଯେ । ୧୪୧ ।
ହୁରିଆଙ୍କୁ ମତାଇଣ ଜୁର କରାଇବ ।
ଯାହାର ଯେତେକ ଯିବ ଭଣ୍ଡାରୁ ତା ଦେବ ହେ ।୧୪୨।

ଆଜ୍ଞା ପାଇ ନଗରେ ଘୋଷଣା ଦିଆଇଲେ ।
ନଳରାଜ୍ୟେ ଅଯୋଧ୍ୟାରେ ଗୋପ୍ୟରୂପେ ଥିଲେ ହେ ॥
କଟକ ଜୁର ହୋଇବ ରାଜ୍ୟେ ଆଜ୍ଞା ଦେଲେ ।
ଘୋଷଣା ଶୁଣି ଆନନ୍ଦେ ସର୍ବେ ଜୁର କଲେ ଯେ । ୧୪୪ ।
କଟକର ଉତ୍ତମ ପଦାର୍ଥ କଲେ ଜୁର ।
ଉନ୍ମତ୍ତ ହୋଇଲେ ନ ଚିହ୍ନିଲେ ପରାପର ହେ । ୧୪୫ ।
ରାଜା ବଡ଼ ଅବକାଶ ହୋଇ ବସିଛନ୍ତି ।
ସାଧୁତେ ଜୁର ପଦାର୍ଥ ଗ୍ରାମୁରେ ଜଣାନ୍ତି ହେ । ୧୪୬ ।
ରାଜା ଆଜ୍ଞାଦେଲେ ପାନ ବେଗ ହୋଇ ଯାଥ ।
ଯାହାର ଯେତେ ପଦାର୍ଥ ଭଣ୍ଡାରୁ ତା ଦିଅ ହେ । ୧୪୭ ।
ରାଜା ଆଜ୍ଞା ପାଇ ପାନେ ଭଣ୍ଡାରେ ପଶିଲେ ।
ସକଳ ପଦାର୍ଥମାନ ଲେଖିକରି ଦେଲେ ଯେ ॥
ଏମନ୍ତ ସମୟେ ରବ ଅସ୍ତକୁ ଭଜିଲେ ।
ଅନ୍ନବସ୍ତ୍ର ପାଇ ସର୍ବେ ସନ୍ତୁଷ୍ଟ ହୋଇଲେ ଯେ । ୧୪୯ ।
ରଜନୀ ହୁଅନ୍ତେ ପୁଣ ଯେଝା ଘରେ ଗଲେ ।
ସମସ୍ତେହେଁ ଅତି ସୁଖେ ରଜନୀ ବଞ୍ଚିଲେ ହେ । ୧୫୦ ।
ପ୍ରାତକାଳେ ରାଜାମାନେ ଅପହ୍ନୁଡ଼ ହୋଇ ।
ଯେ ଯାହାର ନିତ୍ୟକର୍ମ ସତ୍ୱରେ ବଢ଼ାଇ ଯେ । ୧୫୧ ।
ଅସ୍ଥାନ ପରେ ବିଜୟେ ଭୀମ ଯେ ରାଜନ ।
ତକ୍ଷଣେ ମିଳିଲେ ଆସି ନଳ ଋତୁପର୍ଣ୍ଣ ଯେ । ୧୫୨ ।
ଭୀମରାଜା ଚରଣରେ ନମସ୍କାର କରି ।
ଅତି ସ୍ନେହେ ଭୀମରାଜା ତୋଳେ କର ଧରି ଯେ । ୧୫୩ ।
ଆଜ୍ଞାଦେଲେ ଭୀମରାଜା ନଗରକୁ ଚାହିଁ ।
ଦେବ ସିଂହାସନ ବେଗେ ଘେନି ଆସ ଯାଇ ଯେ । ୧୫୪ ।

ଆଜ୍ଞା ପାଇ ଡଗରେ ବୁଲନ୍ତି ଚଳିଗଲେ ।
ରତ୍ନ ସିଂହାସନ ବେନି ଆସ୍ଥାନେ ଥୋଇଲେ ଯେ ।୧୫୫।
ସିଂହାସନେ ବସି ଋତୁପର୍ଣ୍ଣ ଜଣାଇଲେ ।
ଅଯୋଧ୍ୟା ନଗର ଯିବୁ ଆଜ୍ଞା ସେ ହୋଇଲେ ଯେ ।୧୫୬।
ଏହା ଶୁଣି ବନ୍ଧୁତ ଅକ୍ଷତ ଆଣି ଦେଲେ ।
ଆଜନ୍ତୁ କୁଣ୍ଡୀନଗର ଭୂମ୍ଭର ବୋଇଲେ ଯେ । ୧୫୭ ।
ନଳହିଁ ତାହାଙ୍କୁ ବହୁ ସମ୍ଭାବନା କଲେ ।
ଅଶ୍ୱହୃତ ବିଦ୍ୟା ଉପଦେଶହିଁ ଭଣିଲେ ଯେ । ୨୫୮ ।
ଅକ୍ଷତ ପାଇ ମେଲାଣି ହେଲେ ଋତୁପର୍ଣ୍ଣ ।
ସାରଥି ସମ୍ମୁଖେ ନେଇ କଲା ନିଜ ସ୍ଥାନ ହେ । ୧୫୯ ।
ଆନନ୍ଦେ ବଜାଇ୍ଲେ ରାଜା କଲେ ରଥପରେ ।
କଟକେ ମିଳିଲେ ବେନି ପ୍ରହର ଭିତରେ ଯେ । ୧୬୦ ।
ଛତିଶ ନିଯୋଗ ଲୋକେ ଦରଶନ କଲେ ।
ପାତ୍ର ମନ୍ତ୍ରୀ ଅମାତ୍ୟ ସମସ୍ତେ ଭେଟିଲେ ଯେ । ୧୬୧ ।
ଅବକାଶ ସିଂହାସନେ ରାଜେନ୍ଦ୍ର ବିଜେ କରି ।
ସର୍ବେ ଏକମୁଖ ହୋଇ ରାଜାଙ୍କୁ ପଚାରି ଯେ । ୧୬୨ ।
ହେ ଦେବ ଭୀମରାଜା ଯେ ସ୍ୱୟମ୍ବର କଲା ।
କେ କେ ଆସିଥିଲେ କନ୍ୟା କାହାକୁ ବରିଲା ଯେ । ୧୬୩ ।
ସାରଥି ହୋଇଣ ଯେହୁ ସଙ୍ଗେ ଯାଇଥିଲା ।
ରଥ କେତେ ବେଳେ ନେଲା ଯେଣୁ କେଣେ ଗଲା ଯେ ॥
ଆଜ୍ଞା ହୋଉ ହେ ଦେବ ! ଶୁଣିମା ଆମ୍ଭେମାନେ ।
ଏତେ କହି ମଉନ ହୋଇଲେ ସର୍ବଜନେ ଯେ । ୧୬୫ ।
ଆଦ୍ୟ ପ୍ରାନ୍ତ କରି ସବୁ ରାଜନ କହିଲେ ।
ଶୁଣିଣ ସମସ୍ତେ ବଡ଼ ଆଶ୍ଚର୍ଯ୍ୟ ହୋଇଲେ ଯେ । ୧୬୬ ।

ଅଯୋଧ୍ୟା ନଗରେ ଶୁଭେ ଋତୁପର୍ଣ୍ଣ ରହିଲେ ।
ଏଥୁ ଅନନ୍ତରେ ଶୁଣ ନଳ ଯାହା କଲେ ଯେ ।୧୬୭।
କୁଣ୍ଡୀ ନଗ୍ରେ କହୁ ଭନ ନଳରାଜା ରହି ।
ନିଜ ରାଜ୍ୟ ଆମ୍ଭେ ଯିବୁଁ ଦମନ୍ତୀଙ୍କି କହି ଯେ ।୧୬୮।
ଭୀମ ମହାରାଜାଙ୍କୁ ସେ ମେଲାଣି ମାଗିଲେ ।
ଚତୁରଙ୍ଗ ବଳ ଘେନ କଟକାଇ କଲେ ଯେ ।୧୬୯।
ଆପଣା କଟକ କହୁ ଦୂର ଥାଇ ରହି ।
ପୁଷ୍କର କଟକ ରାଜ୍ୟେ ଚାର ପଠାଇ ଯେ ।୧୭୦।
ନଳ ଆଜ୍ଞା ଦେଲେ ଯାଇ ଏମନ୍ତ କହିବୁଁ ।
ବେଗେ ଥାଅ ସଜ କରି ସମ୍ମୁଖରେ ମିଳିବୁ ଯେ ।୧୭୧।
ତୋର ମୋର ଦୁହିଙ୍କର ସଂଗ୍ରାମ କରିବା ।
ତୋହୋର ଇଚ୍ଛା ହୋଇଲେ ପଶାହିଁ ଖେଳିବା ଯେ ।୧୭୨।
ରାଜା ଆଜ୍ଞା ପାଇ ଚାର ବେଗେ ଚଳିଗଲା ।
ପୁଷ୍କର ସନ୍ନିଧେ ଯାଇ ପ୍ରବେଶ ହୋଇଲା ଯେ ।୧୭୩।
ଯେତେ ଆଜ୍ଞା ଦେଇଥିଲେ ନଳ ସେ ରାଜନ ।
ସବୁ ସେ କହିଲା ଭୟ ନ କରିଣ ମନ ଯେ ।୧୭୪।
ପୁଷ୍କର ଶୁଣି ଚାରକୁ ବଚନ କହିଲା ।
ନଳ ରାଜନର ଚାର ବୋଲି ଆଜ୍ଞା ଦେଲା ଯେ ।୧୭୫।
ଦର୍ଶନ କରିବ ମୁହିଁ ତାଙ୍କ ଚରଣରେ ।
ମୁହିଁ ଥିବା କାଳ ସେହୁ ଅଟଇ ରାଜ୍ୟରେ ଯେ ।୧୭୬।
ଶୁଣି ରାମଚନ୍ଦ୍ର ପଚାରନ୍ତି ମାର୍କଣ୍ଡଙ୍କୁ ।
ପୁଷ୍କର କର୍ମ୍ମ ଜଣାଇ କହିଲା ନଳଙ୍କୁ ଯେ ।୧୭୭।
ମାରକଣ୍ଡ ଆଜ୍ଞା ଦେଲେ ରାମଚନ୍ଦ୍ର ଶୁଣ ।
ପୁଷ୍କର କାଳ କରିବ ନଳ ସମ୍ମୁଖେଣ ଯେ ।୧୭୮।

ଦ୍ୱାପର ତାହାର ଦେହେ ପଶିଣ ଯେ ଥିଲା ।
ନଳକୁ ସଭାରେ ଅଣଆୟତ ସେ କଲା ଯେ ।୧୭୯।
ତେଣୁ କରି ନଳରାଜା ଏମନ୍ତ ହୋଇଲା ।
ରାଜା ସ୍ବର ଆଗେ ପୁଣ କେମନ୍ତ କହିଲା ଯେ ।୧୮୦।
ମାରକଣ୍ଡ ଋଷି କହେ ରାମଚନ୍ଦ୍ର ଶୁଣ ।
ଦୂତ ଆଗେ ପୁଷ୍କର କହଇ ବଚନୋପୁଣ ଯେ ।୧୮୧।
ପୁଣି ବେଗେ ସଜ ହୋଇ ରଥ ଆରୋହିଲା ।
ସୁବର୍ଣ୍ଣ କୁଠାର ସେହୁ ଗଳେ ଲମ୍ବାଇଲା ଯେ ।୧୮୨।
ଏକା ରଥକରେ ସେହୁ ଚଢ଼ିକରି ଗଲା ।
ନଳରାଜା ପାଦତଳେ ପ୍ରଲମ୍ବିତ ହେଲା ଯେ ।୧୮୩।
ପୁଣ ପୁଣ ପ୍ରାୟେ ପଡ଼ି ଶୋଇଲା ପୁଷ୍କର ।
ଗଦ ଗଦ ହୋଇ ଦେହ କରଇ ଅଧୀର ହେ ।୧୮୪।
ନଳ ଆଜ୍ଞା ଦେଲେ ବାବୁ ଉଠ ବେଗ ହୋଇ ।
ଏକଇ ବଚନ ତୋତେ ମୁହିଁ କହିବଇଁ ଯେ ।୧୮୫।
ଅଧର୍ମି କରଣ ମୁହିଁ ରାଜ୍ୟ ନ ନେଇ ।
ତୁ ଯେବେ ଯୁଦ୍ଧ ନ କଲୁ ପଶା ଖେଳିବଇଁ ଯେ ।୧୮୬।
ନଳରାଜା ପଶା ସାରି ବେଗେ ହକରାଇ ।
ପଶା ଯେ ଖେଳନ୍ତି ବସି ସେହୁ ଦେନ ଭାଇ ଯେ ।୧୮୭।
ଋତୁପର୍ଣ୍ଣଠାରୁ ଯେହୁ ମନ୍ତ୍ର ଘେନଥିଲେ ।
ତାହା ସୁମରଣା କରି ସମସ୍ତ ଜିଣିଲେ ଯେ ।୧୮୮।
ପୁଷ୍କରକୁ ବୋଇଲେ ତୁ ମୋ ଆଗେ ନ ଥିବୁ ।
କିଛି ରାଜ୍ୟ ଦେବା ତାହା ଖାଇ କରି ଥିବୁ ଯେ ।୧୮୯।
ଏତେ ବୋଲି ପୁଷ୍କରକୁ ସ୍ବର ଦେଶ ଦେଲେ ।
ପୁଷ୍କର ଯାଇଣ ସେହୁ ଦେଶରେ ରହିଲେ ଯେ ।୧୯୦।

ଦମୟନ୍ତୀକି ଘେନ ରାଜା ବଟେ କର ଗଲେ ।
ସେ ନବର କଟକରେ ପ୍ରବେଶ ହୋଇଲେ ଯେ ।୧୯୧।
ଆନନ୍ଦମନେ ଦର୍ଶନ କଲେ ପୁରଜନ ।
ବୋଲନ୍ତି ଏହୁ ରାଜ୍ୟକୁ ନଳହୁଁ ରାଜନ ଯେ ।୧୯୨।
ପାତ୍ର ମନ୍ତ୍ରୀ ଅମାତ୍ୟ ଦରଶନ କଲେ ।
ଛତିଶ ନିଯୋଗ ଘେନି ସେବାରେ ରହିଲେ ଯେ ।୧୯୩।
ହରଷ ହୋଇଣ ରାଜା ଶୁଭେ ରାଜ୍ୟ କଲେ ।
ମାର୍କଣ୍ଡ ଋଷି ରାମ ସମ୍ମୁଖରେ କହିଲେ ଯେ ।୧୯୪।
ତୁମ୍ଭର ବିପତ୍ତି ନାଶ କରିବାର ପାଇଁ ।
ଅରଣ୍ୟ ଭିତରେ ଆସି ତୋତେ ଭେଟିଲିଁ ଯେ ।୧୯୫।
ତୋର ତହୁଁ ଦୁଃଖୀ ଏକା ନଳ ସେ ରାଜନ ।
ଅଦ୍ୟ ପ୍ରାନ୍ତ କରି ସବୁ ଶୁଣିଲ ଶ୍ରବଣ ଯେ ।୧୯୬।
ଦଶଗ୍ରୀବ ହତ କରି ସୀତାଙ୍କୁ ପାଇବ ।
ନିଶ୍ଚୟ ଅଯୋଧ୍ୟାପୁରେ ରାଜନ ହୋଇବ ଯେ ।୧୯୭।
ଏକମନେ ଯେହୁ ନଳଚରିତ ଶୁଣଇ ।
ଅତି ମହାଘୋର ବିପତ୍ତିରୁ ନିସ୍ତରଇ ଯେ ।୧୯୮।
ଏତେ କହି ମୁନି ଅନ୍ତର୍ଦ୍ଧାନ ହୋଇଗଲେ ।
ଅରଣ୍ୟ ଭିତରେ ରାମ ଶୁଭେଣ ରହିଲେ ଯେ ।୧୯୯।
କହୁଁଅଛି ରାମ ରାବଣ ମାରି ରାବଣକୁ ।
ସୀତା ଘେନ ପୁଣି ସେହୁ ଆସେ ଅଯୋଧ୍ୟାକୁ ଯେ ।୨୦୦।
ଶୁଣ ଆହେ ସୁଜ୍ଞଜନେ ନଳର ଚରିତ ।
ଯାହା ଶୁଣି ବିପତ୍ତି ହରିଲେ ରଘୁନାଥ ଯେ ।୨୦୧।
ଏକା ଦିନକରେ ଏକାଥରେ ଯେ ଶୁଣିବ ।
ଶ୍ରଦ୍ଧା ମନ କରି ଅଦ୍ୟ ପ୍ରାନ୍ତ ଯେ ଭଣିବ ହେ ।୨୦୨।

ମହାଘୋର କପଟିଙ୍କ ଯେବେ ପାଉଥିବ ।
ସ୍ୱପନ ପରାୟେ ସେହୁ ଦୁଃଖକୁ ମଣିବ ଯେ । ୧୦୩ ।
ଯୁକ୍ତଜନମାନେ ହରିକୀର୍ତ୍ତନ କରିବ ।
କୃଷ୍ଣ ନାମ ଅହର୍ନିଶି ଶ୍ରବଣେ ଶୁଣିବ ଯେ । ୧୦୪ ।
ଶ୍ରୀପୁରୁଷୋତ୍ତମ କ୍ଷେତ୍ରବର ସେ ରାଜ୍ୟରେ ।
ତହିଁ ହୋଇଛନ୍ତି ଦାରୁବ୍ରହ୍ମ ଅବତାରେ ଯେ । ୧୦୫ ।
କଳାଅଖି ଚକାଡୋଳା ସୁରଙ୍ଗ ଅଧର ।
ଯେହୁ ଅବଲୋକନ କରନ୍ତି ନିରନ୍ତର ଯେ । ୧୦୬ ।
ତାହାଙ୍କ ପାଦତଳରେ ଥାଉ ମୋର ଶିର ।
ମଧୁସୂଦନକୁ ଚକ୍ରଧର ରକ୍ଷାକର ଯେ । ୧୦୭ ।
ନଳଚରିତ ଯେ ମୁହିଁ ନ ଜାଣି କହିଲି ।
ବାଳକ ବୁଦ୍ଧିରେ ମୁଁ ଅଳପ ବଖାଣିଲି ହେ । ୧୦୮ ।
ପଣ୍ଡିତଜନେ ହେ ଦୋଷ ନ ଧରିବ ମୋର ।
ପୂରିଲ ଗାଇବ ମୁଁ ଯେ ସେବକ ତୁମ୍ଭର ହେ । ୧୦୯ ।

ସମାପ୍ତ

ଟୀକା

ପ୍ରଥମ ଛାନ୍ଦ

୧ । ଅପୂର୍ବ ରସ; ଅପୂର୍ବ—ନୂତନ ଅଥଚ ଉତ୍କୃଷ୍ଟ (ବହୁବ୍ରୀ) । ରସ—ଆସ୍ୱାଦର ବିଷୟ, ସୁଖ, ଆନନ୍ଦ । ପାତକ—ପାପ । ଧ୍ୱଂସ—ନାଶ । ୨ । ମାୟାମୃଗ—ମିଛ ହରିଣ, ମାରୀଚ ରାବଣ କଥାରେ ମିଛ ସୁନାହରିଣ ରୂପ ଧରିଥିଲା (ମଧ୍ୟପଦଲୋପୀ କର୍ମଧା) । ମାରିବାରେ—ମାରିବା ପାଇଁ — ୪ର୍ଥୀ ବିଭକ୍ତି ସୂଚକ 'ରେ' । ୩ । ଜାନକୀ—ସୀତା, ଜନକଙ୍କ କନ୍ୟା (ଜନକ+ଅପତ୍ୟାର୍ଥେ ଅ+ସ୍ତ୍ରୀରେ ଈ) ୪ । ପୁରେ—ବାସସ୍ଥାନରେ, ଏଠାରେ ପର୍ଣ୍ଣକୁଡ଼ିଆରେ । କାରୁଣ୍ୟେ—ଦୁଃଖରେ—କାରୁଣ+ଭାବାର୍ଥେ ଯ ପ୍ରତ୍ୟୟ । ଅବନୀ—ପୃଥିବୀ । ୫ । ଶୋକଭରେ—ଶୋକଭର (ଷଷ୍ଠୀତତ୍) ଦୁଃଖର ଆଧିକ୍ୟରେ ।୬। କହୁ—ପ୍ରାଚୀନ ପ୍ରୟୋଗ । ଶଙ୍କୁନ—ଶକୁନ ଶବ୍ଦଜ, ଭଲ ମନ୍ଦ ଜଣାଇବା ଚିହ୍ନ, ରାବଣ ସୀତାଙ୍କୁ ହରିନେବାର ସଙ୍କେତ ବା ବାର୍ତ୍ତା । ୭ । ଦଶଗ୍ରୀବ—ଦଶଗ୍ରୀବା (ବେକ) ଯାହାର (ବହୁବ୍ରୀ)ରାବଣ । ୮ । ରଘୁରାଣ—ରଘୁବଂଶୀୟ ଯେ ହେଲେ ରାଣ ରାଜା ବା ରଘୁବଂଶୀୟଙ୍କ ମଧ୍ୟରେ ରାଜା (କର୍ମଧା ବା ୭ମୀ ତତ୍) । ଦଶାନନ—(ଦଶ ଆନନ ଯାହାର—ବହୁବ୍ରୀ) ରାବଣ ।୯। ଶ୍ରୀହତ—ଶ୍ରୀର ହତ (ହନ—ଧ, ହତମ୍; ଭାବେ ତ ପ୍ରତ୍ୟୟ) ସମ୍ପଦର ନାଶ ବା ହତଶ୍ରୀ ।୧୦।

ଅମରଷ—(ଅମର୍ଷ ଶବ୍ଦଜ) ନାହିଁ ମର୍ଷ—କ୍ଷମା ଯାହାର—ବଳବାନ୍. ଅସହନଶୀ, କ୍ରୋଧଯୁକ୍ତ ।୧୧। ମାରକଣ୍ଡ—ମାର୍କଣ୍ଡେୟ ଶବ୍ଦଜ, ମୃକଣ୍ଡ ଋଷିଙ୍କ ପୁତ୍ର, ତପସ୍ୟା ବଳରେ ସେ କଳ୍ପଜୀବୀ ହୋଇଥିଲେ । ସମୁରେ—ସମ୍ମୁଖ ଶବ୍ଦଜ – ଆଗରେ । ୧୨ । ତାପ—ଦୁଃଖ, ତାପ ତିନପ୍ରକାର—ଅଧ୍ୟାତ୍ମିକ, ଅଧିଦୈବକ ଓ ଅଧିଭୌତିକ ଯଥାକ୍ରମେ ମାନସ, ଦୈବ ଓ ଶାରୀର ଦୁଃଖ; ଏଠାରେ ମନର ଦୁଃଖ । ୧୩ । କ୍ରୋଧେ—କୋପେ, ଏଠାରେ କ୍ରୋଧ, କୋହର ଅର୍ଥ ଦୁଃଖ । ଅଭିଷେକ—ଅଭି+ସିଚ୍+ଅ; ପବିତ୍ର ଜଳରେ ସ୍ନାନ ପରେ ରାଜା ଗାଦିରେ ବସନ୍ତି । ୧୪ । ଭ୍ରଷ୍ଟ – ନଷ୍ଟ, ମୃତ । ପତ୍ନୀକଷ୍ଟ—ସ୍ତ୍ରୀ ବିରହଜନିତ ଦୁଃଖ ।୧୫। ରଘୁମଣି—ରଘୁ ରଘୁବଂଶୀୟ ହେଲେ ମଣି(ରୂପକ) ରାମଚନ୍ଦ୍ର । ୧୬ । ତାରେ—ତାଙ୍କୁ, ୨ୟା । ୧୯ । କାମଦେବଙ୍କୁ ସମାନ—ସରି, ସଦୃଶ, ସମାନ ପ୍ରଭୃତି ଯୋଗେ ୨ୟା ଓ ଷଷ୍ଠୀ ହୁଏ । ଶୂରବନ୍ତପଣ—ଶୌର୍ଯ୍ୟବନ୍ତ ଶବ୍ଦଜ, ବୀରପଣରେ । ୨୧ । ଆନନ୍ଦ ହୋଇ (ହରଷ ହୋଇ, ପ୍ରବେଶ ହୋଇ ପ୍ରଭୃତି) ଉଭୟ ଶବ୍ଦକୁ କ୍ରିୟାରୂପେ ଗ୍ରହଣ କର । ୨୪ । ବଇଦର୍ଭ, ନଇଷଧ—ବିଦର୍ଭ, ନିଷଧ । ୨୬ । ଯେ ଯାହାର—ଯେ ଯାହା ବିଗ । ୨୭ । ଡଗର—ଚର, ଡାକୁଆ (ଡ—ଶବ୍ଦ—ଯେ କରେ—ସେ ଡଗର; ଡକରରୁ ଡଗର) । ୨୮ । କୁମରମଣି – କୁମର ହେଲେ ମଣି (ରୂପକ) ପୁତ୍ରଶ୍ରେଷ୍ଠ । ୩୨ । (ଅଷ୍ଟରତ୍ନ—ନବରତ୍ନ—ମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ, ହୀରା, ବଦ୍ରୁମ, ପଦ୍ମରାଗ, ମରକତ, ନୀଳା ଓ ଗୋମେଦ) ଗୋମେଦ ଛାଡ଼ିଦେଲେ ଅଷ୍ଟରତ୍ନ ।୩୮। ନାରାଚ ଜାରାଚ ଶବ୍ଦଜ, ଶର । ୩୯ । ଅପାର—ନାହିଁ ପାର ଯାର,

(ବହୁବ୍ରୀ) - ବହୁତ । ୪୦ । ଚରସ୍ତ—ହସ୍ତ—ଶ୍ରୁତ, ଏଠାରେ ଚକିତ, ହଂସ ମୁଖରୁ କଥା ଶୁଣି । ୪୩। କୁଣ୍ଡୀ—କୁଣ୍ଡିନ, ବିଦର୍ଭ ଦେଶର ରାଜଧାନୀ, କଟକ - ନଗର । ୪୩। ଅନୁପାମ—ଅନୁପମ ଶବ୍ଦଜ (ବହୁବ୍ରୀ) ଅତୁଳ । ୪୪। ରତି—କାମଦେବଙ୍କ ସ୍ତ୍ରୀ । ୪୬। ସନ୍ଦେଶ—ଖବର, ବାର୍ତ୍ତା । ୪୭। ତଭ୍ର, ନର୍ମ—ବିବାହ ଓ ନିର୍ବାହ ଶବ୍ଦଜ । ୪୮। ସୁକୃତକର (ସୁକୃତ—ଧର୍ମ) ଧର୍ମ ଦ୍ୱାରା ଦେଇ କହ । ୪୯ । ନିୟମ—ପଣ, ଚୁକ୍ତି । ୫୦ । ବେଣ୍ଣ ପୋଖରୀ—(ବେଣ୍ଣ-ବର୍ଣ୍ଣ ବା ବୃଦ୍ଧ ଶବ୍ଦଜ) ଶ୍ରେଷ୍ଠ ସରୋବର । ବୃନ୍ଦରୁ ହୁଏ, ବୃତ୍ତରୁ ବେଣ୍ଣ ? (ପାଠଧ୍ୱ) ମଧ୍ୟ ହୋଇପାରେ ।୫୨। ସକଳ ସଖୀସମୂହ—ସବୁ ସଖୀମାନେ ସକଳ ଓ ସମୂହ ଏକସ୍ଥାନରେ ପ୍ରଯୁକ୍ତ (ଅଧୁନା ଏପରି ପ୍ରୟୋଗ ଦୁଷ୍ୟ) । ୫୦ । ଜଡ଼ିତ—ଖଚିତ । ୫୬ । ବ୍ରହ୍ମଲୋକ—ବ୍ରହ୍ମାଙ୍କ ଭୁବନ । ହେଳେ—ସହଜରେ, ସୁଖରେ ହେଳା—ଏ ତୃତୀୟା ବିଭକ୍ତିରେ ୫୯ । ଚନ୍ଦ୍ରମୁଖୀ—ଚନ୍ଦ୍ର ସଦୃଶ ବା ଚନ୍ଦ୍ରରୂପ ମୁଖ ଯାହାର (ମଧ୍ୟପଦଲୋପୀ ବା ରୂପକ ଗର୍ଭକ ବହୁବ୍ରୀ) ସ୍ତ୍ରୀ ରେ ଈ ପ୍ରତ୍ୟୟ ।୬୦। ରାଜନ ଚନ୍ତୁ—ରାଜଙ୍କଠାରୁ—୫ମୀ ବିଭକ୍ତିରେ ଚନ୍ତୁ, ନ୍ତୁ, ଠାରୁ, ଠୁ ଆଦି ପ୍ରଯୁକ୍ତ ହୁଏ । ଭର୍ତ୍ତା—ଭର୍ତ୍ତାଶବ୍ଦଜ-ସ୍ୱାମୀ ।୬୨। ବାଛ—ମନ୍ଦରୁ ଭଲକୁ ପୃଥକ୍ କର (ବି+ଚି ଧାତୁ ବା ବି + ଅ + ଛିଦ୍ ଧାତୁରୁ ନିଷ୍ପନ୍ନ ଶବ୍ଦର ଅପଭ୍ରଂଶ) । ୬୦ । ବିମାନ—ରଥ । ବିଗତ ମାନ—ତୁଳ—ଯାହାର—ବହୁବ୍ରୀ) ୬୩ । ବର୍ତ୍ତମାନ—ବିଦ୍ୟମାନ, ଉପଯୁକ୍ତ ।୬୬। ସ୍ୱୟମ୍ବରକୁ ଆସିଥିଲେ ଚୋର—ଏଠାରେ ‘ଚୋର’ କହିବାରେ ଜଣାଯାଏ ଯେ, ସେମାନେ ଜାଣିଥିଲେ ଦମୟନ୍ତୀ ନଳଙ୍କୁ ଆଗରୁ ବରଣ

କରୁଅଛୁ, ନଳଙ୍କୁ ବିବାହ କରିବ—ସେମାନଙ୍କ ଆଗମନ କେବଳ ନଳର ମହତ୍ତ୍ୱ ପ୍ରଦର୍ଶନାର୍ଥ ।୭୫। ବଖାଣିବୁ—କହିବୁ, ବ୍ୟାଖ୍ୟାନ କରିବୁ ।୭୭। ସନ୍ଧକଥା—(ଦୁଇଟି ବିଷୟର ମେଳନ ସ୍ଥାନ—ଦେବତାଙ୍କର ଓ ନଳଙ୍କର ପ୍ରାର୍ଥିତ୍ୱ] ବିଷମ ସମସ୍ୟା ।୭୮ ଅନ୍ତର୍ଗତ—ମନ ।୭୯। ବରଗିବ ପଠାଇବ । ମୋହିଗଲେ—ମୋର ଯିବାରେ— ଗଲ୍+ଏ, ଗମନବାଚକ ଶବ୍ଦ ଓଡ଼ିଆରେ] ୮୩ । ଦେବତାବର—ଦେବତାଙ୍କ ମଧ୍ୟରେ ବର ଶ୍ରେଷ୍ଠ (ନିର୍ଦ୍ଧାରଣେ ୭ମୀ ତତ୍) । ୮୪ । ସମ୍ଭାଷେ ଦେଇ—ଖବର ଦେଇ—କଥା କହିଲ ।୯୦। ସଲଜ୍ଜେଣ—ଲଜ୍ଜା ସହିତରେ ।୯୧। ପ୍ରତେ—ପ୍ରତ୍ୟୟରୁ, ବିଶ୍ୱାସରେ ।୯୨। ପ୍ରଳମ୍ଭ—ପ୍ରଣାମ ବନ୍ଦନ-ନମସ୍କାର ।୯୩। ବାମା—ସୁନ୍ଦରୀ ସ୍ତ୍ରୀ । ୯୪ । ତୋତେ—ତୋ ନିକଟକୁ । କଥାକୁ ଅବଧି—କଥାର ଆରମ୍ଭରୁ ଶେଷ ଯାକେ; ବା ନିଷ୍ପତ୍ତି ।୯୬। ଅମରପୁର—ସ୍ୱର୍ଗ । ୯୭ । ଦେବାଧିଦେବ—ଦେବତାଙ୍କ ମଧ୍ୟରେ ଅଧିଦେବ । [୭ମୀ ତତ୍] ଅଧିକ ଦେବ—ଅଧିଦେବ । (ପ୍ରାଦି) ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ ଦେବତା ।୯୯। ପ୍ରଭୁ—ମାଲିକ ।୧୦୧। ତୁ ମୋତେ ମନରେ ବରିଥିଲେ ସୁଦ୍ଧା ମୁଁ ଦେବତାଙ୍କର ଲୋକ ହୋଇ ତୋତେ ପ୍ରାର୍ଥନା କରୁଛି, ତୁ ମୋତେ ଛାଡ଼ି ସେମାନଙ୍କ ଭିତରୁ ଜଣକୁ ବରଣ କର—ମୋର ଏହି ତ୍ୟାଗ ହେତୁ ଯଶ ହେବ ।୧୦୪। ଠାଇଁ—ସ୍ଥାନରେ, ସ୍ଥାନରୁ ଠା ଓ ଠଣା ଇତ୍ୟାଦି ହୁଏ ।୧୦୭। ଯତ ସତ କରିଛନ୍ତି—ଯମ ଗୁଣ ଓ ସତ୍ୟ ଧର୍ମ ପାଳନ କରିଛନ୍ତି ।୧୧୧। ପ୍ରସନ୍ନ=ପ୍ର—ସଦ+ତ, ସନ୍ତୁଷ୍ଟ ।୧୧୩। ପରଖର—ପ୍ରଖର; ଶୀଘ୍ର ।୧୧୬। ଟେକ—ମଥା ତୋଳ ।୧୧୮। ନିହଜିଲ—ପରିହରିଲ;

ମନେ ପକାଇଲି । ୧୧୯ । ଛିଦ୍ର—ଦୋଷ, ଅଭାବ ।୧୨୦। ସ୍ୱେଦ ଝାଳ ।୧୨୧। ଅଭରଣ—ଭୂଷଣ । ୧୨୨ । ଚକ୍ଷୁ ତରଙ୍ଗ—ଆଖିର ଖେଳା ବା ଢ଼ଙ୍ଗ, ଦେବତାଙ୍କ ଆଖିପତା ପଡ଼େ ନାହିଁ।୧୨୪। ଧବଳାନ ଶବ୍ଦରେ—ଉତ୍ତମ ବୁଦ୍ଧିରେ – ଧୀର ଭାବରେ; (ବହୁବ୍ରୀହି ଓ କର୍ମଧା ବା କର୍ମଧା ଓ ମଧ୍ୟପଦ-ଲୋପୀ କର୍ମଧା) ।୧୨୭। ସୁରେଶ୍ୱର—ଦେବଶ୍ରେଷ୍ଠ, ଇନ୍ଦ୍ରାଦି ଶ୍ୱରଦେବତା ।୧୩୦। ଯୌତୁକ—ଯୌତକ ଶବ୍ଦଜ, ବିବାହ ବେଳେ କନ୍ୟାକୁ ଯେ ଧନ ବା ପଦାର୍ଥ ଦିଆହୁଏ । ପାଗ୍ରେଟି—(ପ୍ରତ୍ୟୁଦ୍ ଯାତ ବା ପଶ୍ଚାତ୍ ଯାତରୁ) ଆଗ ବଢ଼ିଯାଇ ଆଣିବା, ପଛେଇଯିବା, ଏଠାରେ ସଙ୍ଗରେ ସଙ୍ଗରେ ଯିବା ଅର୍ଥରେ ।୧୩୧। ବାହୁଡ଼ିଲେ (ବ୍ୟାବର୍ତ୍ତିତ୍ରୁ) ଫେରି ଆସିଲେ ।୧୩୨। ଅତ ହରଷ—ଅତିଶୟ ହର୍ଷ ଯାହାର, ବହୁବ୍ରୀ ।୧୩୪। ସୁମରଣା—ସ୍ମରଣ ।୧୩୭। ମାୟା—ଅନିତ୍ୟ ବିଷୟରେ ମମତା । ଚକ୍ରଧର ସୁଦର୍ଶନ ଚକ୍ରଧାରୀ ବିଷ୍ଣୁ (ଉପପଦ ତତ୍; ସଃ ଷଷ୍ଠୀ ତତ୍) ।

ଦ୍ୱିତୀୟ ଛାନ୍ଦ

୩ । ମଘବା— ଇନ୍ଦ୍ର ।୪। ରୁଣ୍ଡ—ଏକତ୍ର । ଭୂସ୍ୱର୍ଗଲୋକ—ପୃଥିବୀ ଓ ସ୍ୱର୍ଗର ଲୋକମାନେ । ୭ । ବିଡ଼ୋଜା—ବିଡୌଜା—ଇନ୍ଦ୍ର । ୯ ପାକଶାସନ—ଇନ୍ଦ୍ର । ୧୫ । ସୁନାସୀର—ଇନ୍ଦ୍ର ।୧୭। ହାଦେ—ନିଶ୍ଚୟ ।୧୮। ସଦାଶୟ—ଭଲ ସ୍ୱଭାବ ।୨୨। ଆଦ୍ର—ଓଦା । ଗଡ଼ିଲେ (ଗ୍ରାମ୍ୟ ଶବ୍ଦଜ) ଶୋଇଲେ । ପ୍ରବେଶେ—ପ୍ରବେଶ କରି ।୨୪। ସାନ୍ତ୍ୱ—ସନ୍ତୋଷ । ୨୫ । ଉଚ୍ଛନ୍ନ—ଉତ୍ସନ୍ନ-ଶବ୍ଦଜ—ବ୍ୟତିବ୍ୟସ୍ତ, ଦୁରବସ୍ଥା । ୨୭ । ଶର୍ବରୀ—ରାତି ।

ସମ୍ଭେ—ରାଜା । ୨୭ । ଚଉଅବକାଶେ—ରାଜାଙ୍କର ବିଶିଷ୍ଟ ସମୟରେ ଭେଟହେବା । ଅମନାତ୍ୟ—ଅମାତ୍ୟ ଶବ୍ଦଜ—ପ୍ରଧାନ ମନ୍ତ୍ରୀ । ୨୯ । ହାଙ୍କି—ଡାକ ।୩୦। ପୀଢ଼—ପଣ, ବାଜ । ୩୧ । ହକରାଇଲେ (ଆକାରଯୁତରୁ) ଡକାଇଲେ ।୩୩। ସାର—କାଠି । ପାଡ଼ିଲେ—(ପାତଯୁତରୁ) ପକାଇଲେ । ୩୭ । ଜୂନ—ଦ୍ୟୁତ, ଜୁଆ । ୩୮ । ପାଟମହାଦେଈ—ପଟ୍ଟ ମହାଦେବୀ—ପ୍ରଧାନ ରାଣୀ । ୩୯ । ସଜ—ସଜ୍ଜଶବ୍ଦଜ । ୪୦ । ରଥ୍ବର—ରଥଶ୍ରେଷ୍ଠ (ରଥରୁ ରହୁ) ।୪୨। ପୟର—(ପାଦଶବ୍ଦଜ) ପାଦ ।୫୦। ସୁଜ୍ଞ—ପଣ୍ଡିତ । ୫୧ । ତାପ ଫିଟାଇ—ଦୁଃଖ ଦୂରକରି ।

ତୃତୀୟ ଛାନ୍ଦ

୨ । ଦୁଷ୍କୃତ—ପାପ । ୩ । ଆବେଶ ହୁଏ—ହେଲ ହୁଏ, ଆସକ୍ତ ହୁଏ ।୭। ଅମ୍ବା—ଶରୀର । ୯୩ । ମାୟାବୀ—କପଟ—ମାୟା କପଟ ।୨୦। ଆସ୍ଥାନ—ରାଜାଙ୍କ ଦରବାର, ମଣ୍ଡପ ।୨୧। ସର୍ଜନ—ସାଜନ ଶବ୍ଦଜ—ପାଣ୍ଠ । ଦୋହରହା—ଦ୍ରୋହୀ, ଶତ୍ରୁ ୨୫ । ଉଣ୍ଡ୍ରିମ—ନାଗର ।୨୭। ଶିଷ୍ଟ ନବରୁ—ସ୍ୱରାଜଗ୍ରନ୍ଥରୁ ।୩୧। ଭୁନ—ଭୁଷ୍ଟି, ଚୂର୍ଣ୍ଣ । ୪୦ । ଯଥା ଯୁଗତ—ଯଥା ଯୁକ୍ତି, ଉଚିତ ପ୍ରକାରରେ (ଅବ୍ୟୟୀଭାବ ସମାସ) ।୪୮। ସାମନ୍ତ—ସାଆନ୍ତ, ରାଜାଙ୍କ ଭାଇଆ ।୫୫। ମାଜଣା—ମାର୍ଜନା—ସ୍ନାନାଦି କାର୍ଯ୍ୟ ।୫୯। ସୁବର୍ଣ୍ଣ—ସୁନା ମୋହର । ୬୧ । ବନୋୟୀ—ବନୟୀ ହୋଇ ।୬୩। ମେଲଣି (ପୁନର୍ମିଳନ ପ୍ରାର୍ଥନାରୁ) ବିଦାୟ । ୭୫ । ଶ୍ୱେତପଦ୍ମ ହୋଲାକୁ—ଶ୍ୱେତପଦ୍ମ ସଦୃଶ ବା ରୂପ ହୋଲା ଯାହାଙ୍କର, ଜଗନ୍ନାଥ (ମଧ୍ୟପଦଲୋପୀ ବା ରୂପକଗର୍ଭକ

ବହୁବ୍ରୀହି) । ରଙ୍ଗାଅଧର—ରଙ୍ଗାଧର—ରଙ୍ଗ କ ଲାଲ ଅଟେ ଓଠ ଯାହାଙ୍କର—ବହୁବ୍ରୀ । ୭୭ । କୈବଲ୍ୟ—ମୋକ୍ଷ ।୭୮। ପଦ୍ମଚରଣ—ପଦ୍ମସଦୃଶ ବା ରୂପ ଚରଣ ଯାହାଙ୍କର (ମଧ୍ୟ-ପଦଲୋପୀ ବା ରୂପକଗର୍ଭକ ବହୁବ୍ରୀ) ଜଗନ୍ନାଥ ।

ଚତୁର୍ଥ ଛାନ୍ଦ

୧ । ଆର୍ଯ୍ୟୀ—(ଆର୍ଯ୍ୟ ଶବ୍ଦରୁ) ମାତା । ଲିଖିଛୁ—ଲେଖିଛୁ । ୬ । ଫେଇଲା—ଫେଡ଼ିଲା, ଖୋଲିଲା । ଉଲଗ୍ନ—ନଗ୍ନ, ଲଙ୍ଗଳା । ୯ । ତପନ—ସୂର୍ଯ୍ୟ । ଉଦବେଗେ—ଉଦବେଗ—ପଡ଼ିବରେ ବା ଉତ୍ତେଜନାରେ । ୧୦ । ଉଲକ୍ଷ୍ୟେ—(ଉତ୍+ଲକ୍ଷ୍ୟ ଶବ୍ଦଜ)-ଏକ ଦୃଷ୍ଟିରେ କରି । ଅସିପତ୍ର—ଖଣ୍ଡାର ଦାଣ୍ଡି ଅର୍ଥରେ ସଂସ୍କୃତରେ ପ୍ରଯୁକ୍ତ--ଏଠାରେ ଅସି ହେଲା ପତ୍ର (ରୂପକ)—ଖଣ୍ଡା ବା ଛୁରୀ—(ଅସିପତ୍ର) (ଛୁରୀ ଅର୍ଥରେ ବ୍ୟବହୃତ) । ୧୧ । ହବାସ କଲେ—ରହିଲେ ।୧୨। ଧଡ଼ଣ—ଶୀଘ୍ର । ୧୭ । ବାତୁଳ ବୁଦ୍ଧି—ଚଞ୍ଚଳମତି । ଅମ୍ବିକା—ଦୁର୍ଗା । ଆରତ—ଆର୍ତ୍ତ (ଆର୍ତ୍ତ ଅର୍ଥରେ) ଦୁଃଖ । ସୁମନା—ସୁ—ଭଲ—ମନ ଯାହାର—ଦମୟନ୍ତୀ । ଗଭୋଇ—ଗର୍ତ୍ତରେ ରଖିବୁ ।୧୮। ଅଜଗର—ବଡ଼ ସାପ ବିଶେଷ । ୧୯ । ଫାରସା—ପର୍ଶୁ ଶବ୍ଦଜ—ଟାଙ୍ଗିଆ ଭଳି ଅସ୍ତ୍ର ବିଶେଷ । କିରାତ—ଶବର, ବ୍ୟାଧ ଅର୍ଥରେ ବ୍ୟବହୃତ । ସ୍ୱେଦ ଉଠିଲା—କାନ୍ଦିଲା । ୨୦ । ନୀର ଅହାର—ପାଣି ପିଇବା (ସଂସ୍କୃତ ସମାସରେ ମଧ୍ୟ ନୀରଂ ଅଶ୍ନାତି ପ୍ରୟୋଗ—ପାଣି ଖାଇବା ମଧ୍ୟ ଚଳେ) । ଗୋଳ—ଶବ୍ଦ । ଅନବରତେ—ସଦା ସର୍ବଦା । ୨୧ । ବଣିଜାର—ବଣିକ,

ବ୍ୟବସାୟୀ । ୨୨ । ନିବର୍ତ୍ତିଇଲେ—ନିବାରଣ କଲେ । ୨୩ । ଭୁମ୍ବର ବୋଇଲେ—ଭୁମ୍ବ କଥାରେ । ସ୍ୱକୃତ—ନିଜକାର୍ଯ୍ୟ, ନିତ୍ୟକର୍ମ । ଅଡ଼ିତ—ପାଇଛି, ଘରକାମ । ୨୪ । ମତ୍ତହସ୍ତୀ ଯୂଥ—ପାଗଲ ହାତୀ ପଲ । ଥାଟ—ସୈନ୍ୟ, ଏଠାରେ ଲୋକ । ମୋହେ ରହିଲାକୁ—ମୋର ରହିବା ପାଇଁ—ମୋ ରହିବାରୁ । ୨୬ । ଠୂଳ—ସ୍ଥୂଳ—ଏକତ୍ର । ହୁରଅ—ରଜାଙ୍କ ଘରେ ଖଟୁଥିବା ପାଇକ । ୨୭ । ଜଗତି—ରାଜପ୍ରସାଦ, ରଜାଙ୍କ ବଡ଼ କୋଠା । ଦଇବ କୃତେ—ଦୈବବଶରୁଁ, ଅକସ୍ମାତ୍ । ଡାଙ୍କି ଅଣ—ଡାକଅଣ । ୨୮ । ସନ୍ନିଧବେ—ସନ୍ନିଧି ଶବ୍ଦଜ—ସମୀପରେ । ୨୯ । ସଇନ୍ଧ୍ରୀ—ସୈରନ୍ଧ୍ରୀ ଶବ୍ଦଜ—ଅନ୍ତପୁରରେ ବେଶରଚନାକାରିଣୀ । ୩୦ । ତୁହେଁ ମୋତେ ସମାନ ପର—ତୁହେଁ ପୃଥକ୍ ହେଲେହେଁ ମୋତେ ସମାନ, ମୁଁ ଏକଦୃଷ୍ଟିରେ ଉଭୟଙ୍କୁ ଦେଖେ ।୩୧। କେହୁଣି—କୌଣସି ।୩୩। ଦୋଶନ୍ଧା—ଶନ୍ଧି ନ ଶନ୍ଧିବା ।୩୫। ଗୋସାଇଁ—ଗୋସ୍ୱାମୀ ଶବ୍ଦଜ, ଗୋ—ଇନ୍ଦ୍ରିୟ, ସେମାନଙ୍କର ସ୍ୱାମୀ—ଜିତେନ୍ଦ୍ରିୟ, ଏଠାରେ—ବ୍ରାହ୍ମଣ ସମ୍ବୋଧନ । ୩୬ । କପାଳେ ତିଳକ ଧାଡ଼ି ସାତ—କପାଳରେ ସାତରେଖା । ସୌଭାଗ୍ୟସୂଚକ ।୩୮। ପରମାଣି—କଳନା କର, ଠିକ୍‌କର । ପ୍ରଲମ୍ବିତ—ପ୍ରଣମିତ ଶବ୍ଦଜ ।୪୦। ଅସ୍ତାନ—ଅସ୍ଥାନ ଶବ୍ଦଜ । ଓହାଡ଼—ଅନ୍ତରାଳ କର, ଆଡ଼କର । ଭୋଡ଼ଙ୍ଗ ଆ—ରାଜ ନିଯୋଗରେ ଯେଉଁମାନେ ଭୋଡ଼ଙ୍ଗ ବା ବଡ଼ଭୁଇଁ ବା ରଣଶିଙ୍ଘ ବଜାନ୍ତି । ଜଗିଅ—ଜଗୁଥିଲ, ରକ୍ଷକପଣ । ତଲାଶ ପରୀକ୍ଷ; ତଲାଶ—ତଲାଇବା, ଦୋଷା—ପରୀକ୍ଷକ; ପରିଚ୍ଛ—ଯେ ରାଜକର୍ମଚାରୀ ଯେ କାର୍ଯ୍ୟ ତଲାନ୍ତି ଓ ହିସାବ ରଖନ୍ତି; ଏଠାରେ

ଯେ ସୈନ୍ୟ ଗୃଳନା କରନ୍ତି । ୪୧ । ଅକ୍ଷତ—ଉଥଗୃଉଳ ।୪୩।
ତଣ୍ଡୁଳ—ବସ୍ତ୍ର ଓ ଅଳଙ୍କାରାଦି ।୪୪। ଚୋଳ—ଚୋଳି । ଉଲ୍ଲାସ
ହୋଇ—ଖୁସି ହୋଇ । ପୁଲକିତ—ରୋମାଞ୍ଚିତ, ରୋମ ଠାଙ୍କୁରି
ଉଠିବା । ୪୫ । ଅପୁଅିକ,—ଅପୁଅିକ, ନାହିଁ ପୁଅ ଯାହାର
(ବହୁବ୍ରୀ) ସ୍ୱାର୍ଥେକ, (ଅପୁଅିକ—ଓଡ଼ିଆରେ ପ୍ରୟୋଗସିଦ୍ଧ) । ୪୬।
ଧାଈ—ଉପମାତା; ଯେ ଶିଶୁକାଳରୁ ପିଲାଙ୍କୁ ସେବାକରି ବଢ଼ାଏ ।
ମୃଦୁଗୁଳୀ—(ମୃଦୁହାସିନୀ ଶବ୍ଦଜ)—ଦାସୀ । ଶିର ଚୁମ୍ବନ୍ତି (ଓ
ମସ୍ତକ ଆଘ୍ରାଣ କରନ୍ତି)—ଇତ୍ୟାଦି ପ୍ରାଚୀନ ଭକ୍ତି—ପୁଅ ଓ ଝିଅ
ବା କନିଷ୍ଠ ପ୍ରଭୃତିଙ୍କୁ ସ୍ନେହରେ ଆଲିଙ୍ଗନ କଲାବେଳେ ସେମାନଙ୍କ
ଅବନତ ମସ୍ତକ ପିତା ମାତା ଓ ମାନ୍ୟଜନଙ୍କ ମୁହଁ ତଳେ ହୁଏ,
ତହିଁ ଏପରି ଭକ୍ତି ।

ପଞ୍ଚମ ଛାନ୍ଦ

୧ । ଶୟନ ଶଯ୍ୟା—ଶୋଇବା ଶେଯ (ମଧ୍ୟପଦଲୋପୀ କର୍ମଧା)
ପଶ୍ଚିମମୂର୍ତ୍ତି—ପଶ୍ଚିମକୁ ମୁଖ କରି ଯିବା ।୨। ଦାବାନଳ ଦାବ—
ବନ) ବନାଗ୍ନି ।୪ । ହେଜ—ଠଉରାଇ । ୬ । ସମ୍ଭାଇ—ପ୍ରବିଷ୍ଟ
ହେବ । ଲଙ୍ଘି—ନେଇ, ଗ୍ରହଣ କରି ।୭। ପଦାଣ୍ତ୍ରୀ—ପାଦ (ପଦାଣ୍ଡ୍ରି
ଶବ୍ଦଜ) ।୮। ବିରୁପ-କୁରୁପ । ଶ୍ରେଣିତ—(ଶୋଣିତ ଶବ୍ଦଜ) ରକ୍ତ
।୧୦। ଅମୋହ—(ଅମୋଘ ଶବ୍ଦଜ); ଅମୋଘ, ଅବ୍ୟର୍ଥ । ବିହଲୁ
—ବିଧାନ କଲୁ, ଦେଲୁ ।୧୧। ଅଷ୍ଟକୁଳା—ଅଷ୍ଟନାଗ, ପୃଥିବୀକୁ
ଆଠ ଦିଗରେ ଧରିଥିବା ଆଠଗୋଟି ନାଗ—ଅନନ୍ତ, ବାସୁକି,
ପଦ୍ମ, ମହାପଦ୍ମ, ତକ୍ଷକ, କୁଳିକ, କର୍କୋଟକ ଓ ଶଙ୍ଖ । ମୋକ୍ଷ
—ଶାପରୁ ମୁକ୍ତି ।୧୮। ପୀତ ପଟଣୀ—ହଳଦିଆ ପାଟଲୁଗା ।୨୦।

ସର୍ମାଦ—(ସମ୍ବାଦ ଶବ୍ଦଜ) ବିଷୟ । ୧୨ । ମହା ବିଦ୍ୟମାନ—
ମହାନ୍‌ରୂପରେ ବିରାଜମାନ । ତତ୍ତ୍ୱଗୁଣ—ଶୁଦ୍ଧ ସ୍ୱଭାବ । ଛତିଶ
ନିଯୋଗ—ଛତିଶ ପ୍ରକାର ଅଧିକାର ବା ସେବା । ୧୩ । ସାରଥି
—ରଥଚାଳକ । ୧୪ । ଭିନ୍ନାଭିନ୍ନ—ଛଡ଼ାଛଡ଼ି; ପୃଥକ୍ ଭାବ ।
(ଭିନ୍ନ ଭିନ୍ନର ସନ୍ଧିଯୋଗରେ ଆକାର ଆଗମ ହୁଏ । ଏକସ୍ୱରୂପ ।
୧୫ । ବରତନ—ବୃତ୍ତି, ବେତନ । ହବିଷ—ହବିଷ୍ ଶବ୍ଦଜ
—ଘୃତାନ୍ନ । ଉଦରକୁ ମାନ—ପେଟକୁ ସମ୍ମାନ—ଅର୍ଥାତ୍
ମୋର ଜାତି ଓ ଧର୍ମ ଅନୁସାରେ ଉପଯୁକ୍ତ ଖାଦ୍ୟ ପାଇଲେ,
ଉଦରର ମାନ ହେତୁ ମୋର ସମ୍ମାନ ରକ୍ଷା ହେବ । ୧୬ ।
ଅସବାବ—(ଆରବ୍ୟ) ଗୃହୋପକରଣ, ଜିନିଷପତ୍ର । ଦୂର୍ବଳ-
ଅଶକ୍ତ, (ବା ଦୁର୍ଦ୍ଦାନ୍ତ ?), ଦଅଡ଼ି —(ଦର୍ଣ୍ଡ ଶବ୍ଦଜ) ପ୍ରଧାନ
ଦ୍ୱାର ରକ୍ଷକ; ପରଖ୍ୟ—ପରୀକ୍ଷକ ଶବ୍ଦଜ; ଦଅଡ଼ି ପରଖ୍ୟ—ପ୍ରଧାନ
ଅଶ୍ୱପାଳ ବାରୁଶାଳ (ବାରୁ ସଂ ବାହ—ଅଶ୍ୱ; ଶାଳା—ଗୃହ)
ଘୋଡ଼ା ଶାଳରେ । ୧୭ । ମଣୋହି—ଭୋଜନ । ଭାଲଇ—
ବିସ୍ମରଇ । ୧୮ । ଉଜାଗର (ଉଦ୍+ଜାଗର) ନିଦରୁ ଉଠି ।
ବାତୁଳ—(ବାତ+ଉଳ) ଉନ୍ମତ୍ତ—ଉତଲା । ଥୋକେ—
(ସ୍ତୋକ୍ ଶବ୍ଦଜ) କେତେକ । ୧୯ । ବାଇ—ବାତୁଳ, ଉନ୍ମତ୍ତ ।
୩୩ । ଦେଲି ଘଣ—ମୁଁ ଖୋଜି ପାଇଲେ ମୋର ନାମ ହେବ ।
୩୪ । ନିରେଖି—ନିରୀକ୍ଷ (ଧାତୁଜ) ତସ୍ତି । ୩୬ । ଠାକୁର—
(ପ୍ରା: ଠାକୁର ଶବ୍ଦଜ) ଦେବତା; ରାଜା ଦେବତା ରୂପରେ
କଥିତ । ଶଙ୍ଖୋଳିଲା—ଖୋଜିଲା । ନିଛର—ଘୋର ।୪୪। ଅବ୍ରତେ
—ଅଦ୍ଭୁତ । ୪୫ ! କଣ୍ଟ—ଅବଧି, ଠିକଣା ସମସ୍ତ । ୪୬ । ହର-
ଗଉରୀ—ମହାଦେବ ଓ ପାର୍ବତୀ । ଆରାଧନା—ପୂଜା । ଶ୍ରୋତା

ହୋଇଲେ ଶୁଣିଲେ । ୫୦। ବଇରିପଣେ—ଶତ୍ରୁପଣରେ, ଶତ୍ରୁଭାବରେ । ସାଯୁଜ୍ୟ ମୁକ୍ତି—ଭଗବାନଙ୍କ ଶରୀରରେ ଯୁକ୍ତ ହେବା ରୂପ ମୁକ୍ତି । ୫୦ । ପରମଗତି—ବୈକୁଣ୍ଠ ବା ବିଷ୍ଣୁଙ୍କ ପାଦ । ପ୍ରହ୍ଲାଦ—ହିରଣ୍ୟ କଶିପୁ ଶିବଭକ୍ତ ଓ ବିଷ୍ଣୁଦ୍ରୋହୀ, ତାର ପୁତ୍ର ପ୍ରହ୍ଲାଦ ବିଷ୍ଣୁଭକ୍ତ, ପିତା ପ୍ରହ୍ଲାଦକୁ ପ୍ରାଣରେ ମାରିବାକୁ ଯାଇ କହିଲା ତୋ ବିଷ୍ଣୁଙ୍କୁ ଦେଖା, ସେ କହିଲା ସେ ସର୍ବତ୍ର ବିରାଜମାନ, ଏହି ସ୍ତମ୍ଭରେ ମଧ୍ୟ ଅଛନ୍ତି—ଏହା କହନ୍ତେ ବିଷ୍ଣୁ ନରସିଂହ ମୂର୍ତ୍ତି ଧରି ହିରଣ୍ୟକୁ ବିଦାରଣ କଲେ ।

ଷଷ୍ଠ ଛାନ୍ଦ

୩ । ଅବଧାରିଲା—ନିର୍ଣ୍ଣୟ କଲା । ଖନ୍ଦା—ଶାଳ । ୪ । ଚାଶ୍ରେଷ୍ଠ—ସୁନ୍ଦର । ୫ । ଶ୍ରୀବାରୁ—ପା ଘୋଡ଼ା । ବେହେରା ପଣ—ପ୍ରଧାନ କାର୍ଯ୍ୟ । ୭ । ବାହୁକ—ରଥ ଚାଳକ, ସାରଥି । ୯ । ତରସ୍ତ—ତର୍ଚ୍ଚା, ବୁଝାଶୁଝା । ୧୧ । ପ୍ରମାଣ—ଉପଯୁକ୍ତ । ୧୭ । ରାଜଜାତରେ—ରାଜ କାର୍ଯ୍ୟରେ । ୩୦ । ତେରଖନ୍ଦା—(ତୁରଙ୍ଗଖନ୍ଦାରୁ କି ?)—ଅଶ୍ୱଶାଳା । ୩୫ । ବାଗ ମେଲିଲେ—ଲଗାମ ହସ୍ତଗ୍ରଣା କଲେ । ୩୭ । ଚାଟକା—ଆଶ୍ଚର୍ଯ୍ୟ । ୪୨ । ଉତ୍ତମ—ସୁନ୍ଦର । ୪୪ । ରୁହାଅ—ରଖାଅ (ରହ ଧାତୁର ଣିଜନ୍ତରେ ରୁ, ବୁହାଇବା, କୁହାଇବା, ସୁହାଇବା ଇତ୍ୟାଦି) । ୪୭ । ପୁଣ—ଯୋଜନ, ଚାରି କୋଶ । ୫୦ । ଅଶ୍ୱହୃତ—ଅଶ୍ୱଙ୍କୁ ଚଲାଇବା । ୫୦ । ମୁଁ ଅଶ୍ୱହୃତ ବିଦ୍ୟା କଥା ବହୁତ ଦିନୁ ଜାଣିଛୁ ଅର୍ଥାତ୍ ଶୁଣିଛୁ । ପାଲଟ—ବଦନ । (ପର୍ଯ୍ୟସ୍ତଶବ୍ଦଜ) ୫୫ । ଦଣ୍ଡଦାନ—ଦଶ ସଂଖ୍ୟାର ପଟ । ଅବଲ୍ଲା—ଅବହେଳା,

ଅନ୍ୟଥା । ୫୦ । କଉତୁକ—କୁତୂହଳ, ଆଶ୍ଚର୍ଯ୍ୟର ବିଷୟ ।୫୮। ଚାହାଡ଼ା (ସଂ ବିଖିତକ,ପ୍ରାଃ ବହେଡ଼) ଓ ହରଡା, ଚାହାଡ଼ା ଓ ଅଅଁଳା ଏରୁପ ତିଫଳାରୁ ଏକ ଫଳର ବୃକ୍ଷ । ୬୧ । ପ୍ରାସ— (ପ୍ରୟାସ ଶବ୍ଦଜ) କ୍ଲେଶ, ଯାତନା । ୬୨ । ପ୍ରମାଦ—ଦୁଃଖ, କଷ୍ଟ । ୭୦ । ବିଧାତା ଜହ୍ନିଲା ମୋତେ—ମୁଁ ବିଧି ନିର୍ଦ୍ଦେଶରେ ଅପ୍ରମିତେ—ବହୁତ, ଅକଳନ୍ତ । ୯୬ । ଉଚ୍ଛନ୍ନ—ଉଦ୍‌ବେଗ, ଉଚଳପଣ, ବିଶେଷ୍ୟରୁପେ ପ୍ରଯୁକ୍ତ । ୯୮ । ଶାରଙ୍ଗ—ଧନୁ (ଶୃଙ୍ଗନିର୍ମିତ) । ଶ୍ରୀପତି—ଲକ୍ଷ୍ମୀଙ୍କ ସ୍ୱାମୀ ।

ସପ୍ତମ ଛାନ୍ଦ

୧ । ଚତୁରଙ୍ଗ ବଳ— ରଥ, ହସ୍ତୀ, ଅଶ୍ୱ, ପଦାତି—ଚ୍ୟରି ରକମ ବଳ । ୨ । ପହଣ୍ଡ ମଣାଇ— ହାତ ଧରି ଚଳାଇବା ବା ସଙ୍ଗରେ ଆଣିବା । ୧୨ । ହୋଉପି - ହେଉ (ଏହିପରି କରପି, ବଦପି ପ୍ରଭୃତି ବହୁତ ଦୃଷ୍ଟ ହୁଏ) ।୨୨। ପଞ୍ଚା—(ପଞ୍ଚସ୍ୱ ଶବ୍ଦଜ, ଛଞ୍ଚା, ଖାଦ୍ୟର ସାମଗ୍ରୀ । ୨୩ । ସୁପାଗୀ – ସ୍ୱୟଂପାକକାରୀ ।୨୫। ଶୁଚିବନ୍ତ— ଆଗ୍ରହସମ୍ପନ୍ନ, (ଶୁଚିବନ୍ତ, ଶ୍ରୀବନ୍ତ ଶବ୍ଦରୁ ଜଣା-ଯାଏ—ପ୍ରାଚୀନ ଓଡ଼ିଆରେ ଅନେକ ଅନେକ ସ୍ଥାନରେ ମନ୍ତସ୍ଥାନରେ ବନ୍ତ ପ୍ରଯୁକ୍ତ ହୁଏ) । ୩୧ । ଚଣ୍ଡୁଳ—ଗୁଡ଼ଉଲ । ୫୧। ଭାତୁଆଣି—ଭାତ ରାନ୍ଧିବା ପାଣି । ୫୧ । ଦୂରୁ ଦୁରୁ— ପ୍ରବଳ ଭାବରେ । ୫୨ । ଚଳାଇଣ ଦେଲେ—ହାତ ପୂରାଇ ବୁଲାଇ ଦେଲେ । ୭୫ । ତିଉଣ—(ତେମନ ଶବ୍ଦଜ) ତର-କାରୀ । ୭୭ । ଠାବ—ସ୍ଥାନ, ପାଦ । ୭୭ । ସୁଜାତି—ଉତ୍ତମ ବର୍ଣ୍ଣର । ଝେଗବାଡ଼—ବସ୍ତ୍ରାବରଣ, କନାଟି ବାଡ଼ । ୮୨ ।

ଅନ୍ତେ—ମଧ୍ୟରେ । ୮୪ । ଅନୀତ—ଅନ୍ୟାୟ, ଅଧର୍ମ । ୮୮ । ଦେବତାନ୍ତ—ଦେବତାଙ୍କୁ । ବିଡ଼ମ୍ବଣ—ଯନ୍ତ୍ରଣା, ପୀଡ଼ା । ଅଷ୍ଟଲୋକପାଳ—ଅଷ୍ଟଦିଗର ଅଧିପତି ଦେବତା—ଇନ୍ଦ୍ର, ଅଗ୍ନି, ଯମ, ନୈଋତ, ବରୁଣ, ବାୟୁ, କୁବେର, ଈଶ । ୧୦୪ । ମୂର୍ଚ୍ଛନା—ମୁଣ୍ଡ । ଶୂନ୍ୟମାର୍ଗ—ଆକାଶ । ୧୧୮ । ପହୁରିଲେ; ପରିଧାନ କଲେ—ପହୁରିଲେ; ଏଠାରେ ହଓର ର ବର୍ଣ୍ଣ ବିପର୍ଯ୍ୟୟ, ପିନ୍ଧିଲେ । ୧୧୯ । ଲୋଟିଲେ (ସଂସ୍କୃତ ଲୁଠ—ପ୍ରାକୃତ ଲୋଟ)—ଗଡ଼ିଲେ । ୧୨୦ । ବଧାଇ (ହିନ୍ଦୀ ମଧ୍ୟ) —ପୁରସ୍କାର, ପାରିତୋଷିକ । ୧୨୬ । ଲାଗି ହୋଇଥିଲେ—ଠିଆଥିଲେ । ଓଲଗି—ନମସ୍କାର କରି (ଅବଲଗ୍ନ ଶବ୍ଦଜ) । ୧୩୪ । ନିଧି—ରତ୍ନ, ଏଠାରେ ପୁରୁଷରତ୍ନ । ୧୦୨ । ମତାଇଣ —ଉନ୍ମତ୍ତ କରାଇଣ (ମତ୍ତ କରାଇ) । ଜୁର—ବଳାତ୍କାରରେ ହରଣ କରାଇବା । ୧୪୭ । ସାଧୁତ—ସୌଦାଗର, ବୋଇତୁଆଳ, ବଣିକ । ୧୫୧ । ଅପହୁଡ଼ି ହୋଇ—ନିଦ୍ରାରୁ ଉଠି । ୧୬୧ । କଟକାଇ—ସୈନ୍ୟସାଜ ଯାତ୍ରା କରିବା । ୧୭୯ । ଅଣଅୟୁତ—(ଅନାୟତ୍ତ ଶବ୍ଦଜ) ବିଚଳିତ । ୧୮୨ । ସୁବର୍ଣ୍ଣ × × × ଲମ୍ଭାଇଲା—ଏହି କୁଠାରରେ ମୋତେ ମାରିଲୁ ଏହା କହି—ନିଜର ଅପରାଧମଣି ଶରଣ ପଶିଲା । ୨୦୫ । ଦାରୁବ୍ରହ୍ମ—ଦାରୁ —କାଷ୍ଠ—ସେ ହେଲା ବ୍ରହ୍ମ (ରୂପକ) କାଷ୍ଠମୂର୍ତ୍ତି ଜଗନ୍ନାଥ ୨୦୭ । କଳାଆଖି, ଚକାଡୋଳା, ସୁରଙ୍ଗ ଅଧର—ବନ୍ଧୁସାନ୍ଦ୍ର; ଜଗନ୍ନାଥଙ୍କ ବିଶେଷଣ ।

Printed by D. Das, at the Dasharathi Press, Cuttack—1940